



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

୮୦ ତମ ସ୍ୱାଧୀନତା ଦିବସ

BHUBANESWAR ♦VOLUME- 44 ♦ISSUE-52 ♦SATURDAY ♦15 AUGUST 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୫୨ ♦ଶନିବାର ♦୧୫ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


### 'ସକାଳ'ର ଛୁଟି

ପବିତ୍ର ସ୍ୱାଧୀନତା ଦିବସ ଅବସରରେ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ୧୬ ତାରିଖ ସଂସ୍କରଣ ବନ୍ଦ ରହିବ । ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ (ସୋମବାର) ପ୍ରକାଶ ପାଇବ ।

-ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ

## ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର ହ୍ରାସ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

# ସର୍ବଦଳୀୟ ବୈଠକ, ସ୍ୱତନ୍ତ୍ର ଅଧିବେଶନ ବସୁ

**ସଂଶୋଧିତ ଆଇନ ବିରୋଧରେ ବିଧାନସଭାରେ ପାରିତ ହେଉ ସର୍ବସମ୍ମତ ପ୍ରସ୍ତାବ**

**ରାଜ୍ୟର ଆର୍ଥିକ ସ୍ୱାୟତ୍ତତାକୁ ଦୁର୍ବଳ କରିବ ଖଣିଜ ସମ୍ପଦରେ ସେସ୍ ଲାଗୁ କ୍ଷମତାରେ ଅଙ୍କୁଶ**

**ଓଡ଼ିଶାର ପ୍ରାକୃତିକ ସମ୍ପଦ ରାଜ୍ୟବାସୀଙ୍କର, ସଂଶୋଧିତ ବ୍ୟବସ୍ଥାରେ ଓଡ଼ିଶା ପ୍ରଭାବିତ ହେବ**

■ଭୁବନେଶ୍ୱର,୧୪।୮ (ସମିସ): ସଂସଦରେ ସଦ୍ୟ ପାରିତ ମାଇନ୍ସ ଆଣ୍ଡ ମିନେରାଲ୍ସ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ) ସଂଶୋଧନ ବିଲ୍, ୨୦୨୬କୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏହି ବିଲ୍ ଓଡ଼ିଶାର ଆର୍ଥିକ ସ୍ୱାୟତ୍ତତାରେ ଅଙ୍କୁଶ ଓ ଖଣିଜ ସମ୍ପଦ ଉପରେ ରାଜ୍ୟର ସାମ୍ବିଧାନିକ ଅଧିକାର ହ୍ରାସ ବୋଲି ଉଲ୍ଲେଖ କରି ଏଥିନିମନ୍ତେ ତୁରନ୍ତ ସର୍ବଦଳୀୟ ବୈଠକ ଓ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡ଼ାକିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ରାଜ୍ୟର ଆର୍ଥିକ ଅଧିକାର ହାନି ଆଶଙ୍କା ଥିବାରୁ ରାଜ୍ୟସଭାରେ ବିଜେଡି ସାଂସଦମାନେ ବିଲ୍‌କୁ ଦୃଢ଼ ବିରୋଧ କରିଥିଲେ; ମାତ୍ର କେନ୍ଦ୍ର ସରକାର ଏହି ବିଲ୍ ପାରିତ କରିଛନ୍ତି ବୋଲି ନବୀନ କହିଛନ୍ତି ।



ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ନବୀନ କହିଛନ୍ତି ଯେ ସଂଶୋଧିତ ବ୍ୟବସ୍ଥା ଦ୍ୱାରା ଖଣିଜ ସମୃଦ୍ଧ ରାଜ୍ୟ ଯଥା ଓଡ଼ିଶା ଭଳି ରାଜ୍ୟ ଅଧିକ ପ୍ରଭାବିତ ହେବ । ଏହା ଫଳରେ ରାଜ୍ୟ ବ୍ୟାପକ ରାଜସ୍ୱ ହରାଇବା ସହ ବିକାଶମୂଳକ କାର୍ଯ୍ୟକ୍ରମ ମଧ୍ୟ ପ୍ରଭାବିତ ହେବ । ଧାରା ୨ରେ ପରିବର୍ତ୍ତନ ମାଧ୍ୟମରେ କେନ୍ଦ୍ରର ନିୟନ୍ତ୍ରଣ କେବଳ ଖଣି ପରିଚାଳନାରେ ସୀମିତ ନ ରହି 'ଖଣିଜ ବହନକାରୀ ଜମି' ପର୍ଯ୍ୟନ୍ତ ବିସ୍ତାର କରାଯାଇଛି । ଏହା ରାଜ୍ୟର ଜମି ଓ ଆର୍ଥିକ ଅଧିକାର ଉପରେ କେନ୍ଦ୍ରର ହସ୍ତକ୍ଷେପ ବଢ଼ାଇବ । ସେହିପରି ଧାରା ୯-ଡି ଅନୁଯାୟୀ, କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ସର୍ତ୍ତ ବ୍ୟତୀତ ଖଣିଜ ଅଧିକାର କିମ୍ବା ଖଣିଜ ଭିତ୍ତିକ ଜମି ଉପରେ ରାଜ୍ୟ ସରକାର କର, ସେସ୍ କିମ୍ବା ସମାନ ପ୍ରକାରର ଶୁଳ୍କ ଲାଗୁ କରିପାରିବ ନାହିଁ । ଏଥିସହ ଧାରା ୧୩ ର ସଂଶୋଧନ ମାଧ୍ୟମରେ ଖଣିଜ ପଦାର୍ଥ ଉପରେ ରାଜ୍ୟର କର ଲାଗୁ କରିବାର କ୍ଷମତାକୁ ସୀମିତ କରିବା ପାଇଁ ନିୟମ ପ୍ରଣୟନର ଅଧିକାର କେନ୍ଦ୍ରକୁ ଦିଆଯାଇଛି । ▶ପୃଷ୍ଠା-୭

## ୨୦୨୭ ଜନଗଣନା ପାଇଁ ୪୦ଟି ପ୍ରଶ୍ନ

■ନୂଆଦିଲ୍ଲୀ,୧୪।୮ (ଏଜେନ୍ସି): ଆସନ୍ତା ୨୦୨୭ ମସିହା ଜନଗଣନାର ଜନସଂଖ୍ୟା ଗଣନା ପର୍ଯ୍ୟାୟ ପାଇଁ କେନ୍ଦ୍ର ସରକାର ୪୦ଟି ନିର୍ଦ୍ଦିଷ୍ଟ ପ୍ରଶ୍ନର ଭାଲିଡେସନ୍ ଓ ଅନୁମୋଦନ କରିଛନ୍ତି । ରେଜିଷ୍ଟ୍ରାର ଜେନେରାଲ୍ ଏବଂ ଜନଗଣନା କମିଶନର ମୃତ୍ୟୁଞ୍ଜୟ କୁମାର ନାରାୟଣଙ୍କ ଦ୍ୱାରା ଜାରି ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ଜନଗଣନା ଅଧିକାରୀମାନେ ପରିବାର ଅନୁସୂଚୀ (ହାଉସହୋଲ୍ଡ ସେଡ୍ୟୁଲ) ମାଧ୍ୟମରେ ଏହି ସବୁ ତଥ୍ୟ ସଂଗ୍ରହ କରିବେ । ଏହି ଜନଗଣନାରେ ଅନୁସୂଚିତ ଜାତି (ଏସ୍‌ସି), ଅନୁସୂଚିତ ଜନଜାତି (ଏସ୍‌ଟି) ଏବଂ ଅନ୍ୟାନ୍ୟ ଜାତି ସମ୍ପର୍କିତ ତଥ୍ୟ ସହିତ ମାତା-ପିତାଙ୍କ ବିବରଣୀ, ଭିନ୍ନକ୍ଷମତା, ଜନ୍ମସ୍ଥାନ, ପ୍ରବାସର କାରଣ ଓ ଅବଧି ଆଦି ପ୍ରଶ୍ନ ସାମିଲ ରହିଛି । ଏହା ବ୍ୟତୀତ ନାମ, ବୟସ, ଲିଙ୍ଗ, ବୈବାହିକ ସ୍ଥିତି, ଧର୍ମ, ମାତୃଭାଷା, ଶିକ୍ଷାଗତ ଯୋଗ୍ୟତା, ବୃତ୍ତି, ବ୍ୟାଙ୍କ ଆକାଉଣ୍ଟ, ମୋବାଇଲ୍ ନମ୍ବର, ଆଧାର ନମ୍ବର, ଭୋଟର ଆଇଡି, ପାସପୋର୍ଟ, ଡ୍ରାଇଭିଂ ଲାଇସେନ୍ସ ଏବଂ କୋଭିଡ୍-୧୯ ଟିକାକରଣ ସମ୍ପର୍କିତ ବିବରଣୀ ମଧ୍ୟ ସଂଗ୍ରହ କରାଯିବ । ମହିଳାମାନଙ୍କ କ୍ଷେତ୍ରରେ ସେମାନଙ୍କ ସନ୍ତାନସନ୍ତତି ସଂଖ୍ୟା ସମ୍ପର୍କରେ ମଧ୍ୟ ପଚରାଯିବ । ଜନଗଣନା ଆଇନ୍, ୧୯୪୮ ଅନୁଯାୟୀ ସରକାରୀ ଯୋଜନା ଓ ନୀତି ପ୍ରଣୟନକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ବିସ୍ତୃତ ତଥ୍ୟ ସଂଗ୍ରହ ପ୍ରକ୍ରିୟା ପରିଚାଳିତ ହେବ ।

**ଜାତି,ଆଧାର ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯିବ**

## ବିନୟତୋଷ ମିଶ୍ର କାର୍ଯ୍ୟକାରୀ ଡିଜି



**"ସବୁ ଜଗନ୍ନାଥଙ୍କ ଆଶୀର୍ବାଦ"**

■ ଭୁବନେଶ୍ୱର, ୧୪।୮ (ସମିସ): ପୁଲିସ ଡିଜି ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କ ଅବସର ପରେ କ୍ରାଇମ୍‌ବ୍ରାଞ୍ଚ ଡିଜି ତଥା ବରିଷ୍ଠ ଆଇପିଏସ୍ ଅଫିସର ବିନୟତୋଷ ମିଶ୍ର ହେବେ ପରବର୍ତ୍ତୀ ଡିଜି । ରାଜ୍ୟ ପୁଲିସରେ ଏହା ସ୍ଥାୟୀ ନିଯୁକ୍ତି ନୁହେଁ । ତାଙ୍କୁ କାର୍ଯ୍ୟକାରୀ ଡିଜି ଭାବେ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି । ତାଙ୍କ ନିଯୁକ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଅନୁମୋଦନ ଦେଇଛନ୍ତି । ପ୍ରକାଶ ସିଂ ଗାଇଡ ଲାଇନ୍‌ର ଉଲଙ୍ଘନ କରିବା ଅଭିଯୋଗରେ ରାଜ୍ୟ ସରକାରଙ୍କ ଡିଜିପି ଚୟନ ମାମଲା ସୁପ୍ରିମ୍‌କୋର୍ଟଙ୍କ ବିଚାରାଧୀନ ରହିଛି । ୟୁପିଏସ୍‌ସି ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଡିଜିପି ଚୟନ ନେଇ ୟୁପିଏସ୍‌ସିର ବୈଠକ ଉପରେ ସୁପ୍ରିମ୍‌କୋର୍ଟ ସମ୍ପୂର୍ଣ୍ଣ ଭାବେ ରୋକ ଲଗାଇଛନ୍ତି । ସ୍ଥାୟୀ ଡିଜିପି ଚୟନକୁ ନେଇ ଅଦାଲତି କଟକଣା ଲାଗିଥିଲା ▶ପୃଷ୍ଠା-୭

## ବ୍ଲକ୍ ଅଫିସରେ ବିଜେପି ନେତାଙ୍କ ଦାଦାଗିରି

# ଚେତା ହରାଇଲେ ମହିଳା ବିଡିଓ



ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର

■ କେନ୍ଦ୍ରାପଡ଼ା/ଡେରାବିଶ, ୧୪।୮ (ସମିସ): ରାଜ୍ୟର ସରକାରୀ କାର୍ଯ୍ୟାଳୟରେ ଶାସକ ବିଜେପି ନେତାଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି । ଗୋଟିକ ପରେ ଗୋଟିଏ ଘଟଣା ଅନୁରୂପ ଘଟଣା ଘଟି ଚାଲିଥିବାବେଳେ ଶୁକ୍ରବାର ଡେରାବିଶ୍ ବ୍ଲକ୍ କାର୍ଯ୍ୟାଳୟରେ ଶାସକ ଦଳର ନେତା ଓ କର୍ମୀଙ୍କ ଦାଦାଗିରିରେ ଅସ୍ତବ୍ୟସ୍ତ ହୋଇ ବିଡ଼ିଓ ନମିତା ବାରିକଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହୋଇଛି । ଅଶାଳୀନ ଗାଳି, କଟୁଭାଷା ଓ ମାନସିକ ଚାପରେ ବିଡିଓ ନମିତାଙ୍କ ରକ୍ତଚାପ ଏତେ ବଢ଼ି ଯାଇଥିଲା ଯେ ସେ ନିଜ ଚେୟାର ଉପରେ ଚେତାଶୂନ୍ୟ ▶ପୃଷ୍ଠା-୭


डाक जीवन बीमा
Postal Life Insurance
ग्रामीण डाक जीवन बीमा
Rural Postal Life Insurance
सत्यमेव जयते
Government of India
भारतीय डाक
डाक सेवा-जन सेवा
India Post
Dak Sewa-Jan Sewa

**ଡାକ ଜୀବନ ବୀମା ଓ ଗ୍ରାମୀଣ ଡାକ ଜୀବନ ବୀମା**

କମ୍ ପ୍ରିମିୟମ | ଅଧିକ ବୋନସ | ସୁରକ୍ଷିତ ଜୀବନ ସୁନିଶ୍ଚିତ ସମୃଦ୍ଧି



ଡାକ ଜୀବନ ବୀମା



ଗ୍ରାମୀଣ ଡାକ ଜୀବନ ବୀମା

**ବିଶେଷ ବୈଶିଷ୍ଟ୍ୟ**

- ସରକାର-ସମର୍ଥିତ ସୁରକ୍ଷା ଏବଂ ବିଶ୍ୱସନୀୟତା
- ଯେକୌଣସି ସରକାରୀ କର୍ମଚାରୀ ତଥା ସ୍ନାତକ/ ଡିପ୍ଲୋମା ପ୍ରମାଣପତ୍ରଧାରୀମାନେ ଡାକ ଜୀବନ ବୀମା କରିବା ପାଇଁ ଯୋଗ୍ୟ
- ଆୟକର ପ୍ରଦାନ କ୍ଷେତ୍ରରେ ପ୍ରିମିୟମ ଜମା ଉପରେ ରିହାତି
- ଗ୍ରାମୀଣ ଜନସାଧାରଣଙ୍କ ପାଇଁ ଗ୍ରାମୀଣ ଡାକ ଜୀବନ ବୀମା ଉପଲବ୍ଧ
- ଡାକ ଜୀବନ ବୀମା ଏବଂ ଗ୍ରାମୀଣ ଡାକ ଜୀବନ ବୀମା ପ୍ରିମିୟମ ଜମା ଉପରେ 0 % GST
- ଅନଲାଇନ ଏବଂ NACH ମାଧ୍ୟମରେ ପ୍ରିମିୟମ୍ ଦେୟ ପ୍ରଦାନ କରିବାର ସୁବିଧା
- ଋଣ ପ୍ରଦାନ ତଥା ଅବଧି ଓ ପ୍ରକାର ପରିବର୍ତ୍ତନ ବ୍ୟବସ୍ଥା

BHIM UPI
PhonePe G Pay
Paytm SBI Unipay
ମାଧ୍ୟମରେ କ୍ଷଣକରେ ନିଜର ପ୍ରିମିୟମ ଜମା କରିବାର ସୁବିଧା

#InsuranceHoTohPostalHo

ସବିଶେଷ ବିବରଣୀ ପାଇଁ ନିକଟସ୍ଥ ଡାକଘର ସହିତ ଯୋଗାଯୋଗ କରନ୍ତୁ
ୱେବ୍ ସାଇଟ୍: www.indiapost.gov.in
ଟେଲିଫୋନ: ୦୬୭୪-୨୩୯୫୧୯୩ / ଟୋଲ୍ ଫ୍ରି: ୧୮୦୦ ୨୬୬ ୬୮୬୮

ସୌଜନ୍ୟ: ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ, ଓଡ଼ିଶା ପରିମଣ୍ଡଳ, ଭୁବନେଶ୍ୱର- ୭୫୧୦୦୧



15001/88/2627

ସତ୍ୟମେବ ଜୟତେ



**ପବିତ୍ର ସ୍ୱାଧୀନତା ଦିବସ-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଓଡ଼ିଶାକୁ ଦେଶର ଏକ ବିକଶିତ ଓ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପରଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



**୮୦ତମ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଆମ ଦେଶର ପ୍ରତ୍ୟେକ ନାଗରିକ ମହାନ୍ ଭାରତୀୟ ମୌଳିକ ମୂଲ୍ୟବୋଧର ଆଦର୍ଶରେ ଅନୁପ୍ରାଣିତ । ସେହି ମୂଲ୍ୟବୋଧ ଆମକୁ ରାଷ୍ଟ୍ର ନିର୍ମାଣ ପାଇଁ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରିଚାଲିଛି । ରାଜ୍ୟର ସମୃଦ୍ଧି ଓ ଦେଶର ବିକାଶ ଆମ ସମସ୍ତଙ୍କ ଏକମାତ୍ର ଲକ୍ଷ୍ୟ ।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ଦିଗରେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0088

## ବାଂଲା ପ୍ରଧାନମନ୍ତ୍ରୀ ତାରିକ୍ ରହମାନ୍‌ଙ୍କ ପ୍ରଥମ ଭାରତ ଗସ୍ତ ଆସନ୍ତା ସପ୍ତାହରେ

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ବାଂଲାଦେଶରେ କ୍ଷମତାସୀନ ହେବା ପରେ ପ୍ରଧାନମନ୍ତ୍ରୀ ତାରିକ୍ ରହମାନ୍ ଆସନ୍ତା ସପ୍ତାହରେ ନିଜର ପ୍ରଥମ ଭାରତ ଗସ୍ତରେ ଆସିବେ। ଦୁଇ ଦିନିଆ ଏହି ଦ୍ୱିପାକ୍ଷିକ ଗସ୍ତ ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ। ଏହି ବୈଠକରେ ଦ୍ୱିପାକ୍ଷିକ ବାଣିଜ୍ୟ, ଆଞ୍ଚଳିକ ସୁରକ୍ଷା, ଜଳ ବଣ୍ଟନ, ଶକ୍ତି କ୍ଷେତ୍ରରେ ସହଯୋଗ ଓ ସୀମା ପରିଚାଳନା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଚର୍ଚ୍ଚା ହେବାର ସମ୍ଭାବନା ରହିଛି। ବିଶେଷ କରି ୧୯୯୬ ମସିହାର ଗଙ୍ଗା ଜଳ ବଣ୍ଟନ ଚୁକ୍ତିର ଅବଧି ଚଳିତ ବର୍ଷ ଡିସେମ୍ବରରେ ଶେଷ ହେବାକୁ ଯାଉଥିବାରୁ ଏହାର ନବୀକରଣ ପ୍ରସଙ୍ଗ ପ୍ରମୁଖ ସ୍ଥାନ ଗ୍ରହଣ କରିବ। ଏହାବ୍ୟତୀତ ଶେଖ୍ ହସିନାଙ୍କ ପ୍ରତ୍ୟାର୍ପଣ ଦାବିକୁ ନେଇ ସୃଷ୍ଟ ତିକ୍ତତା ମଧ୍ୟରେ ଏହି ଶୀର୍ଷସ୍ତରୀୟ ବୈଠକ ଦୁଇ ଦେଶର ସମ୍ପର୍କକୁ ପୁନଃ ସ୍ୱାଭାବିକ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ସାବ୍ୟସ୍ତ ହେବ।

## ଆର୍‌ଜି କର ମାମଲା: ପୂର୍ବତନ ଟିଏମ୍‌ସି ବିଧାୟକ ନିର୍ମଳ ଘୋଷଙ୍କୁ ଆକ୍ରମଣ, ଚପଲ, ଅଣ୍ଡା ମାଡ଼

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଆର୍‌ଜି କର ଦୁଷ୍କର୍ମ ଓ ହତ୍ୟା ମାମଲାର ପୀଡ଼ିତାଙ୍କ ଶବଦାହ ତରବରିଆ ଭାବେ କରିବା ଅଭିଯୋଗରେ ଗିରଫ ହୋଇଥିବା ପୂର୍ବତନ ତୃଣମୂଳ କଂଗ୍ରେସ ବିଧାୟକ ନିର୍ମଳ ଘୋଷଙ୍କୁ ଉତ୍ତ୍ୟକ୍ତ ଲୋକେ ଆକ୍ରମଣ କରିଛନ୍ତି। ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲାସ୍ଥିତ ଖରଦହ ଥାନା ବାହାରେ ପୁଲିସ ସୁରକ୍ଷା ବଳୟ ଭାଙ୍ଗି ଉତ୍ତ୍ୟକ୍ତ ଜନତା ତାଙ୍କ ଉପରକୁ ଚପଲ, ଅଣ୍ଡା ଓ କାଦୁଅ ମାଡ଼ କରିଛନ୍ତି। ନିର୍ମଳଙ୍କୁ କୋର୍ଟରେ ହାଜର କରିବା ପାଇଁ ନିଆଯାଉଥିବା ସମୟରେ ଏହି ଘଟଣା ଘଟିଥିଲା। ପୁଲିସ ରାପିଡ୍ ଆକ୍ସନ୍ ଫୋର୍ସ କର୍ମଚାରୀମାନେ ତାଙ୍କୁ ସୁରକ୍ଷା ଦେବା ପାଇଁ ହେଲମେଟ୍ ପିନ୍ଧାଇ ଗାଡ଼ି ନିକଟକୁ ନେଇଥିଲେ। ବାରାକପୁର କୋର୍ଟ ପରିସରରେ ମଧ୍ୟ ଲୋକମାନେ ତାଙ୍କ ବିରୋଧରେ ନାରାବାଜି କରିଥିଲେ। ଏହି ମାମଲାରେ ପୀଡ଼ିତାଙ୍କ ପିତାଙ୍କ ନୂତନ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଛି। ନିର୍ମଳ ଘୋଷ ଏବଂ ତାଙ୍କ ସହଯୋଗୀ ସଞ୍ଜୀବ ମୁଖାର୍ଜୀ ତରବରିଆ ଭାବେ ଶବଦାହ କରାଇଥିବା ଅଭିଯୋଗ ହୋଇଛି।

## ବ୍ରିକ୍ସ ସମ୍ମିଳନୀ ପାଇଁ ଭାରତ ଆସିବେ ଇରାନ ରାଷ୍ଟ୍ରପତି ପେଜେସ୍କିଆନ୍

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ସାମରିକ ଓ କୂଟନୈତିକ ଉତ୍ତେଜନା ମଧ୍ୟରେ ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ସେପ୍ଟେମ୍ବର ମାସରେ ଭାରତ ଗସ୍ତ କରିବେ। ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀରେ ସେ ଯୋଗଦେବେ ବୋଲି ଇରାନ ସୂତ୍ରରୁ ପ୍ରକାଶ ପାଇଛି। ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ଇରାନ ଆଶାପ୍ରକଟ କରିଛି। ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି ଯେ ସାମରିକ ପନ୍ଥା ନୁହେଁ, ବରଂ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ସମ୍ଭବ। ଭାରତର କୂଟନୈତିକ ହସ୍ତକ୍ଷେପକୁ ଇରାନ ସ୍ୱାଗତ କରିବ। ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏବଂ ହର୍ମୁଜ୍ ପ୍ରଣାଳୀର ସୁରକ୍ଷା ନେଇ ମଧ୍ୟ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ହୋଇଛି। ୨୦୨୪ରେ ଇରାନ ବ୍ରିକ୍ସର ପୂର୍ଣ୍ଣ ସଦସ୍ୟତା ହାସଲ କରିଥିଲା।

## ସ୍ୱାମୀଙ୍କ ବନ୍ଧୁକରୁ ଗୁଳିକରି ମହିଳାଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଉତ୍ତର ପ୍ରଦେଶର ସାହାରନପୁର ଜିଲ୍ଲାରେ ଜଣେ କନଷ୍ଟେବଲଙ୍କ ସ୍ତ୍ରୀ ସ୍ୱାମୀଙ୍କ ସରକାରୀ ବନ୍ଧୁକରୁ ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଥିବା ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସଦର ବଜାର ଥାନା ଅନ୍ତର୍ଗତ ହକିକତ ନଗର ଅଞ୍ଚଳରେ କନଷ୍ଟେବଲ ଟିଙ୍କୁ ସିଂହ ନିଜ ପରିବାର ସହ ଭଡ଼ା ଘରେ ରହୁଥିଲେ। ସ୍ୱାମୀ ଗାଧୋଉଥିବା ସମୟରେ ତାଙ୍କ ୩୨ ବର୍ଷୀୟା ସ୍ତ୍ରୀ ସବିତା ସରକାରୀ ବନ୍ଧୁକରୁ ନିଜ ବେକକୁ ଗୁଳି ମାରିଥିଲେ। ଗୁଳି ଶବ୍ଦ ଶୁଣି ପଡ଼ୋଶୀମାନେ ରୁଣ୍ଡ ହୋଇଥିଲେ ମଧ୍ୟ ଘଟଣାସ୍ଥଳରେ ହିଁ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଘଟଣାର ଖବର ପାଇ ସାହାରନପୁର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଅଭିନନ୍ଦନ ସିଂହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପାରିବାରିକ କଳହ କିମ୍ବା ମାନସିକ ତ୍ରାସ ଭଳି ସମସ୍ତ ସମ୍ଭାବ୍ୟ କାରଣକୁ ନେଇ ପୁଲିସ ସ୍ୱାମୀ, ପଡ଼ୋଶୀ ଓ ଘରମାଲିକଙ୍କୁ ପଚରାଉଚରା ଜାରି ରଖିଛି।

## ବିକଶିତ ଭାରତ ୨୦୪୭ ପାଇଁ ରାଷ୍ଟ୍ରପତିଙ୍କ ଆହ୍ୱାନ

# ସନ୍ତ୍ରାସବାଦ ବିରୋଧୀ ପଦକ୍ଷେପ ଓ ଆର୍ଥିକ ଅଭିବୃଦ୍ଧିକୁ ଗୁରୁତ୍ୱ



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଭାରତର ୮୦ତମ ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଭାରତ ଭାବେ ଗଢ଼ିତୋଳିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଦେଶ ଦ୍ରୁତ ଗତିରେ ଅଗ୍ରସର ହେଉଥିବା ବେଳେ ସେ ଜାତୀୟ ସୁରକ୍ଷା, ଅର୍ଥନୀତି ଏବଂ ସାମାଜିକ ନ୍ୟାୟ କ୍ଷେତ୍ରରେ ସରକାରଙ୍କ ପ୍ରାଥମିକତା ଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି। ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଆତଙ୍କବାଦକୁ ପ୍ରଶ୍ରୟ ଦେଉଥିବା ଦେଶ ବିରୋଧରେ ସିନ୍ଧୁ ଜଳ ଚୁକ୍ତିର ସ୍ଥଗିତାଦେଶକୁ ଏକ ନିର୍ଣ୍ଣାୟକ ଓ ସାହସିକ ପଦକ୍ଷେପ ଭାବେ ବର୍ଣ୍ଣନା କରିଥିଲେ। ଏହି ନିଷ୍ପତ୍ତି ବିଶେଷ କରି ଭାରତୀୟ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିଆଯାଇଥିବା ସେ କହିଛନ୍ତି। ସେ ଚେତାବନୀ ଦେଇଛନ୍ତି ଯେ, ଆତଙ୍କବାଦୀ ଏବଂ ସେମାନଙ୍କୁ ସମର୍ଥନ କରୁଥିବା ବ୍ୟକ୍ତିମାନେ ଯେଉଁଠି ଲୁଚିଲେ ମଧ୍ୟ ସେମାନଙ୍କୁ କଠୋର ପରିଣାମ ଭୋଗିବାକୁ ପଡ଼ିବ। 'ଅପରେସନ ସିନ୍ଦୂର' ଭାରତୀୟ ସଶସ୍ତ୍ର ବାହିନୀର ଶତ୍ରୁ ଉପରେ ସଠିକ ଆକ୍ରମଣ କରିବାର କ୍ଷମତାର ପ୍ରମାଣ ବୋଲି ସେ ପ୍ରକାଶ କରିଛନ୍ତି। ସ୍ୱାଧୀନତା ଦିବସ ଅବସରରେ ସେ ସାମରିକ ଓ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀର କର୍ମଚାରୀଙ୍କ ପାଇଁ ୭୮ଟି ବୀରତ୍ୱ ପୁରସ୍କାର ମଧ୍ୟ ଅନୁମୋଦନ କରିଛନ୍ତି। ବିଶ୍ୱସ୍ତରୀୟ ଅସ୍ଥିରତା ଏବଂ ଯୁଦ୍ଧ ପରିସ୍ଥିତି ସତ୍ତ୍ୱେ ଭାରତର ଅର୍ଥନୀତି ବିଶ୍ୱର ହାରାହାରି ଅଭିବୃଦ୍ଧି ହାରଠାରୁ ୨ ଗୁଣ ଅଧିକ ବେଗରେ ବୃଦ୍ଧି ପାଉଛି। ଗତ ଏକ ଦଶନ୍ଧିରେ ଦେଶର ୨୫ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିଛନ୍ତି। ଏହା ବ୍ୟତୀତ ଜନ ଧନ ଯୋଜନା ଅଧୀନରେ ୫୯ କୋଟିରୁ ଅଧିକ ବ୍ୟାଙ୍କ ଖାତା ଖୋଲାଯାଇଛି। ସେମାନଙ୍କ ମଧ୍ୟରେ ୩୨ କୋଟିରୁ ଅଧିକ ମହିଳା ରହିଛନ୍ତି। ୮୦ କୋଟି ହିତାଧିକାରୀଙ୍କୁ ମାଗଣା ରାସନ ଜରିଆରେ ଖାଦ୍ୟ ସୁରକ୍ଷା ନିଶ୍ଚିତ କରାଯାଉଛି। ଆୟୁଷ୍ମାନ ଭାରତ ଯୋଜନାରେ ୬୦ କୋଟି ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଦେଶକୁ ନକ୍ସଲମୁକ୍ତ କରିବାକୁ ରାଷ୍ଟ୍ରପତି ଏକ ବଡ଼ ସଫଳତା ଭାବେ ଦର୍ଶାଇଛନ୍ତି। ବିଶେଷକରି ବସ୍ତର ଭଳି ଅଞ୍ଚଳରେ ଦ୍ରୁତ ବିକାଶ ଓ ସାଂସ୍କୃତିକ ପରିବର୍ତ୍ତନ ହେଉଥିବା ସେ ଉଲ୍ଲେଖ କରିଛନ୍ତି। ନ୍ୟାୟିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ, ସମ୍ବଳ ଅଭାବରୁ କେହି ନ୍ୟାୟରୁ ବଞ୍ଚିତ ନ ହେବା ନ୍ୟାୟିକ ଅଧିକାରୀମାନେ ସୁନିଶ୍ଚିତ କରିବା ଉଚିତ୍। ଭାରତ ଆଜି ବିଶ୍ୱର ଡିଜିଟାଲ କାରବାର କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ବିଶ୍ୱର ଅଧାରୁ ଅଧିକ ରିଅଲ-ଟାଇମ ଡିଜିଟାଲ କାରବାର କେବଳ ଭାରତରେ ହେଉଛି। ଏହି ଅବସରରେ ରାଷ୍ଟ୍ରପତି ଯୁବପିଢ଼ିଙ୍କୁ ଦେଶର ସବୁଠାରୁ ବଡ଼ ସମ୍ପତ୍ତି ଭାବେ ବର୍ଣ୍ଣନା କରିଥିଲେ। ଏଥିସହ ପରୀକ୍ଷା ପରିଚାଳନାରେ ସଂସ୍କାର ନିମନ୍ତେ ସରକାରଙ୍କ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ଏଥିସହିତ ସେ ଦେଶରେ ଖେଲୋ ଇଣ୍ଡିଆର ସକରାତ୍ମକ ଦିଗ ବିଷୟରେ ଆଲୋକପାତ କରିଥିଲେ। ଲକ୍ଷପତି ଦିଦି, ମାଁ ପାଇଁ ଗଛଟିଏ ଭଳି ଲୋକାଭିମୁଖୀ ପଦକ୍ଷେପର ସେ ପ୍ରଶଂସା କରିଥିଲେ। ଅଭିଭାଷଣର ଶେଷରେ ରାଷ୍ଟ୍ରପତି ଆଜିର ଦିନକୁ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ଭାବେ ମନେ ପକାଇଥିଲେ। ସେ ଦେଶର ଅଖଣ୍ଡତା ତଥା ସମ୍ବିଧାନର ମୂଲ୍ୟବୋଧକୁ ବଜାୟ ରଖିବାକୁ ସମସ୍ତ ନାଗରିକଙ୍କୁ ଆହ୍ୱାନ କରିଛନ୍ତି।

## ବିଦେଶରେ ଆକ୍ରମଣ: ୫ ବର୍ଷରେ ୭ ଗୁଣ ବୃଦ୍ଧି ପାଇଲା ଭାରତୀୟଙ୍କ ଉପରେ ହିଂସା

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ବିଦେଶରେ ରହୁଥିବା ଭାରତୀୟ ନାଗରିକଙ୍କ ସୁରକ୍ଷାକୁ ନେଇ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ଗତ ୫ ବର୍ଷ ମଧ୍ୟରେ ବିଦେଶରେ ଭାରତୀୟଙ୍କ ଉପରେ ଆକ୍ରମଣ ଘଟଣା ପ୍ରାୟ ୭ ଗୁଣ ବୃଦ୍ଧି ପାଇଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ରାଜ୍ୟସଭାରେ ପ୍ରକାଶ କରିଛି। ମନ୍ତ୍ରଣାଳୟ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ୨୦୨୧ରେ ୧୫ଟି ଆକ୍ରମଣ ମାମଲା ସାମ୍ନାକୁ ଆସିଥିବା ବେଳେ ୨୦୨୫ରେ ଏହା ବୃଦ୍ଧି ପାଇ ୧୦୪ରେ ପହଞ୍ଚିଛି। ୨୦୨୧ରୁ ୨୦୨୫ ମଧ୍ୟରେ ସମୁଦାୟ ୩୦୨ଟି ହିଂସାକାଣ୍ଡ ଘଟିଛି। ସର୍ବାଧିକ ଆକ୍ରମଣ ମାମଲା ଆମେରିକା (୩୩), ୟୁଏଇ (୩୨), ବ୍ରିଟେନ୍ (୩୧), କାନାଡ଼ା (୩୦), ଆୟରଲାଣ୍ଡ (୨୪), ରୁଷ (୨୩) ଏବଂ ଜର୍ମାନୀ (୧୯) ଭଳି ଦେଶଗୁଡ଼ିକରେ ରେକର୍ଡ କରାଯାଇଛି। ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ କହିଛନ୍ତି ଯେ ବିଦେଶରେ ଭାରତୀୟ ନାଗରିକଙ୍କ ସୁରକ୍ଷା ସରକାରଙ୍କ ପ୍ରାଥମିକତା। ଭାରତୀୟ ଦୂତାବାସଗୁଡ଼ିକ ଏହିପରି ଘଟଣା ଉପରେ ନଜର ରଖିଛନ୍ତି ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଦେଶର ପ୍ରଶାସନ ସହ ଆଲୋଚନା କରୁଛନ୍ତି।

● ରାସ୍ତାରେ ଚନ୍ଦ୍ର ଓ ମଙ୍ଗଳର ଗର୍ତ୍ତ!

## ମହାକାଶଚାରୀ ବେଶରେ ଶତାଧିକ ଲୋକଙ୍କ ଅଭିନବ ପ୍ରତିବାଦ

ଜୟପୁର, ୧୪।୮ (ଏଜେନ୍ସି): ବିନା ମହାକାଶ ଯାତ୍ରାରେ ଚନ୍ଦ୍ରପୃଷ୍ଠର ଅନୁଭୂତି! ରାଜସ୍ଥାନର ଜୟପୁରସ୍ଥିତ ଝୋଟୱାଡ଼ା ଅଞ୍ଚଳରେ ଖରାପ ରାସ୍ତା ଓ ବଡ଼ ବଡ଼ ଖାଲଖମାକୁ ନେଇ ସ୍ଥାନୀୟ ଅଧିବାସୀମାନେ ଏକ ଅଭିନବ ପ୍ରତିବାଦ କରିଛନ୍ତି। ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ବାସିନ୍ଦା ଏକାଠି ହୋଇ ରାସ୍ତାରେ ଥିବା ପାଣିପୂର୍ଣ୍ଣ ଖାଲଗୁଡ଼ିକୁ ଚନ୍ଦ୍ରପୃଷ୍ଠର ଗାତ (କ୍ରେଟର) ସହ ତୁଳନା କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଝୋଟୱାଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋକୁଳପୁରାର ପ୍ରତାପ ସର୍କଲ ରାସ୍ତାରେ ଗୁରୁବାର ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ଧରି ଏହି ପ୍ରଦର୍ଶନ ଚାଲିଥିଲା। ପ୍ରତିବାଦକାରୀଙ୍କ ମଧ୍ୟରୁ ଦୁଇଜଣ ଜଣ ମହାକାଶଚାରୀ ପୋଷାକ ପିନ୍ଧି ରାସ୍ତାରେ ଜମିଥିବା ବର୍ଷା ପାଣି ଓ ବଡ଼ ବଡ଼ ଖାଲ ମଧ୍ୟରେ ଚାଲିଥିଲେ। ଏହା ସହିତ ଏକ ନକଲି ରକେଟ୍ ମଧ୍ୟ ରଖାଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବର୍ଷା ଦ୍ୱାରା ରାସ୍ତାଘାଟ ଓ ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଧାୟକ ତଥା ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂହ ରାଠୋର, ସାଂସଦ ରାଓ ରାଜେନ୍ଦ୍ର ସିଂହ ଏବଂ ଜୟପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଗତ ତିନି ମାସ ହେଲା ଚେଷ୍ଟା କରି ନିରାଶ ହେବା ପରେ ସେମାନେ ଏହି ବ୍ୟଙ୍ଗାତ୍ମକ ପ୍ରତିବାଦର ପନ୍ଥା ଆପଣେଇଛନ୍ତି। ସମସ୍ୟାର ଗାମ୍ଭୀର୍ଯ୍ୟକୁ ଦର୍ଶାଇ ପ୍ରତିବାଦକାରୀମାନେ କହିଛନ୍ତି ଯେ ଖାଲଗୁଡ଼ିକ ଚନ୍ଦ୍ର ଓ ମଙ୍ଗଳ ଗ୍ରହର ଗାତ ପରି ଦେଖାଯାଉଥିବାରୁ ମହାକାଶ ଯାତ୍ରା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ। ଅପରପକ୍ଷରେ, ସମ୍ପୃକ୍ତ ଅଞ୍ଚଳରେ ଡ୍ରେନେଜ୍ ଓ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇସାରିଛି ଏବଂ ମୌସୁମୀ ବର୍ଷା ଶେଷ ହେବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି।


## ସାବରକରଙ୍କୁ ଅସମ୍ମାନ ମାମଲା ରଦ୍ଦ କଲେ ସୁପ୍ରିମକୋର୍ଟ



ରାହୁଲ ଗାନ୍ଧୀଙ୍କୁ ବଡ଼ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସାବରକରଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଚାଲିଥିବା ଅପରାଧିକ ଅବମାନନା ମାମଲାକୁ ଶୁକ୍ରବାର ସୁପ୍ରିମ୍ କୋର୍ଟ ରଦ୍ଦ କରିଛନ୍ତି। ନିମ୍ନ ଅଦାଲତ ପକ୍ଷରୁ ଜାରି ହୋଇଥିବା ସମନ୍‌କୁ ଖାରଜ କରି ସୁପ୍ରିମକୋର୍ଟ ଲୋକସଭାର ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଏକ ବଡ଼ ଆଇନଗତ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ବିଚାରପତି ଦୀପଙ୍କର ଦତ୍ତ ଏବଂ ବିଚାରପତି ଶୀଲ ନାଗୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ, ଏହି ଅଭିଯୋଗ ପାଇଁ ଆବଶ୍ୟକୀୟ ଆଇନଗତ ମଞ୍ଜୁରି ନିଆଯାଇ ନଥିଲା। ଉତ୍ତର ପ୍ରଦେଶ ସରକାର ଏବଂ ଅଭିଯୋଗକାରୀଙ୍କ ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ ମଧ୍ୟ ମଞ୍ଜୁରି ଅଭାବର ସ୍ପଷ୍ଟ ସୂଚନା ମିଳିବା ପରେ କୋର୍ଟ ନିମ୍ନ ଅଦାଲତର ସମସ୍ତ ନିର୍ଦ୍ଦେଶ ଓ ଅଭିଯୋଗକୁ ପ୍ରତ୍ୟାହାର କରିନେଇଛନ୍ତି। ସୂଚନାଯୋଗ୍ୟ, ଏହି ବିବାଦୀୟ ମାମଲାଟି ୨୦୨୨ ନଭେମ୍ବର ୧୭ ତାରିଖର ଅଟେ। ମହାରାଷ୍ଟ୍ରର ଅକୋଲା ଜିଲ୍ଲାରେ 'ଭାରତ ଯୋଡ଼ ଯାତ୍ରା' ସମୟରେ ଏକ ସମାବେଶକୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ ସାବରକରଙ୍କ ସମ୍ପର୍କରେ କେତେକ ମନ୍ତବ୍ୟ ଦେଇଥିଲେ। ଏହି ମନ୍ତବ୍ୟ ଦ୍ୱାରା ସାବରକରଙ୍କୁ ଯୋଜନାବଦ୍ଧ ଭାବେ ଅପମାନିତ କରାଯାଇଛି ବୋଲି ଅଭିଯୋଗ କରି ଆଇନଜୀବୀ ନୃପେନ୍ଦ୍ର ପାଣ୍ଡେ ଏକ ଅପରାଧିକ ମାମଲା ଦାୟର କରିଥିଲେ। ଏହି ମାମଲାରେ ନିମ୍ନ ଅଦାଲତ ରାହୁଲଙ୍କୁ ହାଜର ହେବା ପାଇଁ ସମନ୍ ଜାରି କରିଥିଲେ। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ୨୦୨୫ ଏପ୍ରିଲ୍ ୪ରେ ଲକ୍ଷ୍ନୌ ଖଣ୍ଡପୀଠ ଏଥିରେ ହସ୍ତକ୍ଷେପ ନକରି ସେସନ୍ସ କୋର୍ଟକୁ ଯିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ନିଷ୍ପତ୍ତିକୁ ସୁପ୍ରିମ୍ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସୁପ୍ରିମ୍‌କୋର୍ଟଙ୍କ ଏହି ଆଦେଶ ପରେ ରାହୁଲଙ୍କ ବିରୋଧରେ ଚାଲିଥିବା ଏକ ପ୍ରମୁଖ ଆଇନଗତ ବିବାଦର ଅନ୍ତ ଘଟିଛି।

## ଭାରତକୁ ପୁଣି ପାକ୍ ପ୍ରଧାନମନ୍ତ୍ରୀଙ୍କ ଧମକ



ଇସଲାମାବାଦ, ୧୪।୮ (ଏଜେନ୍ସି): ୧୯୬୦ ମସିହାର ସିନ୍ଧୁ ନଦୀ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ଭାରତ ସ୍ଥଗିତ ରଖିବା ନିଷ୍ପତ୍ତିକୁ ନେଇ ପାକିସ୍ତାନ ପୁଣି ଥରେ ବିବାଦ ସୃଷ୍ଟି କରିବାକୁ ଚେଷ୍ଟା କରିଛି। ଇସଲାମାବାଦରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଭାରତକୁ ଚେତାବନୀ ଦେଇ କହିଛନ୍ତି ଯେ ପାକିସ୍ତାନର ପ୍ରତ୍ୟେକ ଟୋପା ଜଳ ସେମାନଙ୍କ ପାଇଁ ଜୀବନ ରେଖା ବା 'ଲାଲ୍ ରେଖା' (ରେଡ୍ ଲାଇନ୍) ଏବଂ ଜଳ ଅଧିକାରରେ କୌଣସି ଆଞ୍ଚ ଆସିଲେ ଏହାର ପ୍ରତ୍ୟକ୍ଷ ଜବାବ ଦିଆଯିବ। ଶେହବାଜ ଶରିଫ ନିଜ ଦେଶକୁ ଶାନ୍ତିର ପକ୍ଷଧର ଭାବେ ଦର୍ଶାଇବା ସହ ଏହି ଶାନ୍ତି କାମନାକୁ ଦୁର୍ବଳତା ନ ଭାବିବାକୁ କହିଛନ୍ତି। ଭାରତ ଏକପାଖିଆ ଓ ବେଆଇନ ଭାବେ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖି ଶାନ୍ତିର ଶତ୍ରୁ ପାଲଟିଛି ବୋଲି ସେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୫ ଏପ୍ରିଲ ମାସରେ ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନାଗରିକ ପ୍ରାଣ ହରାଇଥିଲେ। ଏହି ପାକିସ୍ତାନ ପ୍ରଯୋଜିତ ଆତଙ୍କବାଦୀ ଆକ୍ରମଣର ପ୍ରତିଜବାବରେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିଲା। ଚୁକ୍ତି ସ୍ଥଗିତ ହେବା ପରଠାରୁ ଭାରତ ସିନ୍ଧୁ, ଜେଲମ ଓ ଚେନାବ ନଦୀର ଜଳସ୍ତର ସମ୍ପର୍କିତ ତଥ୍ୟ ପାକିସ୍ତାନକୁ ଦେବା ବନ୍ଦ କରିଦେଇଛି। ଏହି ତଥ୍ୟ ବର୍ଷା ସମୟରେ ବନ୍ୟା ସୂଚନା ପାଇଁ ପାକିସ୍ତାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା।

## ଜାପାନରେ ଗୋଟିଏ ଘଣ୍ଟାରେ ମାସକର ବର୍ଷା

ଟୋକିଓ, ୧୪।୮ (ଏଜେନ୍ସି): ଜାପାନ ରାଜଧାନୀ ଟୋକିଓ ନିକଟସ୍ଥ ଚିବା ପ୍ରଦେଶରେ ଗୁରୁବାର ରାତିରେ ମାତ୍ର ଗୋଟିଏ ଘଣ୍ଟାରେ ୧୧୫ ମିଲିମିଟର ବର୍ଷା ହୋଇଛି, ଯାହା ସାଧାରଣତଃ ସମ୍ପୂର୍ଣ୍ଣ ଅଗଷ୍ଟ ମାସରେ ହୋଇଥାଏ। ଏହି ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଏପର୍ଯ୍ୟନ୍ତ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ନାରିତା ବିମାନବନ୍ଦରରେ ୭ ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀ ରାତିସାରା ଫସି ରହିଛନ୍ତି। ପରିସ୍ଥିତିର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ପ୍ରଥମ ଥର ପାଇଁ ଏହି ଅଞ୍ଚଳରେ ସର୍ବୋଚ୍ଚ 'ଲେଭଲ-୫' ବିପଦ ସଙ୍କେତ ଜାରି କରାଯାଇଛି। ବର୍ଷା ଯୋଗୁଁ ୪୫,୦୦୦ରୁ ଅଧିକ ଘରେ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଛି ଏବଂ ୪ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେନାବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ବନ୍ୟା

■ ୪ ମୃତ, ବିମାନବନ୍ଦରରେ ୭ ହଜାର ଯାତ୍ରୀ ଫସିଲେ
■ ପ୍ରଥମ ଥର ପାଇଁ ସର୍ବୋଚ୍ଚ ସତର୍କସୂଚନା ଜାରି

ପାଣିରେ ଗାଡ଼ି ଫସିଯିବା ଓ ରାସ୍ତାରେ ପାଣି ଜମିବା କାରଣରୁ ଲୋକମାନେ ପ୍ରାଣ ହରାଇଛନ୍ତି। ଚିବା ପ୍ରଦେଶର ରାଜ୍ୟପାଳ ତୋଷିହିତୋ କୁମାଗାଇ ଏହାକୁ ଐତିହାସିକ ଓ ଅତ୍ୟନ୍ତ ଭୟାନକ ପରିସ୍ଥିତି ବୋଲି କହିଛନ୍ତି। ସେ କହିଛନ୍ତି ଯେ ତାଙ୍କ ଜୀବନରେ ସେ କେବେ ଏପରି ବିପର୍ଯ୍ୟୟ ଦେଖିନଥିଲେ। ଗତ ୧୫ ଦିନ ମଧ୍ୟରେ ଜାପାନରେ 'ଡଲଫିନ୍', 'ଚାନ-ହୋମ୍' ଓ 'ପିଲୋ' ନାମକ ତିନୋଟି ବଡ଼ ସାମୁଦ୍ରିକ ଝଡ଼ ଆସିବା ଫଳରେ ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପ୍ରଭାବ ଦେଖିବାକୁ ମିଳିଛି। ଶୁକ୍ରବାର ବର୍ଷାର ପରିମାଣ କମିଥିଲେ ହେଁ ବନ୍ୟା ଓ ଭୂସ୍ଖଳନର ବିପଦ ଏବେ ବି ଟଳିନାହିଁ। ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବା ସହ ସୁରକ୍ଷିତ ସ୍ଥାନରେ ରହିବାକୁ ଅନୁରୋଧ କରାଯାଇଛି।


● ଫୁକେଟ୍-ଦିଲ୍ଲୀ ବିମାନ ଦୁର୍ଘଟଣା

## ହାଇଡ୍ରୋଲିକ୍ ସିଷ୍ଟମ୍ ଫେଲ୍ ହେବାରୁ ୪ ସେକେଣ୍ଡ ପାଇଁ ନିୟନ୍ତ୍ରଣ ହରାଇଥିଲେ ପାଇଲଟ୍

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଏୟାର ଇଣ୍ଡିଆର ଫୁକେଟ୍-ଦିଲ୍ଲୀ ବିମାନ ଗତ ଅଗଷ୍ଟ ୪ ତାରିଖରେ ଆକାଶମାର୍ଗରେ ହଠାତ୍ ୩୦୦ ଫୁଟ୍ ତଳକୁ ଖସିପଡ଼ିଥିଲା। ଏହି ଘଟଣାରେ ଏୟାରବସ୍‌ର ପ୍ରାରମ୍ଭିକ ତଦନ୍ତରୁ ପ୍ରକାଶ ଯେ, ବିମାନର ତିନୋଟିଯାକ ହାଇଡ୍ରୋଲିକ୍ ସିଷ୍ଟମ୍ ଏକାସଙ୍ଗରେ ଅଚଳ ହୋଇଯିବାରୁ ପାଇଲଟ୍ ପ୍ରାୟ ୪ ସେକେଣ୍ଡ ପାଇଁ ନିୟନ୍ତ୍ରଣ ହରାଇଥିଲେ। ଏହି ଦୁର୍ଘଟଣାରେ ୨୪ ଜଣ ଯାତ୍ରୀ ଓ ବିମାନ କର୍ମଚାରୀ ଆହତ ହୋଇଥିଲେ। ହାଇଡ୍ରୋଲିକ୍ ସିଷ୍ଟମ୍ ବନ୍ଦ ହେବା ସହ ଅଟୋପାଇଲଟ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା, ଯାହାଫଳରେ ପାଇଲଟ୍‌ଙ୍କ ନିୟନ୍ତ୍ରଣ କାମ କରିନଥିଲା। ତେବେ କିଛି ସେକେଣ୍ଡ ପରେ ସିଷ୍ଟମ୍ ପୁଣି ସକ୍ରିୟ ହେବାରୁ ପାଇଲଟ୍ ବିମାନକୁ ନିୟନ୍ତ୍ରଣକୁ ଆଣି ଦିଲ୍ଲୀରେ ସୁରକ୍ଷିତ ଅବତରଣ କରାଇଥିଲେ। ଅନ୍ୟପଟେ ତଦନ୍ତରୁ ଜଣାପଡ଼ିଛି ଯେ, ବିମାନର ଜଣେ ପାଇଲଟ୍ ଗଞ୍ଜେଇ ସେବନ କରିଥିଲେ। ଏହି ଘଟଣା ପରେ ଏୟାର ଇଣ୍ଡିଆ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ନିଜର ସମସ୍ତ ୫, ୦୦୦ରୁ ଊର୍ଦ୍ଧ୍ୱ ପାଇଲଟ୍‌ଙ୍କ ପାଇଁ ନିୟମିତ ନିଶାଦ୍ରବ୍ୟ ଯାଞ୍ଚ ବାଧ୍ୟତାମୂଳକ କରିଛନ୍ତି।

## ନାଲ୍‌ସାର୍ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

# ବାର୍ କାଉନସିଲକୁ ସମାଲୋଚନା କଲେ ପ୍ରଧାନ ବିଚାରପତି



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ହାଇଦରାବାଦ ସ୍ଥିତ ନାଲସାର୍ ଆଇନ୍ ବିଶ୍ୱବିଦ୍ୟାଳୟର ୨୦୨୬ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଓକିଲାତି ପଞ୍ଜୀକରଣ ଉପରେ କଟକଣା ଲଗାଯାଇଛି। ଏନେଇ ଭାରତୀୟ ବାର୍ କାଉନ୍ସିଲକୁ (ଆଇବିସି) କଡ଼ା ଭାଷାରେ ସମାଲୋଚନା କରିଛନ୍ତି ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ। ବାର୍ କାଉନସିଲର ଏହି ଆଦେଶକୁ 'ସମ୍ପୂର୍ଣ୍ଣ ଅନାବଶ୍ୟକ' ବୋଲି ଦର୍ଶାଇ, ଛାତ୍ର କିମ୍ବା ଅଧ୍ୟାପକଙ୍କ ବିରୋଧରେ କୌଣସି ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ନ ନେବାକୁ ସୁପ୍ରିମ୍‌କୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ନାଲସାର୍‌ର ୨୦୨୬ ବ୍ୟାଚ୍‌ର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯିବା ନିଷ୍ପତ୍ତିକୁ ପ୍ରାୟ ୪୫୦ରୁ ଅଧିକ ଛାତ୍ରଛାତ୍ରୀ ବିରୋଧ କରିଥିଲେ। ଏହି ପ୍ରତିବାଦ ପରେ ଭାରତୀୟ ବାର୍ କାଉନ୍ସିଲ୍‌ର ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କ ନେତୃତ୍ୱରେ କାଉନ୍ସିଲ ସମସ୍ତ ରାଜ୍ୟ ବାର୍ କାଉନ୍ସିଲ୍‌ଗୁଡ଼ିକୁ ନାଲସାର୍‌ର ୨୦୨୬ ବ୍ୟାଚ୍‌ର ସ୍ନାତକମାନଙ୍କୁ ଆଇନଜୀବୀ ଭାବେ ପଞ୍ଜୀକରଣ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ବାର୍ କାଉନ୍ସିଲ କିଛି ଘଣ୍ଟା ମଧ୍ୟରେ ନିଜ ନିଷ୍ପତ୍ତି ବଦଳାଇ ଏହି ଆଦେଶକୁ ପ୍ରତ୍ୟାହାର କରିନେଇଥିଲା। ଏହି ପ୍ରସଙ୍ଗକୁ ନେଇ ଦାୟର ହୋଇଥିବା ଜରୁରୀ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ବାର୍ କାଉନ୍ସିଲର ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି। ମୁଖ୍ୟ ବିଚାରପତି ମୌଖିକ ଭାବେ କହିଛନ୍ତି ଯେ, 'ଛାତ୍ରଛାତ୍ରୀଙ୍କର ପ୍ରତିବାଦ କରିବାର ଅଧିକାର ରହିଛି। ଏହା ମୋ ଏବଂ ଛାତ୍ରମାନଙ୍କ ମଧ୍ୟରେ ଏକ ଆଲୋଚନା। ଏଥିରେ ବାର୍ କାଉନ୍ସିଲର ଭୂମିକା କ'ଣ ସେମାନେ ଅନାବଶ୍ୟକ ଭାବେ ହସ୍ତକ୍ଷେପ କରୁଛନ୍ତି।'

### 'କକ୍ରୋଚ୍' ମନ୍ତବ୍ୟକୁ ନେଇ ସ୍ପଷ୍ଟୀକରଣ

ସୁପ୍ରିମକୋର୍ଟରେ ଶୁଣାଣି ସମୟରେ ଦେଇଥିବା ମୌଖିକ ମନ୍ତବ୍ୟକୁ ବିକୃତ କରି ସୋସିଆଲ ମିଡିଆରେ ଭୁଲ୍ ଭାବେ ପ୍ରସାରିତ କରାଯାଇଛି ବୋଲି ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ କହିଛନ୍ତି। ଦେଶର ଯୁବପିଢ଼ିଙ୍କୁ ବିଭ୍ରାନ୍ତ କରିବା ପାଇଁ ଏକ ମନ୍ଦ ଉଦ୍ଦେଶ୍ୟ ରଖି ଏହି ମନ୍ତବ୍ୟକୁ ଅପବ୍ୟବହାର କରାଯାଇଥିବା ସେ ପ୍ରକାଶ କରିଛନ୍ତି। 'ଡିଡି ନିଉଜ୍'କୁ ଦେଇଥିବା ଏକ ସାକ୍ଷାତକାରରେ ପ୍ରଧାନ ବିଚାରପତି କହିଛନ୍ତି ଯେ କୋର୍ଟ କାର୍ଯ୍ୟାନୁଷ୍ଠାନର ଛୋଟ ଛୋଟ ଭିଡିଓ କ୍ଲିପ୍‌କୁ ବିନା ସମ୍ପୂର୍ଣ୍ଣ ପ୍ରସଙ୍ଗରେ ସୋସିଆଲ ମିଡିଆରେ ଭାଇରାଲ କରାଯାଉଛି। ସୂଚନାଯୋଗ୍ୟ, ଗତ ମେ ୧୫ରେ ଏକ ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତି ଜାଲ୍ ଡିଗ୍ରୀ ହାସଲ କରି ସୋସିଆଲ ମିଡିଆ ଓ ଆରଟିଆଇ ଆକ୍ଟିଭିଷ୍ଟ ସାଜିଥିବା କିଛି ବ୍ୟକ୍ତିଙ୍କୁ 'କକ୍ରୋଚ' ବା ଅସରପା ସହ ତୁଳନା କରିଥିଲେ।

## ୧୩, ୦୦୦ କୋଟିର ଡ୍ରଗ୍ସ କାରବାର: ବୀରେନ୍ଦ୍ର ବସୋୟା ଦୁବାଇରୁ ପ୍ରତ୍ୟାର୍ପିତ

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ୧୩,୦୦୦ କୋଟି ଟଙ୍କାର ବୃହତ୍ ଡ୍ରଗ୍ସ କାରବାରର ମୁଖ୍ୟ ଅଭିଯୁକ୍ତ ବୀରେନ୍ଦ୍ର ସିଂହ ବସୋୟାଙ୍କୁ ଦୁବାଇରୁ ଭାରତ ଆଣିବାରେ ସଫଳ ହୋଇଛି ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)। ଅନ୍ତର୍ଜାତୀୟ ପୁଲିସ ସଂସ୍ଥାର ରେଡ୍ ନୋଟିସ୍ ଆଧାରରେ ତାଙ୍କୁ ସଂଯୁକ୍ତ ଆରବ ଏମିରେଟ୍ସରେ ଗିରଫ କରାଯାଇଥିଲା। ବସୋୟା ୨୦୨୩ରୁ ଦେଶଛାଡ଼ି ଫେରାର୍ ଥିଲେ ଏବଂ ବିଦେଶରେ ରହି ଏହି ଅନ୍ତର୍ଜାତୀୟ ଡ୍ରଗ୍ସ ଗ୍ୟାଙ୍ଗର ପରିଚାଳନା କରୁଥିଲେ। ୨୦୨୪ରେ ଦିଲ୍ଲୀ, ପଞ୍ଜାବ ଓ ଗୁଜରାଟର ଅଙ୍କଲେଶ୍ୱର ସ୍ଥିତ ଔଷଧ କାରଖାନାରୁ ବିପୁଳ ପରିମାଣର କୋକେନ୍, ମେଫେଡ୍ରୋନ୍ ଓ ଗଞ୍ଜେଇ ଜବତ କରାଯାଇଥିଲା। ସମୁଦାୟ ୧,୨୮୯ କିଲୋଗ୍ରାମରୁ ଊର୍ଦ୍ଧ୍ୱ ବିପୁଳ ନିଶାଦ୍ରବ୍ୟ ଜବତ ହେବା ସହ ଏହି ମାମଲାରେ ୧୪ ଜଣଙ୍କୁ ଗିରଫ କରାଯାଇଥିଲା। ବିଦେଶରୁ ସମୁଦ୍ର ଓ ବିମାନ ପଥରେ ଆସୁଥିବା ଏହି ନିଶାଦ୍ରବ୍ୟକୁ ଔଷଧ ଓ ଖାଦ୍ୟ ସାମଗ୍ରୀର ପ୍ୟାକେଟ୍‌ରେ ଲୁଚାଇ ବିଭିନ୍ନ ସହରକୁ ପଠାଯାଉଥିଲା। ଏହି ବେଆଇନ କାରବାରରେ ବସୋୟାଙ୍କ ପୁଅ ଓ ଭାଇ ମଧ୍ୟ ସାମିଲ ଥିବା ଜଣାପଡ଼ିଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହି ସଫଳତାକୁ ନିଶାଦ୍ରବ୍ୟ ବିରୋଧରେ ଜାତୀୟ ନୀତିର ଏକ ବଡ଼ ବିଜୟ ବୋଲି କହିଛନ୍ତି। ବିଦେଶରେ ଲୁଚି ରହିଥିବା ଅପରାଧୀମାନଙ୍କୁ ଆଇନର ପରିସରଭୁକ୍ତ କରିବା ପାଇଁ ଭାରତୀୟ ସଂସ୍ଥାଗୁଡ଼ିକର ଏହା ଏକ ପ୍ରଶଂସନୀୟ ପଦକ୍ଷେପ।

## ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ

# ଚାରି ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ରଣନୀତି



- ଚାଷୀ ପଞ୍ଜୀକରଣ, ଏସ୍ଆଇଆର୍‌କୁ ନେଇ ଉଦ୍‌ବେଗ
- ବହି ତ୍ରୁଟି, ଏମ୍ଏମ୍‌ଡିଆର୍ ସଂଶୋଧନ ଚିନ୍ତାଜନକ
- ରାଜ୍ୟର ବିଜେପି ସାଂସଦଙ୍କ ନୀରବତାକୁ ନେଇ ପ୍ରଶ୍ନ

ଭୁବନେଶ୍ୱର,୧୪।୮ (ସମିସ): ସାମ୍ପ୍ରତିକ ସମୟର ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରଙ୍ଗରେ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛି ବିଜେଡି। ନବୀନ ନିବାସରେ ଦଳର ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇଛି। ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ହାନି ସମୟରେ ବିଜେଡି ନିରବ ରହିପାରିବ ନାହିଁ ଏବଂ ଏହି ପ୍ରସଙ୍ଗରେ ସାରା ରାଜ୍ୟରେ ଜନ ଆନ୍ଦୋଳନ ସୃଷ୍ଟି କରିବାକୁ ନବୀନ ଦଳୀୟ ନେତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପିଏସି ବୈଠକରେ ମୁଖ୍ୟତଃ ଚାଷୀ ପ୍ରସଙ୍ଗ, ଖଣି ବିଲ, ଶିକ୍ଷା ଅବ୍ୟବସ୍ଥା, ଏସ୍ଆଇଆର୍, ପଞ୍ଚାୟତ ନିର୍ବାଚନ ଓ ସାଂଗଠନିକ ବିଷୟରେ ଆଲୋଚନା ହୋଇଛି। ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ ବ୍ୟବସ୍ଥାରେ ଭାଗ ଚାଷୀ ମାନେ ଯେପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେଥିରେ ସଭ୍ୟମାନେ ଉଦବେଗ ପ୍ରକାଶ କରିବା ସହ ଚାଷୀଙ୍କ ସ୍ୱାର୍ଥ ସହ ନ ଖେଳିବା ପାଇଁ ସରକାରଙ୍କୁ ସତର୍କ କରିଦେଇଛନ୍ତି। ଅନୁରୂପ ଭାବରେ ନିକଟରେ ସଂସଦରେ ଗୃହୀତ ଏମଏମଡିଆର ବିଲ ଯୋଗୁ ଓଡିଶା ବ୍ୟାପକ କ୍ଷତି ସହିବ। ଏ ବିଷୟ ନେଇ ସଭ୍ୟ ମାନେ ଚିନ୍ତା ପ୍ରକଟ କରିବା ସହ ଓଡିଶାର ସ୍ୱାର୍ଥ ପାଇଁ ବିଜେଡି ଏଥିପାଇଁ ଆଇନ ଗତ ପଦକ୍ଷେପ ନେବା ସହ ରାସ୍ତାକୁ ଓହ୍ଲାଇବ ବୋଲି ନିଷ୍ପତ୍ତି ହୋଇଛି। ଏହାସହିତ ଏସ୍ଆଇଆର୍‌ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ କମ୍ ଦିନରେ ଶେଷ ହେବ। ତେଣୁ ଯେପରି ଯୋଗ୍ୟ ଭୋଟର ତାଲିକାରୁ କେହି ବାଦ ନ ପଡିବେ ସେଥିପ୍ରତି ସଜାଗ ରହିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ପୁନଶ୍ଚ ପଞ୍ଚାୟତ ନିର୍ବାଚନ ପାଇଁ ରଣକୌଶଳ ପ୍ରସ୍ତୁତି ସହ ବ୍ଲକ ଓ ପଞ୍ଚାୟତ ସ୍ତରୀୟ କମିଟି ଗଠନ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଚରମ ଅବ୍ୟବସ୍ଥା ଆଜି ସାରା ରାଜ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ପିଲାମାନଙ୍କୁ ସଂଶୋଧିତ ପୁସ୍ତକ ଯୋଗାଇବାରେ ବିଫଳ ହୋଇଥିବାରୁ ଏଥିପାଇଁ ଉତ୍ତରଦାୟିତ୍ୱ ଦାବି କରି ଆଗାମୀ ଦିନରେ ବିଜେଡି ତାର ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ମଧ୍ୟ ଆଲୋଚନା ହୋଇଛି।

ସୂଚନା ଅନୁସାରେ ନିକଟରେ ସଂସଦରେ ପାରିତ ହୋଇଥିବା ସଂଶୋଧିତ ଏମ୍ଏମ୍‌ଡିଆର୍ ଆକ୍ଟରେ ରାଜ୍ୟର ଆର୍ଥିକ ସାର୍ବଭୌମତ୍ୱ ଉପରେ କେନ୍ଦ୍ର ସରକାର ଅଙ୍କୁଶ ଲଗାଇଛନ୍ତି। ଅନୁରୂପ ଭାବରେ ସ୍କୁଲ ପିଲାଙ୍କ ପଢ଼ା ବହିରେ ହଜାର ହଜାର ତ୍ରୁଟିବିଚ୍ୟୁତି ରାଜ୍ୟର ଭବିଷ୍ୟତକୁ ଶେଷ କରିବାକୁ ଉଦ୍ୟମ ବୋଲି ମନେ କରାଯାଉଛି। ସେହିପରି ଚାଷୀ ପଞ୍ଜିକରଣରେ ସୃଷ୍ଟି ହୋଇଥିବା ସମସ୍ୟା ରାଜ୍ୟର କୋଟିକୋଟି ଅନ୍ନଦାତାଙ୍କ ପେଟରେ ଲାତ ପରି ହୋଇଛି। କ୍ରମବର୍ଦ୍ଧିଷ୍ଣୁ ଚାଷୀ ସମସ୍ୟା ଓ ପାଠ୍ୟ ପୁସ୍ତକ ତ୍ରୁଟିକୁ ନେଇ ସରକାରଙ୍କ ବିରୋଧରେ ଆନ୍ଦୋଳନ ଜୋରଦାର କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

ପିଏସି ବୈଠକରେ ଉପସ୍ଥିତ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗଣମାଧ୍ୟମକୁ କହିଛନ୍ତି ଯେ ସରକାର ଏବେ ଚାଷୀଙ୍କଠାରୁ ଅଧିକ ଧାନ କିଣିବାକୁ ଚାହୁଁ ନାହାନ୍ତି। ଏଥିପାଇଁ ବିଭିନ୍ନ ଫନ୍ଦି କରାଯାଉଛି। ଚାଷୀଙ୍କୁ ଯେପରି ପୂର୍ବଭଳି ପଞ୍ଜିକରଣ ସୁବିଧା ମିଳୁଥିଲା ଏବେ ସମାନ ବ୍ୟବସ୍ଥା ଲାଗୁ କରିବା ଉପରେ ସରକାରଙ୍କ ଉପରେ ଚାପ ପକାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ମହିଳାମାନଙ୍କ ବିରୋଧୀ ବିଜେପି ସରକାର ବିରୋଧରେ ବିଜେଡି ତୀବ୍ର ବିରୋଧ କରିବ ବୋଲି ସେ କହିଛନ୍ତି।

ବୈଠକରେ ଉପସ୍ଥିତ ଅନ୍ୟତମ ପିଏସି ସଦସ୍ୟ ତଥା ବିଜେଡି ସଂସଦୀୟ ଦଳର ନେତା ମାନସ ମଙ୍ଗରାଜ କହିଛନ୍ତି ଯେ ଏମ୍ଏମ୍‌ଡିଆର୍ ଆକ୍ଟ ସଂଶୋଧନ ଦ୍ୱାରା ଓଡ଼ିଶା ବର୍ଷକୁ ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର କ୍ଷତି ସହିବ। ଏହି ପ୍ରସଙ୍ଗରେ ବିଜେପିର ୨୦ ଜଣ ସାଂସଦ ସଂସଦରେ ନିରବ ରହିବା ଅତ୍ୟନ୍ତ କ୍ଷୋଭର ବିଷୟ। ବିଜେଡି ଏହି ବିଲ୍‌କୁ ବିରୋଧ କରିଛି ଓ ସଂସଦରେ ଦୃଢ଼ ପ୍ରତିବାଦ କରିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜନେସ୍ ଆଡ୍‌ଭାଇଜରୀ କମିଟିରେ ମଧ୍ୟ ସେ ଏହି ପ୍ରସଙ୍ଗ ଉତ୍ଥାପନ କରିବା ସହ ଏହି ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବାକୁ କରିଥିବା ଦାବିରେ ସରକାର ସହମତ ହୋଇଥିଲେ ହେଁ ସଂସଦରେ ଏହାକୁ ବଳପୂର୍ବକ ଧ୍ୱନୀମତରେ ପାସ୍ କରାଇ ଦିଆଯାଇଛି। ଏହାଦ୍ୱାରା ଓଡ଼ିଶା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବ ଓ ଏହା ବିରୋଧରେ ଜୋରଦାର ଲଢ଼େଇ ପାଇଁ ରଣନୀତି ପ୍ରସ୍ତୁତ ହୋଇଛି ବୋଲି ସେ କହିଛନ୍ତି। ବୈଠକରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ଉପସଭାପତି ପ୍ରଣବ ପ୍ରକାଶ ଦାସ, ପୂର୍ବତନମନ୍ତ୍ରୀ ତଥା ବିଧାୟକ ନିରଞ୍ଜନ ପୂଜାରୀ, ସଞ୍ଜୟ ଦାସ ବର୍ମା, ଟୁକୁନୀ ସାହୁ, ବିକ୍ରମ କେଶରୀ ଆରୁଖ୍, ସୁଦାମ ମାର୍ଣ୍ଡି, ସାଂସଦ ଡଃ ସଂତୃପ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରୁ ମାଈ ହାତୀର ମୃତଦେହ ଉଦ୍ଧାର



ଜଗନ୍ନାଥପୁର,୧୪।୮ (ସମିସ): ଅନୁଗୋଳ ଜିଲ୍ଲା ଜଗନ୍ନାଥପୁର ପଞ୍ଚାୟତ ଜଗନ୍ନାଥପୁର ଗାଁ ବଡ଼ଘାଇ ପୋଖରୀରୁ ଶୁକ୍ରବାର ଏକ ମାଈ ଛୁଆ ହାତୀର ମୃତଦେହ ଉଦ୍ଧାର କରାଯାଇଛି। ଅପରାହ୍ନ ପ୍ରାୟ ୩ଟାରେ ସ୍ଥାନୀୟ ଲୋକେ ପୋଖରୀରେ ମୃତ ହାତୀ ଭାସୁଥିବା ଦେଖିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀର ମୃତ୍ୟୁ କିପରି ହେଲା, ତାହାର କାରଣ ସ୍ପଷ୍ଟ ହୋଇନାହିଁ। ବନ ବିଭାଗ ପକ୍ଷରୁ ଏ ନେଇ ତଦନ୍ତ କରାଯାଉଛି। ହାତୀଟି କେଉଁଠାରୁ ଆସିଥିଲା ଏବଂ କେତେ ସମୟ ଧରି ପୋଖରୀ ନିକଟରେ ଥିଲା, ସେ ନେଇ ମଧ୍ୟ ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଉଛି। ତଦନ୍ତ ଓ ଆବଶ୍ୟକ ପରୀକ୍ଷା ପରେ ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।




## ପୁଣି ତେଜିଲା ରେଭେନ୍ସା ବିବାଦ

# ୱାର୍ଡେନ ଅଦଳବଦଳ ନିଷ୍ପତ୍ତି ପ୍ରତ୍ୟାହାର ଦାବି

କଟକ, ୧୪।୮ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲ ସମସ୍ୟାକୁ ନେଇ ହୋଇଥିବା ଛାତ୍ର ଅନଶନରୁ ବିଧାୟକ-ଅଧ୍ୟାପକ ବିବାଦ ପୁଣି ତେଜିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତିଙ୍କ



ପକ୍ଷରୁ ଗତ ୧୨ ତାରିଖରେ ସମସ୍ତ ହଷ୍ଟେଲର ୱାର୍ଡେନଙ୍କ ଅଦଳ ବଦଳ ସହିତ ଚିଫ ୱାର୍ଡେନ ଓ ଡେପୁଟି ୱାର୍ଡେନଙ୍କୁ ପଦରୁ ହଟାଯିବା ନେଇ ଜାରି ହୋଇଥିବା ବିଜ୍ଞପ୍ତିକୁ ନେଇ ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ(ରୁଟା) ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଆଜି ମୂଳ ପ୍ରସଂଗ ସହ ୱାର୍ଡେନ ଅଦଳ ବଦଳକୁ ନେଇ ରେଭେନ୍ସା କୁଳପତିଙ୍କୁ ଭେଟିଛନ୍ତି ରୁଟାର କର୍ମକର୍ତ୍ତା। ଅଦଳବଦଳ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବା ସହ ପୂର୍ବରୁ ଦାୟିତ୍ୱରେ ଥିବା ଚିଫ୍ ୱାର୍ଡେନଙ୍କ ସମେତ ସମସ୍ତ ୱାର୍ଡେନଙ୍କୁ ପୂର୍ବ ଭଳି ହଷ୍ଟେଲ ଦାୟିତ୍ୱ ପ୍ରଦାନ ପାଇଁ ରୁଟା ଦାବି ଜଣାଇଛି। ସେହିଭଳି

**■ ସଦର ବିଧାୟକଙ୍କ ସିନେଟ ସଦସ୍ୟତା ପ୍ରତ୍ୟାହାର ପାଇଁ ରେଭେନ୍ସା ବିକାଶ ଅଭିଯାନର ସ୍ମାରକପତ୍ର**

ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ବ୍ୟାପାରରେ ରାଜନୈତିକ ବ୍ୟକ୍ତିଙ୍କ ହସ୍ତକ୍ଷେପ କେଉଁ ଭଳି ହେବ ଅବା ନହେବ ସେନେଇ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉ ବୋଲି ସଂଘ ଦାବି କରିଛି। କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ପକ୍ଷରୁ ପୂର୍ବତନ ଚିଫ୍ ୱାର୍ଡେନ ପ୍ରଫେସର ସୁଦର୍ଶନ ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତିଙ୍କୁ ଯେଉଁ ଚିଠି ଲେଖାଯାଇଥିଲା ତାହା ପ୍ରତ୍ୟାହାର କରିବା ବିଧାୟକଙ୍କ ବିବେକ ଉପରେ ନିର୍ଭର କରେ। ଏଥିପାଇଁ ରୁଟା ପକ୍ଷରୁ ତାଙ୍କୁ ବାଧ୍ୟ କରାଯାଇପାରିବ ନାହିଁ ବୋଲି କହିଛନ୍ତି ରୁଟାର ସଂଯୋଜକ ନେତାଜୀ ଅଭିନନ୍ଦନ। କୁଳପତିଙ୍କ ସହ ରୁଟା ପ୍ରତିନିଧି ଦଳର ଦୀର୍ଘ ସମୟ ଆଲୋଚନା ହୋଇଛି। ସମସ୍ତ ଘଟଣା ସମ୍ପର୍କରେ କୁଳାଧିପତି ତଥା ରାଜ୍ୟପାଳ ଓ ଉଚ୍ଚଶିକ୍ଷା ବିଭାଗକୁ ବିସ୍ତୃତ ରିପୋର୍ଟ ଦିଆଯାଇଥିବା ନେଇ କୁଳପତି କହିଛନ୍ତି।

ଅନ୍ୟପଟରେ, ସ୍ୱାଭାବିକ ପ୍ରଶାସନିକ ଅଦଳ ବଦଳ ଆଳରେ ରାଜନୈତିକ ଚାପ ଆଗରେ ନଇଁ ବିଧାୟକଙ୍କ ଅସୌଜନ୍ୟ ମୂଳକ ଆଚରଣର ଦୃଢ଼ ପ୍ରତିବାଦ କରିଥିବା ଅଧ୍ୟାପକ ଅଧ୍ୟାପିକାଙ୍କୁ ବିଭିନ୍ନ ହଷ୍ଟେଲ ଦାୟିତ୍ୱରୁ କୁଳପତି ଅନ୍ତର କରିଛନ୍ତି। ଏଭଳି ନିଷ୍ପତ୍ତିକୁ ରେଭେନ୍ସା ବିକାଶ ଅଭିଯାନ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏଥିସହ ରେଭେନ୍ସା ସିନେଟ୍ ସଭ୍ୟ ଭାବରେ ହୋଇଥିବା ସଦର ବିଧାୟକଙ୍କ ମନୋନୟନକୁ ତୁରନ୍ତ ପ୍ରତ୍ୟାହାର କରିବାପାଇଁ ଆଜି ସଂଗଠନ ପକ୍ଷରୁ ରାଜ୍ୟ ବିଧାନସଭାର ବାଚସ୍ପତିଙ୍କୁ କଟକ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ଓଡ଼ିଶାରୁ ୧୭ ଜଣ ପାଇବେ ପୁଲିସ ପଦକ

ଭୁବନେଶ୍ୱର,୧୪।୮ (ସମିସ): ସାହସିକତା, ଉଲ୍ଲେଖନୀୟ ଓ ପ୍ରଶଂସନୀୟ ସେବା ପାଇଁ ଓଡ଼ିଶା ପୁଲିସର ୧୭ ଜଣଙ୍କୁ ପଦକ ପ୍ରଦାନ କରାଯିବ। ଓଡ଼ିଶା ପୁଲିସ ସେବାର ୧୭ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ ସାହସିକତା ପାଇଁ 'ପୁଲିସ ପଦକ', ଉଲ୍ଲେଖନୀୟ ସେବା ପାଇଁ ୨ ଜଣଙ୍କୁ 'ରାଷ୍ଟ୍ରପତି ପୁଲିସ ପଦକ' ଏବଂ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ୧୦ ଜଣଙ୍କୁ 'ପୁଲିସ ପଦକ'ରେ ସମ୍ମାନିତ କରାଯିବ। ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା, କାରାଗାର ସଂସ୍କାର ସେବା ବର୍ଗରେ ମଧ୍ୟ ପଦକ ତାଲିକା ଘୋଷଣା କରାଯାଇଛି।

ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୁଲିସ ପଦକ ପାଇବାକୁ ଆଇପିଏସ ଅଫିସର ସଞ୍ଜୀବ ପଣ୍ଡା ଓ ଡିଏସପି ସ୍ମିତାରାଣୀ ମହାନ୍ତି ମନୋନୀତ ହୋଇଛନ୍ତି। ସାହସିକତା ପୁଲିସ ପଦକ ପାଇଁ ସବ୍

**ଡିଜି ସଞ୍ଜୀବ ପଣ୍ଡା ଓ ଡିଏସ୍‌ପି ସ୍ମିତାରାଣୀ ମହାନ୍ତିଙ୍କୁ ରାଷ୍ଟ୍ରପତି ପୁଲିସ ପଦକ**

ଇନ୍ସପେକ୍ଟର ମନ୍ମଥ କୁମାର ମହାପାତ୍ର, ହାବିଲଦାର ନିରାକାର ଭୁଏ, କମାଣ୍ଡୋ ସନ୍ତୋଷ ଗୁରୁଙ୍ଗ, ସୁମନ ପୁନ, ସୁରେଶ ଚନ୍ଦ୍ର ପୁତା ମନୋନୀତ ହୋଇଛନ୍ତି। ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ରାଜ୍ୟରୁ ପୁଲିସ ପଦକ ପାଇବାକୁ ମନୋନୀତ ୧୦ଜଣ ହେଲେ ଡିଏସପି ମନୋରଞ୍ଜନ ପାଇକରାୟ, ସୁରେଶ କୁମାର ବଳ, ଇନ୍ସପେକ୍ଟର ଗୀତାଞ୍ଜଳି ପଣ୍ଡା, ଡେପୁଟି କମାଣ୍ଡାଣ୍ଟ ଭବେଶ କୁମାର ନାୟକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପରେଶ କୁମାର ମିନତୀ ନନ୍ଦନ ପତି, କନଷ୍ଟେବଳ ଶ୍ୟାମଳି ବିଶ୍ୱାସ, ସବ୍ ଇନ୍ସପେକ୍ଟର ବରୁଣ କୁମାର ନାୟକ, ହାବିଲଦାର ସୁବାଷ ଚନ୍ଦ୍ର ତ୍ରିନାଥ ଗୌଡ, କନଷ୍ଟେବଳ ମୁସ୍ତାକ ଅଲ୍ଲି ଖାନ୍, ଦାବିଲଦାର ପ୍ରଶାନ୍ତ କୁମାର ବିଶ୍ୱାଳ। ରାଜ୍ୟରେ ଅଗ୍ନିଶମ, ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ସେବା ଏବଂ କାରାଗାର ସଂସ୍କାର ସେବା ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୬ ଜଣଙ୍କୁ ପଦକ ପ୍ରଦାନ କରାଯିବ। ଅଗ୍ନିଶମ ବର୍ଗରେ ଉଲ୍ଲେଖନୀୟ ସେବା ପାଇଁ ଜଣଙ୍କୁ ରାଷ୍ଟ୍ରପତି ପଦକ ଏବଂ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ଡ୍ରାଇଭର ହାବିଲଦାର ନୁଏଲ କେରକେଟା, ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର ଅମିତାଭ ରାଜଙ୍କୁ ପୁଲିସ ପଦକ ମିଳିବ। ସେହିପରି ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ସେବା ବର୍ଗରେ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ହୋମଗାର୍ଡ ଅଭିରାମ ସେଠୀଙ୍କୁ ପଦକ ମିଳିବ। ସେହିପରି ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ କାରାଗାର ସଂସ୍କାର ସେବା ବର୍ଗରେ ଚିଫ୍ ୱାର୍ଡର ପ୍ରମୋଦ କୁମାର ସ୍ୱାଇଁ ଏବଂ ୱାର୍ଡର ବିଶ୍ୱନାଥ ପଣ୍ଡାଙ୍କୁ ପଦକ ମିଳିବ।



# ୧୭ରୁ ୩୧ ପର୍ଯ୍ୟନ୍ତ କୁଷ୍ଠରୋଗ ଚିହ୍ନଟ ଅଭିଯାନ

ଅନୁଗୋଳ, ୧୪।୮ (ସମିସ)

କୁଷ୍ଠମୁକ୍ତଭାରତ ଲକ୍ଷ୍ୟନେଇଆସନ୍ତା୧୭ରୁ ୩୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ କୁଷ୍ଠରୋଗ ଚିହ୍ନଟ ଅଭିଯାନ ଅନୁଷ୍ଠିତ ହେବ। ଏହି ଅଭିଯାନର ସଫଳ କାର୍ଯ୍ୟକାରିତା ପାଇଁ ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ୧୭ ତାରିଖରୁ ଆଶାକର୍ମୀମାନେ ଘରକୁ ଘର ଯାଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ ଏବଂ କୁଷ୍ଠ ରୋଗ ସନ୍ଦେହ ଥିବା ବ୍ୟକ୍ତିମାନଙ୍କୁ



**ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମନ୍ୱୟ କମିଟି ବୈଠକ**

ଚିହ୍ନଟ କରିବେ ବୋଲି ବୈଠକରେ ସ୍ଥିର ହୋଇଛି। ଚିହ୍ନଟ ହୋଇଥିବା ବ୍ୟକ୍ତିମାନଙ୍କୁ ୩ ଦିନ ମଧ୍ୟରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ କୁଷ୍ଠ ରୋଗରେ ଆକ୍ରାନ୍ତ ନିଶ୍ଚିତ ହେଲେ ଏମଡିଟି ଦ୍ୱାରା ମାଗଣାରେ ଚିକିତ୍ସା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣିମା ଉଦଗାତା, ଅତିରିକ୍ତ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ଡବ୍ଲ୍ୟୁଏଚ୍ଓ ଡା. ଶ୍ୟାମବନ୍ଧୁ ରଥଙ୍କ ସମେତ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ, କୁଷ୍ଠ ରୋଗ ନିବାରଣ ବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଲେପ୍ରସି ପରାମର୍ଶଦାତା ଡା. ସୂର୍ଯ୍ୟନାରାୟଣ ଦତ୍ତ ଓ ଏଡିପିଏଚ୍ଏସଓ ପୁଷ୍ପଲତା ପ୍ରଧାନ ବୈଠକ ପରିଚାଳନା କରିଥିଲେ।

**● ଗୁରୁତର ଅପରାଧ ମାମଲାରେ ଉଲ୍ଲେଖନୀୟ ତଦାରଖ**

# ପାଲଲହଡ଼ା ଏସଡିପିଓଙ୍କୁ ଡିଜିପିଙ୍କ ପ୍ରଶଂସାପତ୍ର



କଣିହାଁ, ୧୪।୮ (ସମିସ): ପୁଲିସ ବିଭାଗରେ କର୍ତ୍ତବ୍ୟନିଷ୍ଠା, ଦାୟିତ୍ୱବୋଧ ଓ ତଦାରଖ କ୍ଷମତା ପାଇଁ ପାଲଲହଡ଼ା ଏସଡିପିଓ କୈଳାସ ଚନ୍ଦ୍ର ସେଠୀଙ୍କୁ ଡିଜିପି ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଯାଜପୁର ଜିଲ୍ଲାରେ ସୁପରଭିଜନ ଅଫିସର ଭାବେ କାର୍ଯ୍ୟରତ ଥିବା ସମୟରେ ସେ ଗୁରୁତର ଅପରାଧ ମାମଲାର ତଦନ୍ତକୁ ତଦାରଖ କରିବା ସହ ତଦନ୍ତ ଅଧିକାରୀଙ୍କୁ ଆବଶ୍ୟକ ଦିଗଦର୍ଶନ ଦେଇଥିଲେ। ଯାଜପୁର ଜିଲ୍ଲାରେ ତାଙ୍କ ସୁପରଭିଜନରେ ଦୁଇଟି ଗୁରୁତର ଦୁଷ୍କର୍ମ ମାମଲାର ତଦନ୍ତରେ ସେ ଦାୟିତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏହି ଦୁଇ ମାମଲାରେ ଆଇନଗତ ପ୍ରକ୍ରିୟା ଆଗକୁ ବଢ଼ିବା ପରେ ଅଭିଯୁକ୍ତମାନଙ୍କ ବିରୋଧରେ ଦୋଷ ସିଦ୍ଧି ହୋଇଥିଲା। ଏହି ଉଲ୍ଲେଖନୀୟ କାର୍ଯ୍ୟର ସ୍ୱୀକୃତି ସ୍ୱରୂପ ପୁଲିସ ଡିଜିଙ୍କ ପକ୍ଷରୁ ଏସଡିପିଓ ସେଠୀଙ୍କୁ ଦୁଇଟି ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଏହି ସ୍ୱୀକୃତି ତାଙ୍କ ପାଇଁ ଗର୍ବର ବିଷୟ ଓ ଆଗାମୀ ଦିନରେ ଅଧିକ ନିଷ୍ଠା, ସତର୍କତା ଓ ଦାୟିତ୍ୱବୋଧର ସହ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇଛି ବୋଲି ଏହି ଅବସରରେ ଏସ୍‌ଡିପିଓ ସେଠୀ କହିଛନ୍ତି।

# ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ

କିଶୋରନଗର, ୧୪।୮ (ସମିସ): ରାଜ୍ୟଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଶୁକ୍ରବାର ଆଠମଲ୍ଲିକ ଗସ୍ତ କରିଛନ୍ତି। ତାଙ୍କୁ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହାଙ୍କ ସମେତ ବିଜେପି କାର୍ଯ୍ୟକର୍ତ୍ତାଙ୍କ ତରଫରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।



**● ଡିଜିପି ଡିସ୍କ ପ୍ରଦାନ ଉତ୍ସବ**

# ଅନୁଗୋଳ ଏସ୍‌ପି ରାହୁଲ୍ ଜୈନ୍ ସମ୍ମାନିତ



ଅନୁଗୋଳ, ୧୪।୮ (ସମିସ): ଅନୁଗୋଳ ଏସ୍‌ପି ରାହୁଲ ଜୈନ୍ ବୁଧବାର ଡିଜିପି ଡିସ୍କରେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱର ପୁଲିସ୍ ସେବା ଭବନରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଡିଜିପି ୱାଇବି ଖୁରାନିଆ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଉନ୍ନତ ସେବା, କର୍ତ୍ତବ୍ୟନିଷ୍ଠା ଓ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ଏସ୍‌ପିଙ୍କ ସମେତ ଇନ୍ସପେକ୍ଟର ଦିଗବିଜୟ ବିଶ୍ୱାଳ ଓ ଡ୍ରାଇଭର ଶ୍ରୀବତ୍ସ ବେହେରାଙ୍କୁ ମଧ୍ୟ ଡିଜିପି ଡିସ୍କ ପ୍ରଦାନ କରାଯାଇଛି।

**● ଓପି ଜିନ୍ଦଲ ସ୍ମାରକୀ ଫୁଟବଲ**

# ଢେଙ୍କାନାଳକୁ ହରାଇଲା ଅନୁଗୋଳ



ଅନୁଗୋଳ, ୧୪।୮ (ସମିସ): ଓପି ଜିନ୍ଦଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ଦିବସରେ ପପୁଲାର କ୍ଲବ୍ ଢେଙ୍କାନାଳ ଓ ଅନୁଗୋଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଗୋଳ ୨-୧ ଗୋଲରେ ବିଜୟୀ ହୋଇଛି। ଅନୁଗୋଳର ଘାସିରାମ ମାର୍ଣ୍ଡି ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ ହୋଇଛନ୍ତି। ଜିନ୍ଦଲ ଷ୍ଟିଲର ବିଦ୍ୟୁତ୍ ବିଭାଗର ମୁଖ୍ୟ ଜଳଜ୍ କୁମାର ସିଂହ ମୁଖ୍ୟଅତିଥି, ବିଦ୍ୟୁତ୍ ବିଭାଗ ଡିଜିଏମ୍ ସବ୍ୟସାଚୀ ଦାସ, ନିଶା ପଞ୍ଚାୟତ ସରପଞ୍ଚ ରାମଚନ୍ଦ୍ର ବେହେରା ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବଶଙ୍କର ପଣ୍ଡା ଖେଳ ପରିଚାଳନା କରିଥିଲେ। ଶଶିକାନ୍ତ ଦାସିଆ ଓ ବଳରାମ ସାୟ ଲାଇନ୍‌ରେ ସହଯୋଗ କରିଥିଲେ।

# ଠାକୁରଗଡ଼ କଲେଜରେ ପ୍ରତିଯୋଗିତା

କିଶୋରନଗର/ବଇଣ୍ଡା, ୧୪।୮ (ସମିସ): ଠାକୁରଗଡ଼ ସ୍ନାତକ ମହାବିଦ୍ୟାଳୟରେ ଶୁକ୍ରବାର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ନବସୃଜନ ଏବଂ ଉଦ୍ଭାବନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷା ପ୍ରତିମା ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସ୍‌ବିଆଇ ବଇଣ୍ଡା ଶାଖାର ସହକାରୀ ପରିଚାଳକ ମିତେଶ ସାହୁ, ସମ୍ମାନିତ ଅତିଥି ଭାବେ



ଅବସରପ୍ରାପ୍ତ ଉଦ୍ୟାନ ବିଭାଗ ଅଧିକାରୀ ବିଜୟାନନ୍ଦ ମହାକୁଡ଼ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନୂତନ ଉଦ୍ୟୋଗ ମାଧ୍ୟମରେ କିପରି ନିଜ ବ୍ୟବସାୟ କରି ଆର୍ଥିକ ଭାବେ ଆତ୍ମନିର୍ଭରଶୀଳ ହୋଇପାରିବେ ତାହା ବୁଝାଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ବରିଷ୍ଠ ଅଧ୍ୟାପକ ସରୋଜ ରଞ୍ଜନ ପ୍ରଧାନ ନୂତନ ସୃଜନ ଉପରେ ଉଦବୋଧନ ଦେଇଥିଲେ। ଅଧ୍ୟାପକ ସରୋଜ ଦାସ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିଲେ ଦେଶ ପ୍ରଗତିରେ ସହାୟକ ହେବ ବୋଲି କହିଥିଲେ। ଅଧ୍ୟାପକ ତରୁଣ ପ୍ରଧାନ, ଟୁକୁନା ପ୍ରଧାନ ଏବଂ ପ୍ରଜ୍ଞାରଞ୍ଜନ ସାହୁ ସହଯୋଗ କରିଥିଲେ। ଅଧ୍ୟାପିକା କଲ୍ୟାଣୀରୂପା ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

# ବିଭିନ୍ନ ସ୍ଥାନରେ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ

ଅନୁଗୋଳ, ୧୪।୮ (ସମିସ): ଅନୁଗୋଳ ନିର୍ବାଚନ ମଣ୍ଡଳୀର ବିଭିନ୍ନ ମଣ୍ଡଳରେ 'ହର ଘର ତ୍ରିରଙ୍ଗା' ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମହୀଧରପୁର ମଣ୍ଡଳରେ ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ, ମଣ୍ଡଳ ସଭାପତି ରାଧାକାନ୍ତ ପଟ୍ଟନାୟକ, ତୁଳସୀପାଳ ପଞ୍ଚାୟତ ସଭାପତି ବସନ୍ତ ବିଶ୍ୱାଳ, ମନୋଜ ସାହୁ, ପ୍ରଦୀପ ସାମଲ, ବଉଳିଗଡ଼ ସରପଞ୍ଚ ଅମରେନ୍ଦ୍ର ଗଡ଼ନାୟକ, ସୁଧୀର ତ୍ରିପାଠୀ, ରାହାସ ଦାଶ, ବଁଅରପାଳ ମଣ୍ଡଳରେ ବିଜେପି ଜିଲ୍ଲା ସମ୍ପାଦକ ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ଛବିମୋହନ ସାହୁ, ମଣ୍ଡଳ ସଭାପତି ସୁବ୍ରତ ସାହୁ, ବିଜେପି ନେତା ଅଶୋକ ଧୀର, ଅନୁସୂଚିତ ଜାତି ମୋର୍ଚ୍ଚା ଜିଲ୍ଲା ସଭାପତି ଅନିଲ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଗୋପାଳ ନାଏକ, ବିଜେପି ନେତା ଭୀମସେନ ଭୁତିଆ, ଦିଲୀପ ରାଉତ, ଗୋକୁଳାନନ୍ଦ ଲେଙ୍କା, ଶରତ ସାମଲ, ଯୁବମୋର୍ଚ୍ଚା ସଭାପତି ପିଣ୍ଟୁ ଭୁତିଆ, ଅନୁଗୋଳ ନଗର ମଣ୍ଡଳରେ ମହେଶ ଧଳ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା ପ୍ରତୀମା ମିଶ୍ର, ମଣ୍ଡଳ ସଭାପତି ପବନ ମାଣ୍ଡୋଠିଆ, ନମିତା ଦଳବେହେରା, ସୁବାସ ସାହୁ, ଦୁଃଖବନ୍ଧୁ ସାହୁ, ଦିଲୀପ ଦାସ, ଅଭୟ ରାୟ, କାଉନସିଲର ନିରଞ୍ଜନ କର, ସ୍ନେହଲତା ମହାରଣା, ସୁଜାତା ପୋଲାର, ନଗର ଯୁବମୋର୍ଚ୍ଚା ସଭାପତି ସିଦ୍ଧାର୍ଥ ରାଉତରାୟ, କୁକୁଡ଼ାଙ୍ଗ ମଣ୍ଡଳରେ ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ଧୁ ବେହେରା, ରୋଜାଲିନ ଦାସ, ତୁରଙ୍ଗ ସରପଞ୍ଚ ହଟେଶ୍ୱର ଦେହୁରି, ରଣିଗୋଡ଼ା ସରପଞ୍ଚ ପ୍ରକାଶ ସାହୁ, ବନ୍ଧଲା ଓ ବଡ଼କେରା ମଣ୍ଡଳରେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ପ୍ରଭାତ ପ୍ରଧାନ, ବିଜେପି ନେତା ଶେଷଦେବ ସାହୁ, ସରୋଜ ଜେନା, ପ୍ରଶାନ୍ତ ପୃଷ୍ଟି, ବଡ଼କେରା ମଣ୍ଡଳର ସୁଲଭ ଦେହୁରି, ବନ୍ଧଲା ସରପଞ୍ଚ ରୀତାଞ୍ଜଳି ପ୍ରଧାନ, ଶଙ୍ଖପୁର ସରପଞ୍ଚ ଜ୍ୟୋତିର୍ମୟୀ ଦେହୁରି, ଅମୂଲ୍ୟ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ମହାବିଦ୍ୟାଳୟରେ 'ହର୍ ଘର୍ ତ୍ରିରଙ୍ଗା' ଶୋଭାଯାତ୍ରା

କିଶୋରନଗର, ୧୪।୮ (ସମିସ): ସ୍ୱାଧୀନତା ଦିବସ ପୂର୍ବରୁ ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ନେଇ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ସ୍ଥିତ ଷୋଳପଦା ଯୁକ୍ତତିନି ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାର 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ ଅବସରରେ ଭବ୍ୟ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରତିମା ବାଘଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ବହୁ ଛାତ୍ରୀ ସାମିଲ ହୋଇ ହାତରେ ଜାତୀୟ ପତାକା ଧରି ଦେଶପ୍ରେମର ବାର୍ତ୍ତା ଦେଇଥିଲେ। ଛାତ୍ରୀମାନେ ନିଜ ଦକ୍ଷତା ବିକଶିତ କରି ଭବିଷ୍ୟତରେ ସ୍ୱାବଲମ୍ବୀ ହେବା ସହ ସମାଜ ଓ ଦେଶର ବିକାଶରେ ଭାଗୀଦାର ହେବା ଆବଶ୍ୟକ ବୋଲି ଅଧ୍ୟକ୍ଷା କହିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ସରୋଜ ଦାସ, ଇଂରାଜୀ ଅଧ୍ୟାପକ ସରୋଜ ପ୍ରଧାନ, ଅର୍ଥନୀତି ଅଧ୍ୟାପକ ତରୁଣ ପ୍ରଧାନ, ଓଡ଼ିଆ ଅଧ୍ୟାପିକା କଲ୍ୟାଣୀରୂପା ମିଶ୍ର ଓ ଇତିହାସ ଅଧ୍ୟାପକ ଟୁକୁନା ପ୍ରଧାନଙ୍କ ସମେତ ମନୋରଞ୍ଜନ ବାରିକ, ସନ୍ଦୀପ କୁମାର ବେହେରା, ପ୍ରଜ୍ଞାରଞ୍ଜନ ସାହୁ, ସ୍ୱପ୍ନେଶ୍ୱର ପ୍ରଧାନ ଓ ଚିତ୍ତ ବେହେରା ପ୍ରମୁଖ ଶୋଭାଯାତ୍ର ପରିଚାଳନାରେ ସହଯୋଗ କରିଥିଲେ।

# ରୋଟାରୀ ରୟାଲ ତରଫରୁ ଚର୍ମ ସ୍ୱାସ୍ଥ୍ୟ ପରୀକ୍ଷା

ଅନୁଗୋଳ, ୧୪।୮ (ସମିସ): ରୋଟରୀ କ୍ଲବ ଅଫ ଅନୁଗୋଳ ରୟାଲ ଏବଂ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଡର୍ମାଟୋଲୋଜିଷ୍ଟ, ଭେନେରେଓଲୋଜିଷ୍ଟ ଆଣ୍ଡ ଲେପ୍ରୋଲୋଜିଷ୍ଟ (ଆଇଏଡିଭିଏଲ୍) ମିଳିତ ଆନୁକୂଲ୍ୟରେ ସ୍ୱତନ୍ତ୍ର ଚର୍ମ ରୋଗ ପରୀକ୍ଷା, ଚିକିତ୍ସା ଓ ସଚେତନତା ଶିବିର ସ୍ଥାନୀୟ କାରାଗାର ଅନ୍ତେବାସୀ ପାଇଁ ଆୟୋଜନ କରାଯାଇଛି। କ୍ଲବ ସମ୍ପାଦକ ତଥା ବରିଷ୍ଠ ଚର୍ମ ରୋଗ ବିଶେଷଜ୍ଞ ରୋଟାରିଆନ ଡା. ବିଶ୍ୱଜିତ୍ ସାମଲଙ୍କ ତତ୍ତ୍ୱାବଧାନରେ ଶିବିର ହୋଇଥିଲା। ଶିବିରରେ ୧୧୪ ଜଣଙ୍କ ଚର୍ମ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ଔଷଧ ବଣ୍ଟନ କରାଯାଇଥିଲା। ରୋଟାରୀ କ୍ଲବ ତରଫରୁ ରାଜେଶ୍ ସରଳିଆ ଏବଂ ଫାର୍ମାସିଷ୍ଟ ଶଶାଙ୍କ ଶେଖର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିର ଆୟୋଜନ ପାଇଁ କାରାଗାର ଅଧୀକ୍ଷକ ପ୍ରଦୀପ୍ତ କୁମାର ବେହେରା ରୋଟାରୀ କ୍ଲବ୍ ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସମାଜସେବା ଓ ଜନସ୍ୱାସ୍ଥ୍ୟ ପ୍ରତି ରୋଟାରୀ କ୍ଲବର ଏହି ପଦକ୍ଷେପକୁ ଜେଲ୍ ଚିକିତ୍ସା ଅଧିକାରୀ ଡା. ଚିରଞ୍ଜୀବ ପ୍ରଧାନ ପ୍ରଶଂସା କରିଥିଲେ।

# ବିଡିଓଙ୍କ ଗାଡ଼ିରେ ପଡୁଛି ୨୦୦ ଟଙ୍କିଆ ଡିଜେଲ୍ !

କିଶୋରନଗର, ୧୪।୮ (ସମିସ): ରାଜ୍ୟରେ ଡିଜେଲ୍ ଦର ୧୦୦ଟଙ୍କା ମଧ୍ୟରେ ରହିଛି। ହେଲେ ସରକାରୀ ଅଧିକାରୀଙ୍କ ଗାଡ଼ିରେ ଯେଉଁ ଡିଜେଲ୍ ପଡୁଛି ତାହାର ମୂଲ୍ୟ ଲିଟର ପିଛା ୨୦୦ ଟଙ୍କାରୁ ଅଧିକ ରହିଛି। ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବିଡିଓଙ୍କ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନରେ ଏପରି ତଥ୍ୟ ମିଳିବା ପରେ ବଡ଼ଧରଣର ଦୁର୍ନୀତି ପଦାକୁ ଆସିଛି।

**ଆରଟିଆଇ ଖୋଲିଲା ଗସ୍ତ ବିବରଣୀର ଗୁମର**

ବିଡିଓଙ୍କ ଯାତାୟାତ ଖର୍ଚ୍ଚ ସମ୍ପର୍କରେ ସୂଚନା ଅଧିକାର ଆଇନରେ ଜଣେ ବ୍ୟକ୍ତି ତଥ୍ୟ ମାଗିଥିଲେ। ଜନସୂଚନା ଅଧିକାରୀ ଦେଇଥିବା ତଥ୍ୟ ଅନୁଯାୟୀ, ଗତ ଜାନୁଆରୀ ପହିଲାରୁ ମେ ମାସ ପର୍ଯ୍ୟନ୍ତ ମୋଟ ୩୮ ଥର ବିଭିନ୍ନ ପଞ୍ଚାୟତ ଓ ସରକାରୀ କାର୍ଯ୍ୟରେ ବିଡିଓ ଅନ୍ୟତ୍ର ଗସ୍ତ କରିଛନ୍ତି। ଏଥିପାଇଁ ସମୁଦାୟ ୪୪୦ ଲିଟର ଡିଜେଲ ଖର୍ଚ୍ଚ ହୋଇଛି। ଏ ବାବଦକୁ ମୋଟ ୮୮, ୦୭୭ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ହିସାବ କଲେ ଲିଟର ପିଛା ଡିଜେଲ ଦର ପ୍ରାୟ ୨୦୦ ଟଙ୍କା ୧୭ ପଇସା ପଡୁଛି। ବିଡିଓଙ୍କ ଗାଡ଼ିରେ ଏପରି କେଉଁ ପ୍ରକାରର ଡିଜେଲ ପଡୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡିଜେଲ ଦର ଲିଟର ପିଛା ପ୍ରାୟ ୧୦୦ ଟଙ୍କା ଥିବାବେଳେ, ସରକାରୀ ଖାତାରେ ଦୁଇଗୁଣ ଦର ଦର୍ଶାଇ ଅର୍ଥ ଆତ୍ମସାତ କରାଯାଇଥିବା ସ୍ପଷ୍ଟ ହୋଇଛି। କେବଳ ଏତିକି ନୁହେଁ, ସମାନ ସ୍ଥାନକୁ ଯାତାୟାତ ପାଇଁ ଭିନ୍ନଭିନ୍ନ ଦୁରତା ଦର୍ଶାଯାଇଛି। ଜାନୁଆରୀ ୩୦ ତାରିଖ ଯେଉଁ ରାସ୍ତା ୧୬୦ କିଲୋମିଟର, ସେହି ରାସ୍ତା ଫେବୃଆରୀ ୨୦ରେ ୭୦ କିଲୋମିଟର କିପରି ହେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜାନୁଆରୀ ୩୦ରେ ପାଇକସାହି, ସାପଘରା, କନ୍ତପଡ଼ା, ମୁରାରୀପୁର, ଗୋପୀନାଥପୁର, ମଇମୁରା ଗ୍ରାମ ଗସ୍ତ ପାଇଁ ୧୩୦ କିଲୋମିଟର ଦର୍ଶାଯାଇଥିଲା। ମାତ୍ର ଫେବୃଆରୀ ୨୦ରେ ସେହି ୬ଟି ଗାଁକୁ ଦୂରତା ୭୦ କିଲୋମିଟର ଦର୍ଶାଯାଇଛି। ସେହିପରି ଜାନୁଆରୀ ୨୧ ତାରିଖ କିଆକଟା, ଧୂଳିଆପଡ଼ା, କୁମ୍ଭିଆ ରୁଟ୍ ପାଇଁ ୧୭୦ କିମି ଦର୍ଶାଯାଇଥିବା ବେଳେ ଫେବୃଆରୀ ୧୭ରେ ସମାନ ରୁଟ୍ ପାଇଁ ୧୬୦ କିମି ଉଲ୍ଲେଖ କରାଯାଇଛି। ଲୁହାସିଙ୍ଗା-ତେନ୍ତୁଳିପଦର ରୁଟରେ ଗୋଟିଏ ଦିନ ୭୦ କିମି ଓ ଅନ୍ୟ ଏକ ଦିନ ୯୦ କିମି ଦର୍ଶାଯାଇଛି। ମଇମୁରା-ଫୁଲୁରୀବଣିଆ ରୁଟରେ ଗୋଟିଏ ଦିନ ୯୦ କିମି ଓ ଅନ୍ୟ ଦିନ ୫୦ କିମି ଦର୍ଶାଯାଇଛି। ମାତ୍ର ୪ ମାସ ମଧ୍ୟରେ ଏପରି ଗୁରୁତର ଆର୍ଥିକ ଅନିୟମିତତା ଓ ଭୁଲ ହିସାବ ପଦାକୁ ଆସିଥିବା ବେଳେ ବ୍ଲକ କାର୍ଯ୍ୟାଳୟରେ ବଡ଼ଧରଣର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି।

# ବର୍ଷା ପାଇଁ ଛାତ୍ରଛାତ୍ରୀଙ୍କ ପରେଡ୍ ବନ୍ଦ ନିଷ୍ପତ୍ତି

କିଶୋରନଗର, ୧୪।୮ (ସମିସ): ଅଞ୍ଚଳରେ ଲାଗିରହିଥିବା ପ୍ରବଳ ବର୍ଷା ଓ ପଡ଼ିଆ କାଦୁଅରେ ପରିପୂର୍ଣ୍ଣ ଯୋଗୁଁ ପିଲାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କିଶୋରନଗର ବରପଡ଼ିଆରେ ହେବାକୁ ଥିବା ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ହେବାକୁ ଥିବା ପରେଡ୍ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଏ ନେଇ ବିଡିଓ ସୂଚନା ଦେଇଛନ୍ତି। ବରପଡ଼ିଆରେ ଧାର୍ଯ୍ୟ ସମୟରେ ପତାକା ଉତ୍ତୋଳନ ପରେ ଡିଗ୍ରୀ କଲେଜରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସେ କହିଛନ୍ତି।

# ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ବଇଣ୍ଡା, ୧୪।୮ (ସମିସ): କିଶୋରନଗର ବ୍ଲକ ହଣ୍ଡପା ହାଇସ୍କୁଲ ପରିସରରେ ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ଜେନାଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଲେଇନାଳି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜ୍ୟୋତିର୍ମୟୀ ସାହୁ, ସ୍ୱାସ୍ଥ୍ୟକର୍ମୀ ପ୍ରଭାତୀ ସାହୁ ଯୋଗଦେଇ ବର୍ଷାଋତୁରେ ଛାତ୍ରୀଛାତ୍ରମାନେ ନିଜ ଶରୀରକୁ କିପରି ଫିଟ୍ ରଖିବେ ସେ ନେଇ ପରାମର୍ଶ ଦେଇଥିଲେ। ସ୍ୱଚ୍ଛତା, ପୌଷ୍ଟିକ ଖାଦ୍ୟ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ବ୍ୟକ୍ତିଗତ ପରିଚ୍ଛନ୍ନତା, ରୋଗ ପ୍ରତିରୋଧ ଏବଂ ସମୟାନୁସାରେ ଟିକା ଗ୍ରହଣର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଦୟାନିଧି ସାହୁ, ଜ୍ୟୋତ୍ସ୍ନାମୟୀ ବେହେରା, ଜ୍ୟୋତିର୍ମୟୀ ମହାନ୍ତି, ଋତୁରାଣୀ ବେହେରା, ଶୀତିକଣ୍ଠ ପ୍ରଣିଗ୍ରାହୀ, ଭାଗ୍ୟଶ୍ରୀ ପ୍ରଧାନ, ଜିତେନ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ଡିଜିପିଙ୍କ ଦ୍ୱାରା ଆଇଆଇସି ସମ୍ମାନିତ

ଆଠମଲ୍ଲିକ, ୧୪।୮ (ସମିସ): ବୁଧବାର ଭୁବନେଶ୍ୱରସ୍ଥିତ ପୁଲିସ ସେବା ଭବନରେ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆଙ୍କ ଦ୍ୱାରା ଅନୁଗୋଳ ପୁଲିସର ୫ଜଣ ସମର୍ପିତ ଅଧିକାରୀଙ୍କୁ ଉତ୍କୃଷ୍ଟ ତଦନ୍ତ ଏବଂ ଉପଯୁକ୍ତ ସଜ୍ଜା କରାଇବାରେ ଅବଦାନ ପାଇଁ ଆର୍ଥିକ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଅନୁଗୋଳ ଅଦାଲତର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର




ଭୁତିଆ, ଏଏସ୍‌ପି ଯୋଗେଶ୍ୱରୀ ବେହେରା, କୋଳିୟାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଧୀରେଶ କୁମାର ଦାସ, ଆଠମଲ୍ଲିକ ଥାନା ଭାରପ୍ରାପ୍ତ ଅଧିକାରୀ ପି ସ୍ୱରୂପ କିସାନ, ପାଲଲହଡ଼ା ଥାନା ଏସ୍ଆଇ କାଳନ୍ଦୀ ଚରଣ ରାଉତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଆଗକୁ ଆହୁରି ଭଲ କାମ କରିବା ସହ ଆଠମଲ୍ଲିକବାସୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବେ ବୋଲି ଆଠମଲ୍ଲିକ ଥାନା ଭାରପ୍ରାପ୍ତ ଅଧିକାରୀ ପି ସ୍ୱରୂପ କିସାନ ପ୍ରକାଶ କରିଛନ୍ତି।

# ହଣ୍ଡପା ହାଇସ୍କୁଲରେ ଆମ ପୁଲିସ ସମିତି ବୈଠକ




ବଇଣ୍ଡା, ୧୪।୮ (ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ହାଇସ୍କୁଲ ପରିସରରେ ଶୁକ୍ରବାର ଦିନ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ହଣ୍ଡପା ଥାନା ଆଇଆଇସି ରାଜେଶ କୁମାର ଶତପଥୀ, ଅନ୍ୟତମ ଅତିଥି ଭାବେ ଏଏସଆଇ ବନିତା ପ୍ରଧାନ, ଶିକ୍ଷକ ଲକ୍ଷେଶ୍ୱର ବେହେରା, ଦୟାନିଧି ସାହୁ, ଶୀତିକଣ୍ଠ ପାଣିଗ୍ରାହୀ, ଜିତେନ୍ ପ୍ରଧାନ, ଜ୍ୟୋତ୍ସ୍ନାମୟୀ ବେହେରା, ଋତୁରାଣୀ ବେହେରା, ଜ୍ୟୋତିର୍ମୟୀ ମହାନ୍ତି, ମିନତି ପ୍ରଧାନ, କୁମାରୀ ସୁନିଷ୍ଠା ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ କିପରି ସାଇବର ଠକେଇଠାରୁ ଦୂରେଇ ରହିବେ ସେ ନେଇ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଦିଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**● ଅନୁଗୋଳ ଜିଲ୍ଲା ବନ୍ଦ ସଫଳ**

# କଂଗ୍ରେସ ପକ୍ଷରୁ ଜିଲ୍ଲାବାସୀଙ୍କୁ କୃତଜ୍ଞତା

ଅନୁଗୋଳ, ୧୪।୮ (ସମିସ): ଅନୁଗୋଳ ବନ୍ଦ ସଫଳ ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାବାସୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନ ସାମ୍ବାଦିକ ସମ୍ମିଳନୀ ଜରିଆରେ ଧନ୍ୟବାଦ ପ୍ରଦାନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟି ଉପସଭାନେତ୍ରୀ ସସ୍ମିତା ବେହେରା, ପ୍ରଦେଶ କଂଗ୍ରେସର ପଛୁଆ ବର୍ଗ ସେଲ ଅଧ୍ୟକ୍ଷ ସରୋଜ ପ୍ରଧାନ, ତପନ ପ୍ରଧାନ, ଜିଲ୍ଲା କଂଗ୍ରେସ ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ, ଉପସଭାପତି ଚିତ୍ତରଞ୍ଜନ ନାଏକ, ଅମୂଲ୍ୟ ବେହେରା, ବଳବୀର ସିଂ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ସୁଦୀପ ମିଶ୍ର, ପ୍ରବୋଧ ସ୍ୱାଇଁ, ବଁଅରପାଳ ବ୍ଲକ କଂଗ୍ରେସ ସଭାପତି ବିନୋଦ ମାଝୀ, ଅନୁଗୋଳ ବ୍ଲକ କଂଗ୍ରେସ ସଭାପତି ରାକେଶ ମିଶ୍ର, ଟାଉନ୍ ସଭାପତି ରଶ୍ମିରଞ୍ଜନ ସାହୁ, ଅଳକାରାଣୀ ମହାପାତ୍ର, ଅବିନାଶ ଦଳବେହେରା, ସଂଗ୍ରାମ ବେହେରା, ଅରୁଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ୧୫ ଦିନ ହେବ ରାସ୍ତାରେ ପଡ଼ିଛି କଟାଯାଇଥିବା ଗଛ

ଅନୁଗୋଳ, ୧୪।୮ (ସମିସ)

ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ ଆମ୍ବସରମୁଣ୍ଡା ବିଦ୍ୟାଳୟ ନିକଟରେ ଥିବା ଏକ ଶୁଖିଲା ଗଛ ୧୫ ଦିନ ହେବ ରାସ୍ତାରେ କଟାଯାଇ ପଡ଼ିରହିଛି। ଗଛର ୫୦ ପ୍ରତିଶତ ରାସ୍ତାରେ ପଡ଼ିଥିବାରୁ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି। ଉକ୍ତ ଗଛକୁ ରାସ୍ତାରୁ ହଟାଇବା ପାଇଁ ଅଞ୍ଚଳବାସୀ ବହୁବାର ବିଦ୍ୟୁତ ବିଭାଗଠାରୁ ଆରମ୍ଭ କରି ପୂର୍ତ୍ତ ବିଭାଗକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଆମ୍ବସରମୁଣ୍ଡା ଗ୍ରାମବାସୀ ଶୁକ୍ରବାର ଆଠମଲ୍ଲିକ ଉପଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଠାକୁରଗଡ଼-ଆମ୍ବସରମୁଣ୍ଡା ପୂର୍ତ୍ତ ବିଭାଗ ରାସ୍ତାର ଆମ୍ବସରମୁଣ୍ଡା ବିଦ୍ୟାଳୟ ନିକଟରେ ଏକ ଶୁଖିଲା ଗଛ ଥିଲା। ଉକ୍ତ ଗଛ ଉପରେ ୧୧ କେଭି ବିଦ୍ୟୁତ ତାର ଯାଇଥିବା ବେଳେ ସମସ୍ୟା ସୃଷ୍ଟି ହେବା ବାହାନା କରି ବନ ବିଭାଗ ଅନୁମତି ନ ଆଣି ବିଦ୍ୟୁତ୍ ବିଭାଗ ଗଛକୁ କାଟିଦେଇଥିଲା। ଗଛଟି ରାସ୍ତାରେ ପଡ଼ିଥିଲେ ମଧ୍ୟ ହଟାଯାଉ ନ ଥିବାରୁ ପ୍ରତେକ ଦିନ ଏହି ରାସ୍ତା ଦେଇ ଆସୁଥିବା ଶହ ଶହ ଗାଡ଼ି ଚଳାଚଳରେ ଅସୁବିଧା ସୃଷ୍ଟି ହେଉଛି। ଏପରିକି ରାସ୍ତାର ୫୦ ପ୍ରତିଶତ ମାଡ଼ି ଗଛ ପଡ଼ିଥିବାରୁ ଗମନାଗମନରେ ଅସୁବିଧା ହେଉଛି। ତୁରନ୍ତ ଉକ୍ତ ଗଛକୁ ରାସ୍ତାରୁ ହଟାଇବା ପାଇଁ ଦାବି କରିଛନ୍ତି। ଏ ନେଇ ବିଦ୍ୟୁତ ବିଭାଗ ଏସଡିଓ ଶୁଭକାନ୍ତ ପ୍ରଧାନ କୁହନ୍ତି, ଗଛଟି ବଡ଼ ହୋଇଥିବା ବେଳେ ପୂର୍ତ୍ତ ବିଭାଗ ରାସ୍ତାରୁ ହଟାଇବ କହି ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।

**ଯାତାୟାତ ବାଧାପ୍ରାପ୍ତ**



# ଡିଆଇଇଟି ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ଯାତ୍ରା

ଢେଙ୍କାନାଳ,୧୪।୮(ସମିସ): କୁଷ୍ଠ ରୋଗର ଶୀଘ୍ର ଚିହ୍ନଟ, ଚିକିତ୍ସା ଓ ସଂକ୍ରମଣ ପ୍ରତିରୋଧ ଉଦ୍ଦେଶ୍ୟରେ କୁଷ୍ଠ ରୋଗ ନିରୂପଣ ଅଭିଯୋନ ଚଳିତ ମାସ ୧୭ରୁ ୩୧ ତାରିଖ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାରେ ପରିଚାଳିତ ହେବ। ଢେଙ୍କାନାଳ ଅତ୍ୟଧିକ କୁଷ୍ଠ ରୋଗ ପ୍ରବଣ ଜିଲ୍ଲା ହୋଇଥିବାରୁ ଏଠାରେ ନୂତନ ରୋଗ ଚିହ୍ନଟ ହାର ଓ ପ୍ରାଦୁର୍ଭାବ ହାର ତୁଳନାତ୍ମକ ଭାବେ ଅଧିକ ରହିଛି। ଏହି କାରଣରୁ କୁଷ୍ଠ ରୋଗୀଙ୍କ ଶୀଘ୍ର ଚିହ୍ନଟ ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିକିତ୍ସା ଆରମ୍ଭ କରିବା ଏହି ଅଭିଯାନର ଅନ୍ୟତମ ପ୍ରାଥମିକତା। ଘରକୁ ଘର ସର୍ବେକ୍ଷଣ କରି ପ୍ରତ୍ୟେକ ଆଶାକର୍ମୀ ନିଜ ନିର୍ଦ୍ଧାରିତ ଇଲାକାର ପ୍ରତ୍ୟେକ ପରିବାରକୁ ପରିଦର୍ଶନ କରି ସମସ୍ତ ପାରିବାରିକ ସଦସ୍ୟଙ୍କୁ କୁଷ୍ଠ ରୋଗର ଲକ୍ଷଣ ପାଇଁ ପରୀକ୍ଷା କରିବେ। ଚର୍ମରେ ଅନୁଭୂତିହୀନ ଦାଗ, ଚର୍ମର ରଙ୍ଗ ପରିବର୍ତ୍ତନ, ହାତ ଓ ପାଦରେ ଝିଣ୍ଟୁଣି ଅନୁଭବ କିମ୍ବା ଦୁର୍ବଳତା, ସ୍ନାୟୁ ମୋଟା ହେବା କିମ୍ବା ଅନ୍ୟ କୌଣସି ସନ୍ଦେହ ଜନକ ଲକ୍ଷଣ ଥିବା ବ୍ୟକ୍ତି ମାନଙ୍କୁ କୁଷ୍ଠ ରୋଗ ସନ୍ଦିଗ୍ଧ ଭାବେ ଚିହ୍ନଟ କରାଯିବା। ସନ୍ଦିଗ୍ଧଙ୍କର ତୁରନ୍ତ ଯାଞ୍ଚ। ଏଲସିଡିସିରେ ଏକ ପ୍ରମୁଖ ବିଶେଷତ୍ୱ ହେଉଛି ଯେ କୁଷ୍ଠ ସନ୍ଦିଗ୍ଧ ମାନଙ୍କୁ ଦୀର୍ଘ ସମୟ ଅପେକ୍ଷା କରାଯିବ ନାହିଁ। ଆଶା କର୍ମୀଙ୍କ ଦ୍ୱାରା ଚହ୍ନଟ ହୋଇଥିବା ପ୍ରତ୍ୟେକ ସନ୍ଦିଗ୍ଧଙ୍କୁ ପ୍ରଶିକ୍ଷିତ



ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ତୁରନ୍ତ ଯାଞ୍ଚ କରାଯିବ ଏବଂ ଆବଶ୍ୟକ ସ୍ଥଳେ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ପରୀକ୍ଷା କରାଯିବ। ନିଶ୍ଚିତ ହୋଇଥିବା ମାମଲା ଗୁଡିକରେ ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ଅନୁଯାୟୀ ତୁରନ୍ତ ମଲ୍ଟି ଡ୍ରଗ ଥେରାପି ଆରମ୍ଭ କରାଯିବ। ଚଳିତ ବର୍ଷର କିଛି ନୂତନ ପଦକ୍ଷେପରେ ଏଲସିଡିସକୁ ଅଧିକ ପ୍ରଭାବଶାଳୀ ଏବଂ ଫଳାଫଳମୁଖି କରିବା ପାଇଁ ଅନେକ ନୂତନ ଓ ଅଭିନବ ପଦ୍ଧତି ଗ୍ରହଣ କରାଯିବ। ଅଭିଯାନ ସମୟରେ ପ୍ରତ୍ୟେକ ପରିବାରକୁ ଅନ୍ତର୍ଭୁକ୍ତ କରିବା ଉପରେ ଗୁରୁତ୍ୱ ଦେଇ ଜିରୋ ହାଉସ ଲେପ୍ଟ ପଦ୍ଧତି ଅନୁସରଣ କରାଯିବ ଏବଂ ଆଶାଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ପ୍ରତ୍ୟେକ ସନ୍ଦିଗ୍ଧଙ୍କୁ ତୁରନ୍ତ ଯାଞ୍ଚ କରି ଅଗ୍ରସର ପରୀକ୍ଷା ପଠାଯିବ। ସନ୍ଦିଗ୍ଧ ମାମଲା ଗୁଡିକୁ ଡିଜିଟାଲ ଭାବେ ରିପୋର୍ଟ ଓ ଟ୍ରାକ କରାଯିବ ଯାହା

**● କୁଷ୍ଠ ରୋଗୀ ନିରୂପଣ ଅଭିଯାନ**
**● ରୋଗୀଙ୍କୁ ଶୀଘ୍ର ଚିହ୍ନଟ କରି ଚିକିତ୍ସାକୁ ପ୍ରାଥମିକତା**

ଫଳରେ ଫଲୋ-ଅପ ସମୟରେ କୌଣସି ସନ୍ଦିଗ୍ଧ ଛାଡି ନଯାଆନ୍ତି। ଏଥିପାଇଁ ପ୍ରତ୍ୟେକ ସନ୍ଦିଗ୍ଧ ପ୍ରତିଦିନ ଫଲୋ-ଅପ ପଦ୍ଧତି ଅବଲମ୍ବନ କରାଯିବ ଯାହା ଶୀଘ୍ର ନିଶ୍ଚିତ କାରଣ ଓ ଉପଯୁକ୍ତ ପରିଚାଳନାରେ ସହାୟକ ହେବ। ମାମଲା ଚିହ୍ନଟ ସହିତ, କୁଷ୍ଠ ପ୍ରଭାବିତ ବ୍ୟକ୍ତିଙ୍କ ପ୍ରତି କଳଙ୍କମୁକ୍ତ ପରିବେଶ ପାଇଁ ସାମାଜିକ ସ୍ତରରେ ସଚେତନତା ସୃଷ୍ଟି କରାଯିବ, ପୂର୍ବରୁ ଚିହ୍ନଟ ହୋଇଥିବା ରୋଗୀଙ୍କର ପାରିବାରିକ ଓ ନିକଟସ୍ଥ ସମ୍ପର୍କୀୟଙ୍କ ପ୍ରତି ବିଶେଷ ଧ୍ୟାନ ଦିଆଯିବ। ଅଭିଯାନ ପୂର୍ବରୁ ଜିଲ୍ଲାର ସମସ୍ତ ଚିକିତ୍ସାଧିକାରୀ, ବ୍ଲକ, ଅତିରିକ୍ତ ଜିଲ୍ଲା କୁଷ୍ଠ ଅଧିକାରୀ, ବ୍ଲକ କୁଷ୍ଠ କର୍ମୀ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଏକ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ଓରିଏଣ୍ଟେସନ ପ୍ରଶିକ୍ଷଣ ଓ ଏଲସିଡିସି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଯାହା କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ସନ୍ଦିଗ୍ଧ ଚିହ୍ନଟ, ନିଶ୍ଚିତ କରଣ ଓ ରିପୋର୍ଟ ପାଇଁ ଦକ୍ଷତା ପ୍ରଦାନ କରିଥିଲା। କୁଷ୍ଠ ରୋଗ ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟଯୋଗ୍ୟ। ଏହା ପାପ କି ଅଭିଶାପ ନୁହେଁ। ଏହା ଏକ ବଂଶାନୁକ୍ରମିକ ରୋଗ ମଧ୍ୟ ନୁହେଁ। ସମୟାନୁବର୍ତ୍ତୀ ଚିହ୍ନଟ ଏବଂ ଉପଯୁକ୍ତ ଚିକିତ୍ସା ମାଧ୍ୟମରେ କୁଷ୍ଠ ପ୍ରଭାବିତ ବ୍ୟକ୍ତି ସ୍ୱାଭାବିକ ଜୀବନଯାପନ କରିପାରନ୍ତି। ଅଭିଯାନ ସମୟରେ ଆଶା କର୍ମୀମାନେ ଘରକୁ ଆସିଲେ, ସେମାନଙ୍କୁ ସହଯୋଗ କରି ପରିବାରର ସମସ୍ତ ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଠିକ ସୂଚନା ଦେବାକୁ ଅନୁରୋଧ କରାଯାଇଛି।

# ବାଜି ରାଉତଙ୍କ ଜନ୍ମସ୍ଥାନରେ ତ୍ରିରଙ୍ଗା ଯାତ୍ରା

## ସାମିଲ ହେଲେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ

ଢେଙ୍କାନାଳ/ଭୁବନ,୧୪।୮(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ନୀଳକଣ୍ଠପୁରରେ ଆୟୋଜିତ ତ୍ରିରଙ୍ଗା ପଦଯାତ୍ରା ସମାରୋହରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଥିଲେ। ଏହି ଅବସରରେ ସେ କହିଲେ ଯେ ବୀର ବାଜି ରାଉତ ହେଉଛନ୍ତି ଯୁବକତ୍ୱ, ତ୍ୟାଗ, ସାହସ, ଦେଶପ୍ରେମ ଓ ବଳିଦାନର ଅମର ପ୍ରତୀକ। ଖେଳକୁଦ ବୟସରେ ଦେଶମାତୃକା ପାଇଁ ସେ ଯେଉଁଭଳି ନିର୍ଭୀକତାର ସହ ବଳିଦାନ ଦେଇଥିଲେ, ତାହା ଆଜିର ନୂଆପିଢ଼ି ପାଇଁ ବୀରତ୍ୱର ଚରମ ନିଦର୍ଶନ। ତାଙ୍କ ଜନ୍ମସ୍ଥାନକୁ ଏକ ସାଧାରଣ ଭୌତିକ ସ୍ମରଣିକାରେ ସୀମିତ ନ ରଖି, ଏହାକୁ ଶତାବ୍ଦୀ ଶତାବ୍ଦୀ ଧରି ପ୍ରେରଣା ଯୋଗାଉଥିବା ଏକ ଅନନ୍ୟ ପ୍ରେରଣାର କେନ୍ଦ୍ର ଭାବେ ଗଢ଼ି ତୋଳାଯିବ ବୋଲି ସେ କହିଥିଲେ। ସେହିପରି ବିପ୍ଳବୀ ସାରଙ୍ଗଧର ଦାସ, ବୀର ବୈଷ୍ଣବ ଚରଣ ପଟ୍ଟନାୟକ, ମୂଷା ମଲ୍ଲିକ, ମହେଶ ଚନ୍ଦ୍ର ସୁବାହୁସିଂହ, ପବିତ୍ର ମୋହନ ପ୍ରଧାନଙ୍କ ଭଳି ମହାନୁଭବଙ୍କ ଅତୁଳନୀୟ ତ୍ୟାଗ ବଳରେ ଇଂରେଜ ଶାସନ ବିରୋଧରେ ଏହି ଅଞ୍ଚଳ ସ୍ୱାଧୀନତା ସଂଗ୍ରାମର ପ୍ରମୁଖ କେନ୍ଦ୍ର ପାଲଟିଥିଲା ବୋଲି କହିଥିଲେ। ଢେଙ୍କାନାଳ ହେଉଛି ସଂସ୍କୃତି, ଆଧ୍ୟାତ୍ମିକତା, ମହିମା ବିଚାରର ଭୂମି। ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ। ତେଣୁ ବର୍ତ୍ତମାନ



ସମୟରୁ ବିକଶିତ ଢେଙ୍କାନାଳ ଓ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ସମସ୍ତଙ୍କୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଯୁବସାଥୀ ଓ ଜନସାଧାରଣ ଅଂଶଗ୍ରହଣ କରିଥିଲେ।

# ଘରକାନ୍ଥ ପଡ଼ି ନାବାଳକ ଗୁରୁତର

କାମାକ୍ଷାନଗର,୧୪।୮(ସମିସ): ଲଗାଣବର୍ଷା ଯୋଗୁଁ କଙ୍କଡ଼ାହାଡ଼ ଥାନା ଷେଣ୍ଟେସର ଗ୍ରାମରେ ଘରକାନ୍ଥ ପଡ଼ି ଜଣେ ନାବାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ରମାଇ ଗୋଗଇ (୧୩)। ରମାଇ ଘରେ ଖାଉଥିବା ସମୟରେ ଲଗାଣବର୍ଷା ଯୋଗୁଁ ମାଟିକାନ୍ଥ ଦୁର୍ବଳ ହୋଇ ତାଙ୍କ ଉପରେ ପଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କ ଗୋଡ଼ ଭାଙ୍ଗିଥିବା ବେଳେ ଡାକ୍ତର ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିଛନ୍ତି।

# କପିଳାସରେ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସ୍ୱାଗତ

ଗଁଦିଆ,୧୪।୮(ସମିସ): ପ୍ରସିଦ୍ଧ ଶୈବପୀଠ କପିଳାସ ମାଟିରେ ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗଁଦିଆ ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଛି। ବରିଷ୍ଠ ବିଜେପି ନେତା ରାମଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୁବନ ବ୍ଲକ ସହିଦ ବାଜି ରାଉତଙ୍କ ଜନ୍ମପୀଠରେ ଅନୁଷ୍ଠିତ ତ୍ରିରଙ୍ଗା ଯାତ୍ରାରେ ଯୋଗଦାନ ଅବସରରେ ପ୍ରଥମେ ଦେଓଗାଁ ଗୋଲେଇ ଛକରେ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ପୂର୍ବତନ ମନ୍ତ୍ରୀ ପ୍ରଧାନଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହାପରେ ପାତ୍ରଙ୍କ ନେତୃତ୍ୱରେ ବିରାଟ ଶୋଭାଯାତ୍ରାରେ ପ୍ରଧାନଙ୍କୁ ନିକଟସ୍ଥ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ନିଆଯାଇଥିଲା। କାର୍ଯ୍ୟକ୍ରମରେ ସାଂସଦ ରୁଦ୍ରନାରାୟଣ ପାଣି,



ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ସମେତ ଅନେକ କର୍ମକର୍ତ୍ତା ଉପସ୍ଥିତ ଥଲେ। ପରେ ସାଂସଦ ପ୍ରଧାନ ନୀଳକଣ୍ଠପୁର ଅଭିମୁଖେ ଯାତ୍ରା କରିଥିଲେ।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ପ୍ରାଚୀନ ଶ୍ରୀଜଗନ୍ନାଥ ମନ୍ଦିର

ଢେଙ୍କାନାଳ,୧୪।୮(ସମିସ): ଆଜକୁ ପ୍ରାୟ ୧୬୫ବର୍ଷ ତଳେ ମହାରାଜା ଭଗୀରଥ ମହିନ୍ଦ୍ର ବାହାଦୁରଙ୍କ ରାଜତ୍ୱ ସମୟରେ ୧୮୪୨ ଖ୍ରୀଷ୍ଟାବ୍ଦରୁ ୧୮୭୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ତତ୍କାଳୀନ ମଝିଗଡ଼ (ବର୍ତ୍ତମାନର ମୀନାବଜାର) ଅଞ୍ଚଳର ସର୍ବରାକାର ବା ମହାଜନ ଥିବା ମହାରାଜାଙ୍କ ରତ୍ନ ପରୀକ୍ଷକ ଦାଶରଥି ରତ୍ନ ମହାପାତ୍ରଙ୍କ ଦ୍ୱାରା ମହାରାଜ ଭଗୀରଥଙ୍କ ନିର୍ଦ୍ଦେଶରେ ଚତୁର୍ଦ୍ଧାମୂର୍ତ୍ତି ବିରାଜିତ ଏକ ଶ୍ରୀଜଗନ୍ନାଥ ମନ୍ଦିର ସହର ମୁଖ୍ୟରାସ୍ତା ପାଶ୍ୱର୍ରେ ନିର୍ମିତ ହୋଇଥିଲା। ଏହି ମନ୍ଦିରର ବିଗ୍ରହତ୍ରୟ ଅତୀବ କମନୀୟ ଅଟନ୍ତି ଏବଂ ତାଙ୍କ ରଥଯାତ୍ରା ଭିନ୍ନ ଅନ୍ୟସବୁ ନୀତିକାନ୍ତି ଓ ପର୍ବପର୍ବାଣି ଅନୁଷ୍ଠିତ ହୋଇଥାଏ। କିନ୍ତୁ ପରିତାପର ବିଷୟ ଏହି ପ୍ରାଚୀନ ଶ୍ରୀଜଗନ୍ନାଥ ମନ୍ଦିର ଘରୋଇ ଭାବେ ପରିଚାଳିତ ହେଉଥିବାବେଳେ ଜିଲ୍ଲା ପ୍ରଶାସନ, ଦେବୋତ୍ତର ପ୍ରଶାସନ ଓ ପୌର ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ବିକାଶଠାରୁ ବହୁ ଦୂରରେ ରହିଛି। ମନ୍ଦିରର ନିମ୍ନଦେଶ ଓ ପଶ୍ଚାତ୍‌ଭାଗ ଅପରିଷ୍କାର ଓ ବଣବୁଦା ହୋଇ ପଡ଼ିରହିଛି। ମନ୍ଦିର ଗର୍ଭଗୃହର ଉଭୟ ପାଶ୍ୱର୍ ଖୋଲା ଥିବାରୁ କୌଣସି ସାର୍ବଜନୀନ ପୂଜାବିଧି ଓ ଭଜନ କୀର୍ତ୍ତନରେ ବାଧା ଉପୁଜୁଛି। ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ଭୋଗମଣ୍ଡପ ନାହିଁ। ଏହା ପଶ୍ଚାତ୍‌ଭାଗରେ ଅବ୍ୟବହୃତ ଲଟାବୁଦା ସ୍ଥାନରେ ନିର୍ମାଣ କରାଯାଇପାରନ୍ତା। କିନ୍ତୁ ଏଥିପ୍ରତି କାହାର ଦୃଷ୍ଟି ନାହିଁ। କୋଟି କୋଟି ଟଙ୍କା ବ୍ୟୟରେ ଲକ୍ଷ୍ମୀ ମନ୍ଦିର ନିର୍ମାଣ କରୁଥିବା ଢେଙ୍କାନାଳର ପ୍ରଥମ ଶ୍ରୀଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମଧ୍ୟ ଏହି ପ୍ରାଚୀନ ମନ୍ଦିର ପରିସରର ଉନ୍ନତି ପାଇଁ ଦୃଷ୍ଟି ଦେଉନାହିଁ। ପ୍ରଶାସନ ଓ ବଜାର ପୂଜା କମିଟି ଚାହିଁଲେ ସହରର ଏହି ପ୍ରାଚୀନତମ ଶ୍ରୀଜଗନ୍ନାଥ ମନ୍ଦିର ଅଧିକ ଆକର୍ଷଣୀୟ ହୋଇପାରନ୍ତା ଏବଂ ଦର୍ଶନାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇପାରନ୍ତା। ବର୍ତ୍ତମାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟସେବକ ବୋଲାଉଥିବା ଯୁବରାଜ ଅମରଜ୍ୟୋତି ସିଂହଦେଓ ଗତ ରସଗୋଲା ଦିବସ ପାଳନ ପୁରୀ ନୀଳାଦ୍ରି ବିଜେ ଅବସରରେ ଏହି ମନ୍ଦିରକୁ ପ୍ରଥମଥର ଦର୍ଶନ କରୁଥିବା ପ୍ରକାଶ କରିଥିଲେ। ଢେଙ୍କାନାଳ ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ଓ ଏହାର କର୍ମକର୍ତ୍ତା ବୃନ୍ଦ ଏହି ପ୍ରାଚୀନ ଶ୍ରୀଜଗନ୍ନାଥ ମନ୍ଦିରର ଉନ୍ନତି ପାଇଁ ଜିଲ୍ଲାପାଳ ତଥା ଦେବୋତ୍ତର ଟ୍ରଷ୍ଟି ଆଶିଷ ଈଶ୍ୱର ପାଟିଲ୍ ଦୃଷ୍ଟି ଦିଅନ୍ତୁ ବୋଲି ଦାବି କରିଛନ୍ତି।

# ଗଞ୍ଜେଇ ଜବତ, ଜଣେ ଗିରଫ

କାମାକ୍ଷାନଗର,୧୪।୮(ସମିସ): କାମାକ୍ଷାନଗର ଥାନା ମାଳପୁରା ଗ୍ରାମରେ ଚୋରା ଗଞ୍ଜେଇ କାରବାର ବେଳେ ଅବକାରୀ ବିଭାଗ ଚଢ଼ଉ କରି ୮୦ ହଜାର ଟଙ୍କାର ଗଞ୍ଜେଇ ଜବତ କରିଛି। ଏହି ମାମଲାରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ମାଳପୁରା ଗ୍ରାମର ଟୁଟୁନା ସାହୁ। ଟୁଟୁନା ଘରେ ଗଞ୍ଜେଇ କାରବାର କରି ଆସୁଥିଲେ। ଖବର ପାଇ ଅବକାରୀ ବିଭାଗ ଶୁକ୍ରବାର ତାଙ୍କ ଘରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ପାଇଖାନା ଭିତରେ ୮ କେଜି ୧୦୦ ଗ୍ରାମ ଗଞ୍ଜେଇ ଜଣାପଡ଼ିଥିଲ। ଗଞ୍ଜେଇ ଜବତ କରାଯିବା ସହ ଟୁଟୁନାଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହୋଇଥିବା ବେଳେ ଟୁଟୁନାଙ୍କୁ କୋର୍ଟଚାଲାଣ କରାଯାଇଛି।

# ଟାୱାର ଉପରେ ଚଢ଼ିଲେ ଯୁବକ, ୨ଘଣ୍ଟା ପରେ ଉଦ୍ଧାର

କାମାକ୍ଷାନଗର,୧୪।୮(ସମିସ): ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ ଟାୱାର ଉପରେ ଚଢ଼ିଗଲେ ଜଣେ ଯୁବକ। ତେବେ କେଉଁ କାରଣରୁ ଯୁବକ ଜଣକ ଟାୱାର ଉପରେ ଚଢ଼ିଲେ ତାହା ସ୍ପଷ୍ଟ ହୋଇନାହିଁ। କାମାକ୍ଷାନଗର ବଡ଼ବନ୍ଧ ସାହିରେ ଘଟିଛି ଏହି ଘଟଣା। ସୂଚନା ଅନୁସାରେ, ବଡ଼ବନ୍ଧ ସାହିର ପ୍ରେମକୁମାର ବେହେରା (୨୮) ଟାୱାର ଉପରେ ଚଢ଼ି ଯାଇଥିଲେ। ଖବର ପାଇ କମାକ୍ଷାନଗର ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ୨ ଘଣ୍ଟା ପରେ ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରି କମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ମାନସିକ ଦୁଶ୍ଚିନ୍ତା ପାଇଁ ଯୁବକ ଜଣକ ଏଭଳି କରିଥାଇ ପାରନ୍ତି ବୋଲି କମାକ୍ଷାନଗର ଭାରପ୍ରାପ୍ତ ଅଗ୍ନିଶମ ଅଧିକାରୀ ଶ୍ରୀକାନ୍ତ ବଳବନ୍ତରାୟ କହିଛନ୍ତି।


# ଟ୍ରକ୍ ଧକ୍କାରେ ୫ ଗୋରୁ ମୃତ

ପରଜଙ୍ଗ,୧୪।୮(ସମିସ): ୫୩ନଂ ଜାତୀୟ ରାଜପଥର ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ଅନ୍ତର୍ଗତ ମା' ଛିନ୍ନମସ୍ତା ମନ୍ଦିର ନିକଟରେ ଟ୍ରକ ଧକ୍କାରେ ୫ ଗୋରୁଙ୍କ ମୃତ୍ୟୁ ଘଟିଛି। ପ୍ରତ୍ୟକ୍ଷଦର୍ଶୀ କହିବା ମୁତାବକ ଜାତୀୟ ରାଜପଥରେ ଗୋରୁପଲ ଛିଡ଼ା ହୋଇଥିବା ବେଳେ ପିଡିରି ଛକ ଆଡୁ ଏକ ଟ୍ରକ ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୫ ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ଟ୍ରକ୍ ଫେରାର ହୋଇଯାଉଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଟ୍ରକ୍‌କୁ ଜଟିଆ ଗ୍ରାମ ଛକ ନିକଟରେ ଅଟକାଇ ସ୍ଥାନୀୟ ପୁଲିସ ଜିମା ଦିଆଯାଇଛି। ପୁଲିସ ଟ୍ରକ୍ ଓ ଚାଳକଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।









ସକାଳ
THE SAKALA

# ଆଶାର କିରଣ

ଆଜି ସ୍ୱାଧୀନତାର ଦୀର୍ଘବର୍ଷର ଉପଲବ୍ଧି ବିଷୟରେ ଆତ୍ମସମୀକ୍ଷା କରିବା ବେଳେ ଯେଉଁ ନିର୍ଣ୍ଣାୟକ ଓ ଐତିହାସିକ ପ୍ରସଙ୍ଗଟି ପ୍ରଥମେ ମନକୁ ଆସୁଛି ତାହା ନିଶ୍ଚିତ ଭାବେ ଯେ ନିକଟକରେ ଦିଲ୍ଲୀର ଯନ୍ତରମନ୍ତରରେ ଆୟୋଜିତ କକ୍ରୋଚ୍ ଜନତା ପାର୍ଟି(ସିଜେପି)ର ଅହିଂସ ଆନ୍ଦୋଳନ - ଏହାକୁ ଯେ କେହି ସ୍ୱୀକାର କରିବେ। ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ବାହୁବଳ ଓ ଅର୍ଥବଳ କବଳିତ ବୋଲି ଯେଉଁ ଧାରଣାଟି କ୍ରମଶଃ ଦୃଢ଼ ହୋଇଆସୁଥିଲା ତାହାକୁ ପ୍ରତିହତ କରିବାରେ ଛାତ୍ର ଓ ଯୁବଶକ୍ତି ସଫଳ ହୋଇଥିବା ଏଥିରୁ ପ୍ରମାଣିତ ହୋଇଛି। ଅଧିକନ୍ତୁ ରାଷ୍ଟ୍ରଗଠନରେ ଯେ ଛାତ୍ର ଓ ଯୁବଶକ୍ତି ସମ୍ବେଦନଶୀଳ ଏହି ଆଶ୍ୱାସନା ମିଳିଛି। ଆଉ ମାତ୍ର ୨୦ ବର୍ଷ ପରେ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବାକୁ ଯାଉଥିବା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ପାଇଁ ଏହା ଏକ ଶୁଭସଙ୍କେତ ନିଶ୍ଚୟ। ସ୍ୱାଧୀନତାର ୮୦ ବର୍ଷ ପାଳନର ଅବ୍ୟବହିତ ପୂର୍ବରୁ ଭାରତୀୟ ଛାତ୍ର-ଯୁବ ସମାଜ ଅନ୍ତତଃ ଏହି ବାର୍ତ୍ତା ଦେଇଛନ୍ତି ଯେ କେବଳ ବରିଷ୍ଠ ଓ ଅଭିଜ୍ଞମାନେ ହିଁ ନୁହନ୍ତି, ଆମେ ମଧ୍ୟ ଭବିଷ୍ୟତର ଡୋରି ସମ୍ଭାଳିବାକୁ ସକ୍ଷମ।

ସିଜେପି ଆନ୍ଦୋଳନର ନେତୃତ୍ୱ ଛାତ୍ର-ଯୁବଶକ୍ତି ନେଇଥିଲେ ହେଁ ସେଥିରେ ସମଗ୍ର ଦେଶର ସ୍ୱର ସେଥିରେ ପ୍ରତିଫଳନ ଘଟିଥିଲା। ଦେଶବାସୀଙ୍କ ସୁପ୍ତ ପୀଡ଼ିତ ଅନ୍ତଃସ୍ୱରକୁ ସାର୍ବଜନିନ କରିବାରେ ସେମାନେ ଏଭଳି ଏକ ମଞ୍ଚ ପ୍ରଦାନ କରିଥିଲେ, ଯେଉଁଥିରେ ଗଣତନ୍ତ୍ର, ଅହିଂସା, ଅଭିବ୍ୟକ୍ତି ସ୍ୱାଧୀନତାର ସମାବେଶ ଘଟିଥିଲା। ଭାରତୀୟ ଗଣତନ୍ତ୍ର ପାଇଁ ଏହାଠାରୁ ବଳି ଉପଲବ୍ଧି ଆଉ କ'ଣ ହୋଇପାରେ! ବୁଦ୍ଧଙ୍କ ଭୂମିରେ ଅହିଂସା ଏବେ ମଧ୍ୟ ଗଣତନ୍ତ୍ରର ସ୍ୱର ହୋଇରହିଛି ଏହା ବିଶ୍ୱବାସୀ ପ୍ରତ୍ୟକ୍ଷ ଅନୁଭବ କଲେ। ତେଣୁ ସିଜେପିର ଆନ୍ଦୋଳନ ଓ ଉପଲବ୍ଧିକୁ କେବଳ ଅଭୂତପୂର୍ବ ଆଖ୍ୟା ଦେଲେ ତାହା ଯଥେଷ୍ଟ ହେବ ନାହିଁ। ବରଂ ସ୍ୱୈରଚାରର କଳାଚାଦରରେ ଗଣତନ୍ତ୍ରକୁ ଢାଙ୍କିବାକୁ ହେଉଥିବା ଉଦ୍ୟମକୁ ପଣ୍ଡ କରିବାରେ ଅମୋଘ ଅସ୍ତ୍ର ଏବଂ ଗଣତନ୍ତ୍ରର ସଞ୍ଜୀବନୀ ଭାବରେ ଏହାକୁ ତୁଳନା କଲେ ନ୍ୟାୟୋଚିତ ହେବ।

ସ୍ୱାଧୀନ ଭାରତର ସାମ୍ପ୍ରତିକ ମହାସଙ୍କଟ ହେଉଛି ସାମାଜିକ-ଆର୍ଥିକ ବୈଷମ୍ୟ ଏବଂ ମହାଅଭିଯୋଗ ହେଉଛି ସ୍ୱାଧୀନତା ଅଭିବ୍ୟକ୍ତିର କଣ୍ଠରୋଧ। ଅଭିବ୍ୟକ୍ତିର କଣ୍ଠରୋଧ ହେଲେ ଦେଶର ବାସ୍ତବ ସମସ୍ୟା ଲୋକଲୋଚନକୁ ଆସିପାରିବ ନାହିଁ କି ଏହାର ସମାଧାନ ମଧ୍ୟ ହୋଇପାରିବ ନାହିଁ। ଧୀରେ ଧୀରେ ଦେଶ ପୁଣି ଥରେ ବାହୁବଳୀ ଓ ପ୍ରତିପତ୍ତି ଧନିକ ଗୋଷ୍ଠୀଙ୍କ କବଳକୁ ଚାଲିଯିବ। ଏହି ପରିପ୍ରେକ୍ଷୀରେ କୌଣସି ପ୍ରଲୋଭନ ଓ ନାଲି ଆଖିକୁ ଭ୍ରୂକ୍ଷେପ ନ କରି ଛାତ୍ର-ଯୁବସମାଜ ଯେଉଁ ସାହସିକତା ପ୍ରଦର୍ଶନ କରିଛନ୍ତି ତାହା ଗଣତନ୍ତ୍ର ପାଇଁ ସଞ୍ଜୀବନୀ ନିଶ୍ଚୟ।

୨୦୪୭- ଭାରତ ଆଗରେ ଏବେ ଅନେକ ଆହ୍ୱାନ। ଭୂ-ରାଜନୀତିରେ ଏକପକ୍ଷରେ ଆମେରିକା ଓ ଅନ୍ୟପକ୍ଷରେ ଚୀନ୍‌ର ଆଧିପତ୍ୟ ବଢ଼ିଚାଲିଥିବା ବେଳେ ଭାରତ କେଉଁ ପକ୍ଷ ନେବ ନା ନିରପେକ୍ଷ ରହିବ ଏହି ଦ୍ୱନ୍ଦ୍ୱ ଅହରହ ଘାରୁଛି। ପାକିସ୍ତାନ-ତୁର୍କୀ-ସାଉଦି ଆରବର ସାମରିକ ମେଣ୍ଟ ଗଠନ ପରେ ଭାରତ ପ୍ରତି ପଡ଼ୋଶୀଙ୍କଠାରୁ ବିପଦ ବଢ଼ିଛି। ଆମେରିକାର ବାରମ୍ବାର ଧମକ ଭାରତର ବାଣିଜ୍ୟ ଅର୍ଥନୀତିକୁ ବଶମ୍ବଦ କରିବାକୁ ବାଧ୍ୟ କରୁଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଅବନତି ଭାରତର ଅର୍ଥନୈତିକ ମହାଶକ୍ତି ପଥରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଦରଦାମ ବଢ଼ୁଛି; ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ସ୍ଥିତି ଦୁର୍ବଳ ହୋଇଚାଲିଛି। ସରକାରୀ ସ୍କୁଲ୍, ସରକାରୀ ଡାକ୍ତରଖାନା ସଂଖ୍ୟା କମୁଛି; ଅପରପକ୍ଷରେ ଏହି ଦୁଇ କ୍ଷେତ୍ରରେ ଘରୋଇ ସଂସ୍ଥାଙ୍କ ଆଧିପତ୍ୟ ବଢ଼ୁଛି। ଗାନ୍ଧୀଜୀଙ୍କ ନିଶାମୁକ୍ତ ସମାଜର ବିପରୀତ ଦିଗରେ ଭାରତ ଗତି କରୁଛି। ଜଳବାୟୁ ପରିବର୍ତ୍ତନ ଉତ୍କଟ ହେବାରେ ଲାଗିଛି।

ଏହି ପୃଷ୍ଠଭୂମିରେ ଛାତ୍ର-ଯୁବଶକ୍ତିଙ୍କ ସ୍ୱଚ୍ଛ-ଦୁର୍ନୀତିମୁକ୍ତ-ଉତ୍ତରଦାୟୀ ଶାସନ ବ୍ୟବସ୍ଥା ପ୍ରତି ଅଙ୍ଗୀକାରବଦ୍ଧତା ନୂଆ ଆଶା ସଞ୍ଚାର କରିଛି। ଆଶାର କିରଣ ଆହୁରି ଦୀପ୍ତିମନ୍ତ ହୋଇ ଭାରତକୁ ଉଦ୍‌ଭାସିତ କରୁ। ପୁଣି ଥରେ ସୁନାର ଭାରତ ଗଢ଼ି ଉଠୁ। ଗଣତନ୍ତ୍ର ଦିବସର ମହାର୍ଘ ମୁହୂର୍ତ୍ତରେ ଏହି କାମନା କରିବା।

# ଜେନ୍ ଜେଡ୍-ଅର୍ଥନୀତି

ସାଧାରଣତଃ ଏକ ଧାରଣା ରହି ଆସିଛି ଯେ ଜେନ୍ ଜେଡ୍ ବର୍ଗ(୨୦୦୦ ମସିହା ପରେ ଜନ୍ମିତ) ଆର୍ଥିକ ଉଚ୍ଛୃଙ୍ଖଳ। କ୍ରମଶଃ ବଜାରର ଆକାର ଓ ପ୍ରକାର ବଢ଼ିବା ସହିତ ବହୁବିଧ ଉପଭୋକ୍ତା ସାମଗ୍ରୀ ଏବଂ ପିତାମାତାଙ୍କ ରୋଜଗାର ବୃଦ୍ଧି ଜେନ୍ ଜେଡ୍‌ଙ୍କ ଆର୍ଥିକ ଶୃଙ୍ଖଳାରେ ଅନ୍ତରାୟ ସୃଷ୍ଟି କରିଛି ବୋଲି ସମାଜ ବିଜ୍ଞାନୀମାନଙ୍କ ମତ। ଭାରତୀୟ ରିଜର୍ଭ ବ୍ୟାଙ୍କର ଏକ ତଥ୍ୟ ଅନୁଯାୟୀ ଜେନ୍‌ଜେଡ୍ ବର୍ଗର ଅନିୟନ୍ତ୍ରିତ ଖର୍ଚ୍ଚ ଯୋଗୁଁ ଋଣ ଭାର ବଢ଼ିବାରେ ଲାଗିଛି। ଅତ୍ୟାଧୁନିକ ଯୁବପିଢ଼ିକୁ 'ଡିଜିଟାଲ୍-ପିଢ଼ି' ଭାବରେ ମଧ୍ୟ ଅଭିହିତ କରାଯାଉଛି। ଜେନ୍ ଜେଡ୍ ଏବଂ ଜେନ୍ ଆଲ୍‌ଫାର ୯୦% ମୋବାଇଲ୍ ବ୍ୟାଙ୍କିଙ୍ଗ ଆପ୍ ଉପରେ ନିର୍ଭର କରୁଥିବା ବେଳେ ୮୪% ୟୁପିଆଇ ଜରିଆରେ ଆର୍ଥିକ ଦେଣନେଣ କରୁଛନ୍ତି। 'ଏବେ କିଣ ପରେ ଦେବ(ବାୟ ନାଓ ପେ ଲେଟର)' ସୂତ୍ରରେ ସେମାନେ ଅନୁପ୍ରାଣିତ ହୋଇଥିବା କୁହାଯାଉଛି। ଏଣୁ ଉତ୍ପାଦକମାନେ ଏବେ ସେମାନଙ୍କ ଉତ୍ପାଦକୁ ଜେନ୍‌ଜେଡ୍ ଓ ଜେନ୍ ଆଲ୍‌ଫା କୈନ୍ଦ୍ରିକ ପାଇଁ ଯୋଜନା କରୁଛନ୍ତି।

ଅପରପକ୍ଷରେ ନିକଟରେ ଏକ ସର୍ବେକ୍ଷଣରୁ ପ୍ରାପ୍ତ ସିଦ୍ଧାନ୍ତ ଉପରୋକ୍ତ ବ୍ୟାଖ୍ୟାନକୁ ଭୁଲ୍ ପ୍ରମାଣିତ କରିଛି। ସର୍ବେକ୍ଷଣର ନିଷ୍କର୍ଷ ଅନୁଯାୟୀ ଜେନ୍ ଜେଡ୍ ବର୍ଗ ମିତବ୍ୟୟୀ; ଅର୍ଥାତ୍ ଦେଖି ଚାହିଁ ଟଙ୍କା ଖର୍ଚ୍ଚ କରନ୍ତି ଏବଂ ସଞ୍ଚୟ ପ୍ରତି ଅଧିକ ଯତ୍ନଶୀଳ। ଆଇଆଇଏମ୍ ଉଦୟପୁର ଦ୍ୱାରା କରାଯାଇଥିବା ଏହି ସର୍ବେକ୍ଷଣରେ ବାର୍ଷିକ ୧୫ ଲକ୍ଷ ଟଙ୍କା ଆୟ କରୁଥିବା ପରିବାରର ସନ୍ତାନସନ୍ତତିଙ୍କୁ ସାମିଲ୍ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କ ମଧ୍ୟରୁ କେତେକ ପେସାଦାର(ନିଯୁକ୍ତ) ଓ ଛାତ୍ରଛାତ୍ରୀ ଥିଲେ। ପୁଣି ସେମାନଙ୍କ ମଧ୍ୟରୁ ୩୦% ସ୍ୱଉପାର୍ଜନକ୍ଷମ ଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୮୪% ସଞ୍ଚୟ କରୁଥିବା କହିଥିବା ବେଳେ ୬୦% ଅନ୍ତତଃ ଆଗାମୀ ତିନିମାସର ଖର୍ଚ୍ଚ ପାଇଁ ଜରୁରିକାଳୀନ ପାଣ୍ଠି ଗଠନ କରିଛନ୍ତି। ୨୮% ସେମାନଙ୍କ ଆୟରୁ ୧୦-୨୫% ସଞ୍ଚୟ କରୁଛନ୍ତି। ଏହା ନୂଆ ଯୁବପିଢ଼ିଙ୍କ ଆର୍ଥିକ ସଚେତନତା, ଆର୍ଥିକ ବିପର୍ଯ୍ୟୟଜନିତ ପ୍ରାକ୍‌ପ୍ରସ୍ତୁତି, ଦୂରଦୃଷ୍ଟି ସମ୍ପନ୍ନ ଆର୍ଥିକ ପରିଚାଳନାକୁ ସୂଚୀତ କରୁଛି। ପୁଣି ଦୁଇ-ତୃତୀୟାଂଶଙ୍କ ଡିମାଟ୍ ଆକାଉଣ୍ଟ ରହିଛି।

ଏବେ ବଜାର ଅର୍ଥନୀତିରେ ଦ୍ରୁତ ପରିବର୍ତ୍ତନ ଘଟୁଛି। ତେଣୁ କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ଏକାଧିକ ସମୀକ୍ଷା, ତର୍ଜମା ଆଧାରିତ ସିଦ୍ଧାନ୍ତ ଆବଶ୍ୟକ। ଆଗାମୀ ଦିନରେ ବ୍ୟାଖ୍ୟାନ ନୁହେଁ, ବାସ୍ତବତା ହିଁ ନିର୍ଣ୍ଣାୟକ ହେବ। ଭାରତର ଅର୍ଥନୀତି ଜେନ୍-ଜେଡ୍ କୈନ୍ଦ୍ରିକ ହେବାକୁ ଯାଉଥିବାରୁ ଅର୍ଥନୀତିର ନୂଆ ତତ୍ତ୍ୱ ଜନ୍ମ ନେବ।

## ସମ୍ପାଦକୀୟ



ଆମର ପ୍ରକୃତ ଶତ୍ରୁ ବାହ୍ୟଶକ୍ତି ନୁହେଁ, ବରଂ ଆମ ଅନ୍ତର୍ନିହିତ ଦୁର୍ବଳତା।
-ଶ୍ରୀଅରବିନ୍ଦ

# ଉପଲବ୍ଧିର ଶିଖରରେ ଅସମ୍ପୂର୍ଣ୍ଣତାର ଛାୟା

**ମାନସ କୁମାର କର**

ଭାରତ ଆଜି ଯେଉଁ ସ୍ଥାନରେ ପହଞ୍ଚିଛି, ସେଠାରେ ପହଞ୍ଚିବାର ଯାତ୍ରା ଆଦୌ ସହଜ ନଥିଲା। ସ୍ୱାଧୀନତା ସମୟର ଦୁର୍ବଳ ଅର୍ଥନୀତି, ଖାଦ୍ୟ ସଙ୍କଟ, ନିରକ୍ଷରତା, ଅନୁନ୍ନତ ଶିଳ୍ପ ବ୍ୟବସ୍ଥା ଓ ସୀମିତ ଭିତ୍ତିଭୂମିରୁ ଆରମ୍ଭ କରି ଆଜିର ଭାରତ ବିଶ୍ୱର ଏକ ପ୍ରମୁଖ ଅର୍ଥନୈତିକ, ପ୍ରଯୁକ୍ତିଗତ ଓ ମାନବ ସମ୍ପଦର ଶକ୍ତି ଭାବେ ନିଜର ଉପସ୍ଥିତି ଜାହିର କରିପାରିଛି। ମହାକାଶ ବିଜ୍ଞାନରୁ ଡିଜିଟାଲ ଅର୍ଥନୀତି, ଔଷଧ ଶିଳ୍ପରୁ ଭିତ୍ତିଭୂମି, ଷ୍ଟାର୍ଟଅପ୍‌ରୁ ଉଦ୍ୟମିତା ଆଦି ବିଭିନ୍ନ କ୍ଷେତ୍ରରେ ଭାରତର ଅଗ୍ରଗତି ନିଶ୍ଚିତ ଭାବେ ଗର୍ବର ବିଷୟ। କିନ୍ତୁ ବିକାଶର ଏହି ଯାତ୍ରାକୁ କେବଳ ଉପଲବ୍ଧିର ଆଲୋକରେ ଦେଖିଲେ ଚିତ୍ରଟି ଅସମ୍ପୂର୍ଣ୍ଣ ରହିଯିବ। ଆଲୋକ ଯେଉଁଠି ଅଛି, ସେଠି ଛାୟା ମଧ୍ୟ ରହିଥାଏ। ଦେଶର ବୃଦ୍ଧିଶୀଳ ଅର୍ଥନୀତି, ଆଧୁନିକ ସହର, ଦ୍ରୁତ ଗତିରେ ନିର୍ମିତ ରାଜପଥ ଓ ପ୍ରଯୁକ୍ତିଗତ ସଫଳତା ଆମକୁ ଗର୍ବିତ କରେ; କିନ୍ତୁ ସମାଜର ଶେଷ ଧାଡ଼ିରେ ଥିବା ମଣିଷଟିର ଜୀବନରେ ବିକାଶର ଆଲୋକ କେତେ ଗଭୀର ଭାବେ ପହଞ୍ଚିଛି - ଏହି ପ୍ରଶ୍ନ ମଧ୍ୟ ସେତିକି ଗମ୍ଭୀର।

ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ଆଜି ମଧ୍ୟ ଆମକୁ ଏକ ମୌଳିକ ମାପଦଣ୍ଡ ଦେଇଥାଏ। ଗାନ୍ଧୀଙ୍କ ପାଇଁ ଭାରତର ବିକାଶ କେବଳ ଅର୍ଥନୈତିକ ସମୃଦ୍ଧିର ପ୍ରଶ୍ନ ନଥିଲା; ତାଙ୍କ ଭାରତର ସ୍ୱପ୍ନର କେନ୍ଦ୍ରରେ ଥିଲେ ସାଧାରଣ ମଣିଷ। ସମାଜର ସବୁଠାରୁ ଦୁର୍ବଳ ମଣିଷଟିର ମୁହଁକୁ ମନେ ପକାଇ ନିଷ୍ପତ୍ତି ନେବାର ତାଙ୍କର ଆହ୍ୱାନ ଆଜିର ବିକାଶ ଚର୍ଚ୍ଚାରେ ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ। ଗାନ୍ଧୀଙ୍କ ଚିନ୍ତାରେ ଗାଁ ଥିଲା ଭାରତର ଆତ୍ମା। ଆଜି ଭାରତ ସହରୀକରଣ, ଶିଳ୍ପାୟନ ଓ ଡିଜିଟାଲ ବିପ୍ଳବ ଦ୍ରୁତ ଗତିରେ ଆଗେଇ ଯାଉଥିବା ବେଳେ ଗାଁର ଜୀବନ, କୃଷକଙ୍କ ଆୟ, ଗ୍ରାମୀଣ ରୋଜଗାର, ମୌଳିକ ସ୍ୱାସ୍ଥ୍ୟ ଓ ଶିକ୍ଷାର ପ୍ରଶ୍ନକୁ ଅବହେଳା କରାଯାଇପାରିବ ନାହିଁ। ଗାନ୍ଧୀଙ୍କ ଗ୍ରାମସ୍ୱରାଜର ଧାରଣାକୁ ଆଜିର ସମୟରେ ନୂଆ ଅର୍ଥ ଦେବାର ଆବଶ୍ୟକତା ରହିଛି, ଯେଉଁଠି ଗାଁ କେବଳ ସହରକୁ ଶ୍ରମ ଯୋଗାଇବ ନାହିଁ, ବରଂ ନିଜେ ଶିକ୍ଷା, ଉଦ୍ୟମ, କୃଷି-ପ୍ରକ୍ରିୟାକରଣ ଓ ରୋଜଗାରର କେନ୍ଦ୍ର ହୋଇପାରିବ। ଗାନ୍ଧୀଙ୍କ ସ୍ୱଦେଶୀ ଚିନ୍ତାଧାରାକୁ ଆଜିର ପରିପ୍ରେକ୍ଷୀରେ ଦେଖିଲେ ସ୍ଥାନୀୟ ଉତ୍ପାଦନ, ସ୍ଥାନୀୟ ଉଦ୍ୟମ ଓ ସ୍ଥାନୀୟ ରୋଜଗାରକୁ ଶକ୍ତିଶାଳୀ କରିବାର ଗୁରୁତ୍ୱ ସ୍ପଷ୍ଟ ହୁଏ। ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିପାରିଲେ ଗ୍ରାମରୁ ସହରକୁ ଅନିବାର୍ଯ୍ୟ ପ୍ରବାସର ଚାପ ମଧ୍ୟ କମିପାରିବ।

ଭାରତର ଅର୍ଥନୈତିକ ଅଭିବୃଦ୍ଧି ସହିତ ଆଉ ଏକ ପ୍ରଶ୍ନ ହେଉଛି ବୈଷମ୍ୟ। ଏକ ପଟେ ଅତ୍ୟାଧୁନିକ ଜୀବନଶୈଳୀ, ଅନ୍ୟ ପଟେ ମୌଳିକ ସୁବିଧା ପାଇଁ ସଂଘର୍ଷ ଏହି ଦୁଇ ଚିତ୍ର ଏକା ସମୟରେ ଦେଖାଯିବା ବିକାଶର ସମାବେଶୀ ସ୍ୱରୂପ ଉପରେ ପ୍ରଶ୍ନ ଉଠାଏ। ଅର୍ଥନୀତି, ଶିଳ୍ପ ବଢ଼ିବା ଦରକାର, ପୁଞ୍ଜିନିବେଶ ଆସିବା ଦରକାର; କିନ୍ତୁ ଏହାର ସୁଫଳ ସମାଜର ବ୍ୟାପକ ବର୍ଗ ପାଖରେ ପହଞ୍ଚିବା ମଧ୍ୟ ଆବଶ୍ୟକ। ଗାନ୍ଧୀଙ୍କ 'ଟ୍ରଷ୍ଟିସିପ୍' ଧାରଣା ଏଠାରେ ମନେ ପଡ଼େ। ସମ୍ପଦର ମାଲିକାନା ଯାହାଙ୍କ ହାତରେ ଥାଉ, ତାହାର ବ୍ୟବହାର ସମାଜର ବ୍ୟାପକ ମଙ୍ଗଳ ପାଇଁ ହେବା ଉଚିତ - ଏହି ଚିନ୍ତା ଆଜିର କର୍ପୋରେଟ୍ ଓ ଅର୍ଥନୈତିକ ଯୁଗରେ ନୂଆ ଭାବେ ଚିନ୍ତା କରିବାର ଅବକାଶ ଦେଇଥାଏ।

ଭାରତର ସବୁଠାରୁ ବଡ଼ ସମ୍ପଦ ହେଉଛି ଏହାର ଯୁବଶକ୍ତି। କିନ୍ତୁ ଯୁବ ଜନସଂଖ୍ୟା ଅଧିକ ଥିଲେ ମଧ୍ୟ ତାହା ଜାତୀୟ ସମ୍ପଦରେ ପରିଣତ ହୁଏ ନାହିଁ। ଯୁବପିଢ଼ିକୁ ଗୁଣାତ୍ମକ ଶିକ୍ଷା, କୌଶଳ, ଗବେଷଣା, ଉଦ୍ୟମିତା ଓ ସମ୍ମାନଜନକ ରୋଜଗାର ଦେବାକୁ ହେବ। ଆଜି ଶିକ୍ଷିତ ଯୁବକଙ୍କ ମଧ୍ୟରେ ନିଜ ଯୋଗ୍ୟତା ଅନୁଯାୟୀ ସୁଯୋଗ ନ ପାଇବାର ଅସନ୍ତୋଷ ରହିଛି। ଦୀର୍ଘ ସମୟ ଧରି ଯୁବକ ନିଜ ଭବିଷ୍ୟତ ନେଇ ଅନିଶ୍ଚିତ ରହିଲେ ତାହାର ପ୍ରଭାବ କେବଳ ପରିବାର ଉପରେ ନୁହେଁ, ସମାଜ ଓ ଅର୍ଥନୀତି ଉପରେ ମଧ୍ୟ ପଡ଼େ। ତେଣୁ ଶିକ୍ଷା ସହିତ ରୋଜଗାରର ସମ୍ପର୍କକୁ ଦୃଢ଼ କରିବାକୁ ହେବ। କେବଳ ଡିଗ୍ରୀ ନୁହେଁ, ଦକ୍ଷତା ଓ ସୃଜନଶୀଳତା ଆଗାମୀ ଦିନର ପରିଚୟ ହେବା ଆବଶ୍ୟକ। ଗାନ୍ଧୀଜୀ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ମହିଳାଙ୍କୁ ବ୍ୟାପକ ଭାବରେ ଯୋଡ଼ିଥିଲେ। ତାଙ୍କ ପାଇଁ ସ୍ୱାଧୀନତା କେବଳ ରାଜନୈତିକ ମୁକ୍ତି ନଥିଲା; ଏହା ସାମାଜିକ ଓ ମାନବୀୟ ମୁକ୍ତିର ମଧ୍ୟ ଏକ ପ୍ରକ୍ରିୟା ଥିଲା। ଆଜି ମହିଳାମାନେ ଶିକ୍ଷା, ପ୍ରଶାସନ, ବିଜ୍ଞାନ, ଶିଳ୍ପ, କ୍ରୀଡ଼ା ଓ ରାଜନୀତିରେ ନୂଆ ସଫଳତା ହାସଲ କରୁଛନ୍ତି। ତଥାପି ସୁରକ୍ଷା, ସମାନ ଦରମା, ରୋଜଗାରର ସୁଯୋଗ ଓ ସାମାଜିକ ସମ୍ମାନର ପ୍ରଶ୍ନ ରହିଛି। ଆଇନ ଯେତିକି ଆବଶ୍ୟକ, ସାମାଜିକ ଚେତନାର ପରିବର୍ତ୍ତନ ସେତିକି ଆବଶ୍ୟକ।

ଭାରତର ବିକାଶ ଆଲୋଚନା କୃଷକଙ୍କୁ ବାଦ ଦେଇ ସମ୍ପୂର୍ଣ୍ଣ ହୋଇପାରେ ନାହିଁ। ଜଳବାୟୁ ପରିବର୍ତ୍ତନ, ଅନିୟମିତ ବର୍ଷା, ଉତ୍ପାଦନ ଖର୍ଚ୍ଚ, ବଜାରର ଅନିଶ୍ଚିତତା ଓ ଛୋଟ ଜମି ଭଳି ସମସ୍ୟା କୃଷକଙ୍କ ଜୀବନକୁ ପ୍ରଭାବିତ କରୁଛି। ଓଡ଼ିଶା ପାଇଁ ଏହି ପ୍ରଶ୍ନ ଆହୁରି ଗୁରୁତ୍ୱପୂର୍ଣ୍ଣ। ଧାନଚାଷ ସହିତ ମାଛଚାଷ, ପଶୁପାଳନ, ଉଦ୍ୟାନଚାଷ ଓ ଜଙ୍ଗଲଜାତ ଦ୍ରବ୍ୟ ଲକ୍ଷ ଲକ୍ଷ ପରିବାରର ଜୀବିକା ସହ ଜଡ଼ିତ। ଉତ୍ପାଦନ ବଢ଼ାଇବା ସହିତ କୃଷକଙ୍କ ଉତ୍ପାଦର ଉଚିତ ମୂଲ୍ୟ, ଭଣ୍ଡାରଣ, ପ୍ରକ୍ରିୟାକରଣ ଓ ବଜାର ସଂଯୋଗ ସୁନିଶ୍ଚିତ କରିବାକୁ ହେବ।

ବିକାଶର ଜାତୀୟ ଚିତ୍ରରେ ଓଡ଼ିଶା ଆଜି ଏକ ପରିବର୍ତ୍ତିତ ରାଜ୍ୟ ଭାବେ ନିଜର ପରିଚୟ ଗଢ଼ିଛି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଶିଳ୍ପାୟନ, ଭିତ୍ତିଭୂମି, କ୍ରୀଡ଼ା ଓ ପ୍ରଶାସନିକ ପରିଚାଳନାରେ ରାଜ୍ୟ ଅନେକ ଉଲ୍ଲେଖନୀୟ ପଦକ୍ଷେପ ନେଇଛି। କିନ୍ତୁ ଓଡ଼ିଶାର ଆଉ ଏକ ଚିତ୍ରକୁ ମଧ୍ୟ ଦେଖିବାକୁ ହେବ। ଖଣିଜ ସମ୍ପଦରେ ସମୃଦ୍ଧ ଅନେକ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ପରିବେଶର ପ୍ରଶ୍ନ ଏବେ ମଧ୍ୟ ରହିଛି। ସମ୍ପଦ ଯେଉଁ ଅଞ୍ଚଳରୁ ଆସୁଛି, ସେଠାର ଲୋକଙ୍କ ଜୀବନମାନରେ ତାହାର ପ୍ରତିଫଳନ କେତେ ଦୃଶ୍ୟମାନ - ଏହି ପ୍ରଶ୍ନ ଗମ୍ଭୀର ଭାବରେ ଉଠିବା ଦରକାର। ବିଶେଷକରି ଆଦିବାସୀ ଅଞ୍ଚଳରେ ବିକାଶର ଅର୍ଥ କେବଳ ରାସ୍ତା କିମ୍ବା ଭବନ ନୁହେଁ। ଶିଶୁଙ୍କ ପାଇଁ ଭଲ ସ୍କୁଲ, ରୋଗୀଙ୍କ ପାଇଁ ନିକଟସ୍ଥ ଚିକିତ୍ସା, ଯୁବକଙ୍କ ପାଇଁ ରୋଜଗାର, ମହିଳାଙ୍କ ପାଇଁ ସୁରକ୍ଷା ଓ ସ୍ୱାବଲମ୍ବନ ଏବଂ ସ୍ଥାନୀୟ ସମୁଦାୟର ଅଧିକାର ଓ ସମ୍ମାନ - ଏସବୁ ମିଶିଲେ ହିଁ ବିକାଶର ପ୍ରକୃତ ଅର୍ଥ ପୂରଣ ହେବ। ଦ୍ରୁତ ଶିଳ୍ପାୟନ ଓ ସହରୀକରଣର ଯୁଗରେ ପରିବେଶ ସୁରକ୍ଷାକୁ ଅଣଦେଖା କରିବାର ସୁଯୋଗ ନାହିଁ। ଜଳସଙ୍କଟ, ବାୟୁ ପ୍ରଦୂଷଣ, ଜଙ୍ଗଲ ହ୍ରାସ ଓ ଜଳବାୟୁ ପରିବର୍ତ୍ତନ ଆଉ କେବଳ ପରିବେଶବିତ୍‌ଙ୍କ ବିଷୟ ନୁହେଁ; ଏହା କୃଷକ, ଶ୍ରମିକ, ଶିଶୁ ଓ ସାଧାରଣ ମଣିଷର ଜୀବନ ସହ ଜଡ଼ିତ। ଓଡ଼ିଶାର ସମୁଦ୍ରତଟ, ଜଙ୍ଗଲ, ନଦୀ ଓ ଜୈବବିବିଧତା ରାଜ୍ୟର ଅମୂଲ୍ୟ ସମ୍ପଦ। ବିକାଶ ଓ ପରିବେଶ ମଧ୍ୟରେ ସନ୍ତୁଳନ ନ ରଖିଲେ ଆଜିର ଅର୍ଥନୈତିକ ଲାଭ ଆସନ୍ତାକାଲିର ବିପର୍ଯ୍ୟୟର କାରଣ ହୋଇପାରେ।

ଆଜି ଯେତେବେଳେ ଆମେ କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଡିଜିଟାଲ ଅର୍ଥନୀତି ଓ ସ୍ମାର୍ଟ ସିଟିର କଥା କହୁଛୁ, ସେତେବେଳେ ଗାନ୍ଧୀଙ୍କ ଚିନ୍ତାର ମୂଳ କଥାଟିକୁ ଭୁଲିବା ଉଚିତ ନୁହେଁ, ବିକାଶର କେନ୍ଦ୍ରରେ ମଣିଷ ରହିବା ଦରକାର। ପ୍ରଯୁକ୍ତି ମଣିଷର ଜୀବନକୁ ସରଳ କରିପାରେ, ଅର୍ଥନୀତିକୁ ଦ୍ରୁତ କରିପାରେ, ଉତ୍ପାଦନ ବଢ଼ାଇପାରେ। କିନ୍ତୁ ପ୍ରଯୁକ୍ତି ମାନବୀୟତାର ବିକଳ୍ପ ନୁହେଁ। ଅର୍ଥନୈତିକ ସଫଳତା ସହିତ ସାମାଜିକ ନ୍ୟାୟ, ସହାନୁଭୂତି, ସତ୍ୟ, ଅହିଂସା ଓ ମାନବୀୟ ମର୍ଯ୍ୟାଦାର ମୂଲ୍ୟକୁ ଜୀବନ୍ତ ରଖିବା ଦରକାର। ଭାରତର ଉପଲବ୍ଧି ଆମକୁ ଗର୍ବ କରିବାର ଅଧିକାର ଦେଇଛି। ଓଡ଼ିଶାର ଅଗ୍ରଗତି ମଧ୍ୟ ଆଶା ସୃଷ୍ଟି କରିଛି। କିନ୍ତୁ ଗଣତନ୍ତ୍ରରେ ଆତ୍ମସମୀକ୍ଷା ଦୁର୍ବଳତାର ଲକ୍ଷଣ ନୁହେଁ; ଏହା ଦାୟିତ୍ୱଶୀଳ ସମାଜର ପରିଚୟ। ଯେଉଁ ଗାଁରେ ଭଲ ସ୍କୁଲ ନାହିଁ, ଯେଉଁ ପରିବାର ଚିକିତ୍ସା ଖର୍ଚ୍ଚରେ ଆର୍ଥିକ ଭାବେ ଦୁର୍ବଳ ହୋଇଯାଏ, ଯେଉଁ ଯୁବକ ଯୋଗ୍ୟତା ସତ୍ତ୍ୱେ ରୋଜଗାର ଖୋଜି ଦୂର ରାଜ୍ୟକୁ ଯାଏ, ଯେଉଁ କୃଷକ ପାଣିପାଗ ଓ ବଜାର ସହ ଲଢ଼ୁଛନ୍ତି, ଯେଉଁ ଆଦିବାସୀ ପରିବାର ନିଜ ଅଞ୍ଚଳର ସମ୍ପଦ ମଧ୍ୟରେ ରହି ମୌଳିକ ସୁବିଧା ପାଇଁ ଅପେକ୍ଷା କରୁଛି ସେମାନଙ୍କ ଜୀବନରେ ବିକାଶର ଆଲୋକ କେତେ ଦୂର ପହଞ୍ଚିଛି, ତାହା ହିଁ ଆମର ପ୍ରକୃତ ପରୀକ୍ଷା।

ଗାନ୍ଧୀଙ୍କ ଭାରତର ସ୍ୱପ୍ନ ଥିଲା ଏମିତି ଏକ ଭାରତ, ଯେଉଁଠି ଦୁର୍ବଳ ମଣିଷ ନିଜକୁ ଅସହାୟ ମନେ କରିବ ନାହିଁ, ଯେଉଁଠି ଗାଁ ଓ ସହର ମଧ୍ୟରେ ବିକାଶର ଗଭୀର ଖାଇ ରହିବ ନାହିଁ, ଯେଉଁଠି ସମୃଦ୍ଧି ସହିତ ନ୍ୟାୟ ଓ ମାନବୀୟ ମର୍ଯ୍ୟାଦା ମଧ୍ୟ ସୁନିଶ୍ଚିତ ହେବ। ଆଜି ଆମେ ଯେତେବେଳେ ନୂଆ ଭାରତ ଓ ବିକଶିତ ଭାରତର ସ୍ୱପ୍ନ ଦେଖୁଛୁ, ସେତେବେଳେ ଗାନ୍ଧୀଙ୍କ ସେହି ମାନବକୈନ୍ଦ୍ରିକ ଦୃଷ୍ଟିକୋଣକୁ ନୂଆ ସମୟର ଆବଶ୍ୟକତା ସହ ଯୋଡ଼ିବାକୁ ହେବ। କାରଣ ରାଷ୍ଟ୍ରର ପ୍ରକୃତ ଶକ୍ତି କେବଳ ତାହାର ଅର୍ଥନୀତିର ଆକାରରେ ନୁହେଁ, ସବୁଠାରୁ ଦୁର୍ବଳ ମଣିଷଟିର ମୁହଁରେ ଫୁଟିଉଠୁଥିବା ନିରାପତ୍ତା, ସମ୍ମାନ ଓ ଆଶାର ହସରେ ରହିଛି।

ଭାରତର ଯାତ୍ରା ଏଯାବତ୍ ଅସମ୍ପୂର୍ଣ୍ଣ। ଓଡ଼ିଶାର ଯାତ୍ରା ମଧ୍ୟ ଅସମ୍ପୂର୍ଣ୍ଣ। କିନ୍ତୁ ଏହି ଅସମ୍ପୂର୍ଣ୍ଣତା ଆମର ଦୁର୍ବଳତା ନୁହେଁ। ଏହା ଆମକୁ ଆହୁରି ଭଲ ଭାରତ ଏବଂ ଆହୁରି ସମୃଦ୍ଧ, ସମ୍ମାନ ଓ ମାନବୀୟ ଓଡ଼ିଶା ଗଢ଼ିବାର ପ୍ରେରଣା ଦେଉଛି। ଉପଲବ୍ଧି ଆମକୁ ଗର୍ବ ଦେଉ, କିନ୍ତୁ ଆହ୍ୱାନ ଆମକୁ ସଚେତନ ରଖୁ। ବିକାଶ ଆମକୁ ଆଗକୁ ନେଉ, କିନ୍ତୁ ମାନବୀୟତା ଆମର ଦିଗ ନିର୍ଦ୍ଦେଶ କରୁ - ଏହା ହେଉ ଆଗାମୀ ଭାରତ ଏବଂ ଓଡ଼ିଶା ପାଇଁ ସବୁଠାରୁ ବଡ଼ ସଙ୍କଳ୍ପ।

କୋଡାଙ୍ଗ(କୋଣାର୍କ)
ମୋ: ୭୩୮୧୩୮୨୨୧୦

# ବ୍ରିଟିଶରାଜ ଓ ଭାରତୀୟ ଗୁପ୍ତ ସଂଗଠନ

**ଡ. ପ୍ରଦୀପ କୁମାର ନାୟକ**

ଆମ ସମସ୍ତଙ୍କର ଧାରଣା ଅଛି ଯେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୨୦ ମସିହାରୁ ୧୯୪୭ ମସିହା ପର୍ଯ୍ୟନ୍ତ ଅହିଂସା ଓ ଶାନ୍ତିପୂର୍ଣ୍ଣ ପଦ୍ଧତିରେ ଚାଲିଥିଲା। ଭାରତୀୟ ଜାତୀୟ କଂଗ୍ରେସର ଅନେକ ତୁଙ୍ଗ ନେତା ଯାହାଙ୍କୁ ସମସ୍ତ ଦେଶବାସୀ ନରମପନ୍ଥୀ ବୋଲି କହୁଥିଲେ ଯଥା ମୋତିଲାଲ ନେହେରୁ, ଜବାହରଲାଲ ନେହରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ମୌଲାନା ଅବୁଲ କଲାମ ଆଜାଦ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ସରୋଜିନୀ ନାଇଡୁ ଏବଂ ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ୧୯୧୫ ସାଲରେ ଭାରତକୁ ଆସିବା ପୂର୍ବରୁ ଦାଦାଭାଇ ନାରୋଜି, ଗୋପାଳ କ୍ରିଷ୍ଣ ଗୋଖଲେ ଆଦି ନେତା ଶାନ୍ତିପୂର୍ଣ୍ଣ ଭାବେ ଭାରତ ପାଇଁ ସ୍ୱାଧୀନତା ଆଣିବାର ପ୍ରୟାସ କରିଥିଲେ। କିନ୍ତୁ ସେହି କଂଗ୍ରେସ ଦଳର ନେତାଜୀ ସୁଭାଷ ବୋଷ, ଲାଲା ଲଜପତ ରାୟ, ବାଳ ଗଙ୍ଗାଧର ତିଲକ ଓ ବିପିନ ଚନ୍ଦ୍ର ପାଲଙ୍କ ଭଳି ଚରମପନ୍ଥୀ ମଧ୍ୟ ଥିଲେ ଏବଂ ଶକ୍ତି, ହିଂସା ଓ ବଳ ପ୍ରୟୋଗ ଦ୍ୱାରା ବ୍ରିଟିଶରାଜକୁ ଦମନ କରାଯାଇ ପାରିବ ବୋଲି ଭାବୁଥିଲେ। ତତ୍କାଳୀନ ବିପ୍ଳବୀ ଅରବିନ୍ଦ ଘୋଷ ୧୯୦୭ ମସିହା ଏପ୍ରିଲ ୧୧ ଓ ୨୩ ତାରିଖରେ 'ବନ୍ଦେ ମାତାରମ୍' ଖବରକାଗଜରେ କଂଗ୍ରେସର ନିଷ୍କ୍ରିୟ ପ୍ରତିବାଦ ବା ଅହିଂସା ନୀତିକୁ ଭିକ୍ଷୁକ ନୀତି କହି କଡ଼ା ସମାଲୋଚନା କରିଥିଲେ। କେବଳ ହିଂସା ଓ ରକ୍ତପାତ ଦ୍ୱାରା ହିଁ ବ୍ରିଟିଶରମାନଙ୍କୁ ଭାରତରୁ ବିତାଡ଼ିତ କରାଯାଇପାରେ ବୋଲି ସେ ହୃଦୟଙ୍ଗମ କରିଥିଲେ।

ଗାନ୍ଧୀଙ୍କ ଅହିଂସା ନୀତିରେ ଯେଉଁ ବିପ୍ଳବୀମାନଙ୍କର ଆସ୍ଥା ଓ ବିଶ୍ୱାସ ନଥିଲା ସେମାନେ ଭାରତର ବିଭିନ୍ନ ଅଞ୍ଚଳରେ ଗୁପ୍ତ ସଂଗଠନମାନ ଗଠନ କରି ବ୍ରିଟିଶ ସରକାର ଉପରେ ଚାପ ପ୍ରୟୋଗ କରିଥିଲେ। ୧୯୦୨ ମସିହାରେ ଅବିଭାଜିତ ବଙ୍ଗ ପ୍ରଦେଶରେ 'ଅନୁଶୀଳନୀ ସମିତି' ନାମକ ଏକ ଗୁପ୍ତ ସଂଗଠନ ସ୍ଥାପିତ ହୋଇଥିଲା, ଯାହାର ମୁଖ୍ୟ ପ୍ରତିଷ୍ଠାତା ଥିଲେ ପ୍ରମଥନାଥ ମିତ୍ର, ଅରବିନ୍ଦ ଘୋଷ, ବାରିନ୍ଦ୍ର ଘୋଷ ଓ ସତୀଶ ଚନ୍ଦ୍ର ବାସୁ। ଏହା ଏକ ଆଖଡ଼ା ତଥା ବ୍ୟାୟାମଶାଳା ରୂପେ ଲୋକଙ୍କୁ ବିଭ୍ରାନ୍ତ କରୁଥିଲା। ୧୯୦୬ ସାଲରେ ବଙ୍ଗରେ 'ଯୁଗାନ୍ତର' ନାମକ ଏକ ସଂଗଠନ ଗଠନ ହୋଇଥିଲା, ଯାହାର କାର୍ଯ୍ୟକ୍ଷେତ୍ର ଉତ୍ତର ପ୍ରଦେଶ, ବିହାର ଓ ଓଡ଼ିଶାରେ ଥିଲା। ଏହାର ପ୍ରତିଷ୍ଠାତା ଥିଲେ ବାରିନ୍ଦ୍ର ଘୋଷ, ବାଘା ଯତୀନ, ଭୁପେନ୍ଦ୍ରନାଥ ଦତ୍ତ ଓ ଅବିନାଶ ଭଟ୍ଟାଚାର୍ଯ୍ୟ। ଏହି ସଂଗଠନର ମୁଖ୍ୟ ଲକ୍ଷ୍ୟ ଥିଲା ଉଚ୍ଚପଦସ୍ଥ ବ୍ରିଟିଶ ଅଫିସରମାନଙ୍କୁ ଗୁପ୍ତରେ ହତ୍ୟା କରିବା, ବୋମା ତିଆରି କରିବା ଏବଂ ବିଦେଶରୁ ଅସ୍ତ୍ରଶସ୍ତ୍ର ଆମଦାନୀ କରିବା।

୧୮୯୯ରେ ମହାରାଷ୍ଟ୍ରର ନାସିକ ଠାରେ 'ମିତ୍ରମେଳା' ଓ ୧୯୦୪ ମସିହାରେ ମହାରାଷ୍ଟ୍ରର ପୁନେ ଠାରେ 'ଅଭିନବ ଭାରତ ସୋସାଇଟି' ବିପ୍ଳବୀ ବିନାୟକ ଦାମୋଦର ସବରକରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏହି ସଂଗଠନର ସଦସ୍ୟମାନେ ନାସିକଠାରେ ବ୍ରିଟିଶ କଲେକ୍ଟର ଏ.ଏମ୍. ଟି ଜ୍ୟାକସନ୍‌ଙ୍କୁ ୧୯୦୯ ଡିସେମ୍ବର ୨୧ ତାରିଖରେ ହତ୍ୟା କରି ଚର୍ଚ୍ଚିତ ହୋଇଥିଲେ। ୧୮୯୭ ମସିହାରେ କଲିକତାରେ ବିପିନ ବିହାରୀ ଗାଙ୍ଗୁଲି 'ଆତ୍ମୋନ୍ନତି ସମିତି' ନାମକ ଏକ ବ୍ରିଟିଶ ବିରୋଧୀ ସଂଗଠନର ସ୍ଥାପନା କରିଥିଲେ। ସେହିପରି ୧୯୦୭ ମସିହାରେ ଭଗତ ସିଂଙ୍କ ଦାଦା ଅଜିତ ସିଂ ଲାହୋରରେ 'ଭାରତ ମାତା ସୋସାଇଟି' ଗଠନ କରି ବ୍ରିଟିଶରମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲେ।

୧୯୨୪ ମସିହାରେ କାନପୁରଠାରେ ସଚିନ୍ଦ୍ରନାଥ ସାନ୍ୟାଲ 'ହିନ୍ଦୁସ୍ଥାନ ରିପବ୍ଲିକାନ ଆସୋସିଏସନ' ଗଠନ କରିଥିଲେ। ଏହାପୂର୍ବରୁ ବାଳକୃଷ୍ଣ ଓ ବାସୁଦେବ ଚପେକର ଦୁଇ ଭାଇ ୧୮୯୦ ଦଶକରେ 'ଚପେକର କ୍ଲବ' ଆରମ୍ଭ କରିଥିଲେ ବ୍ରିଟିଶମାନଙ୍କୁ ଭୟଭୀତ କରିବା ପାଇଁ। ୧୮୯୭ ମସିହାରେ ସେମାନେ ପୁନେର ପ୍ଲେଗ କମିଶନର ଡବ୍ଲୁ.ସି. ରୟାଣ୍ଡଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହାଛଡ଼ା ଲଣ୍ଡନରେ ୧୯୦୫ ମସିହାରେ 'ଇଣ୍ଡିଆ ହାଉସ' ଶ୍ୟାମଜି କ୍ରିଷ୍ଣା ବର୍ମାଙ୍କ ଦ୍ୱାରା ଏବଂ କାନାଡ଼ାରେ ୧୯୧୩ ମସିହାରେ 'ଘଦର ପାର୍ଟି' ଗଠିତ ହୋଇଥିଲା ହିଂସା ଓ ରକ୍ତପାତ ଦ୍ୱାରା ବ୍ରିଟିଶରମାନଙ୍କୁ ଭୟଭୀତ କରି ଭାରତରୁ ବିତାଡ଼ିତ କରିବା ପାଇଁ।

ସେଥିପାଇଁ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯେଉଁ ବୀର ବିପ୍ଳବୀମାନେ ନିଜର ସ୍ୱାର୍ଥର ଜଳାଞ୍ଜଳି ଦେଇ ଦେଶ ପାଇଁ ସ୍ୱାଧୀନତା ଆଣିବାରେ ପ୍ରମୁଖ ଭୂମିକା ତୁଲେଇଛନ୍ତି ତାହାକୁ ଦେଶବାସୀ ଭୁଲିବା ଉଚିତ ନୁହେଁ। ସେମାନେ ଥିଲେ ଅଦୃଶ୍ୟ ଶକ୍ତି। ସେମାନେ ନେତାଜୀଙ୍କ 'ଆଜାଦ ହିନ୍ଦ ଫୌଜ' ପରି ବ୍ରିଟିଶରମାନଙ୍କ ଶାସନକଳର ମୂଳଦୁଆକୁ ଦୋହଲେଇ ଦେଇଥିଲେ।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

# ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

## ଓଡ଼ିଶାର ବୌଦ୍ଧ ପରମ୍ପରା

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

**କେବଳ କଳିଙ୍ଗରେ ପ୍ରକାଶିତ ଶିଳାଲେଖ:**

ନଂ ୧ - ପ୍ରଥମ କଳିଙ୍ଗ ଶିଳାଲେଖରେ ଏକ କଠୋର ଏବଂ ନିର୍ଦ୍ଦେଶାତ୍ମକ ସ୍ୱର ରହିଛି, ଯାହା ଅଧିକାଂଶ ଅନ୍ୟ ଶିଳାଲେଖରେ ଦେଖିବାକୁ ମିଳେ ନାହିଁ। କିନ୍ତୁ ପ୍ରଥମତଃ ଏହା ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ କରାଯାଇ ନାହିଁ, ବରଂ ତୋଷାଳୀ ଓ ସମପା ନଗରୀର ଉଚ୍ଚ ପଦାଧିକାରୀ(ମହାମାତ୍ର) ଏବଂ ସହରର ବିଚାରପତି(ନ୍ୟାୟିକ ଅଧିକାରୀ)ମାନଙ୍କ ଉଦ୍ଦେଶ୍ୟରେ ଜାରି କରାଯାଇଥିଲା। ଅଶୋକ ଦୃଢ଼ତାର ସହିତ ଘୋଷଣା କରିଛନ୍ତି କି ସେ ଯେଉଁ ନୀତିକୁ ସମର୍ଥନ କରିବେ ତାହାକୁ ଯେ କୌଣସି ଉପାୟରେ କାର୍ଯ୍ୟକାରୀ କରିବେ। ସେମାନେ ହଜାର ହଜାର ଦାୟିତ୍ୱରେ ଅଛନ୍ତି ଏବଂ ତାଙ୍କୁ ଲୋକମାନଙ୍କର ବିଶ୍ୱାସ ତଥା ସ୍ନେହ ଓ ଆଦର ହାସଲ କରିବାକୁ ହେବ। ଅଶୋକ ନିଜର ଅଧିକାରୀମାନଙ୍କ ସହିତ ନିଜକୁ ସାମିଲ କରି 'ଆମେ' (ପ୍ରଥମ ପୁରୁଷ ବହୁବଚନ) ଶବ୍ଦ ବ୍ୟବହାର କରୁଥିଲେ। ସେ ତାଙ୍କର ପ୍ରସିଦ୍ଧ ବକ୍ତବ୍ୟକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ପ୍ରକାଶ କରିଛନ୍ତି - 'ସମସ୍ତେ ମୋର ସନ୍ତାନ'। ନିଜ ସନ୍ତାନଙ୍କ ପାଇଁ ସେ ଯେପରି କାମନା କରନ୍ତି, ସେହିପରି ସେ ସମସ୍ତ ପ୍ରଜାମାନଙ୍କର ସୁଖ ଓ କଲ୍ୟାଣ କାମନା କରିଛନ୍ତି। ଅଧିକାରୀମାନେ ଏହା ବୁଝିପାରିନାହାନ୍ତି, ଅଶୋକ ନିଜର ନୀତିକୁ କାର୍ଯ୍ୟକାରୀ କରିବାକୁ କେତେ ଆନ୍ତରିକତାର ସହ ଚାହୁଁଛନ୍ତି। ବିନା କାରଣରେ ଲୋକମାନଙ୍କୁ ବନ୍ଦୀ କରାଯାଇ ନିର୍ଯାତନା ଦିଆଯାଉଛି। ଅଧିକାରୀମାନେ ନିଜର ଦୁର୍ବଳତା ବା ତ୍ରୁଟିଗୁଡ଼ିକୁ ସୁଧାରିବାକୁ ହେବ। ନଚେତ୍ ସ୍ୱର୍ଗର କ୍ରୋଧର ଶିକାର ହେବାକୁ ପଡ଼ିବ ଏବଂ ରାଜାଙ୍କର ମଧ୍ୟ।

ଏହି ଶିଳାଲେଖର ଏକ ଅସାଧାରଣ ବ୍ୟବସ୍ଥାଟି ହେଉଛି ଏହାକୁ ଉଚ୍ଚସ୍ୱରରେ ସର୍ବସାଧାରଣରେ ପ୍ରତି ତିଷ୍ୟ ନକ୍ଷତ୍ର ଦିବସରେ ଘୋଷଣା କରାଯିବ ଏବଂ ସମୟକୁ ସମୟ ସଠିକ୍ ବ୍ୟବଧାନରେ ସେହି ତିଷ୍ୟ ନକ୍ଷତ୍ର ଦିବସଗୁଡ଼ିକରେ ଏହି ଘୋଷଣା ଜାରି ରହିବ। ଏହିପରି ଭାବରେ ସେହି ସମୟରେ ଯେତେ ଅଧିକ ସମ୍ଭବ ଏହି ଶିଳାଲେଖଟିର ପ୍ରଚାର ପ୍ରସାର କରାଯାଇଥିଲା। ତାଙ୍କ ପ୍ରଜାମାନଙ୍କ ମଧ୍ୟରୁ କେହି ଯେପରି ଅନ୍ୟାୟ କାରାବାସ ବା ନିର୍ଯାତନାର ଶିକାର ନ ହୁଅନ୍ତି, ତାହାକୁ ନିଶ୍ଚିତ କରିବା ବିଷୟ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅଶୋକ ଏହି ଅନୁଶାସନରେ ଉଲ୍ଲେଖ କରିଛନ୍ତି। ରାଜାଙ୍କ ନିର୍ଦ୍ଦେଶଗୁଡ଼ିକ ଠିକ୍ ଭାବରେ ପାଳନ ହେଉଛି କି ନାହିଁ ତାହା ନିଶ୍ଚିତ କରିବା ସକାଶ ପ୍ରତି ପାଞ୍ଚ ବର୍ଷରେ ରାଜଧାନୀରୁ ଜଣେ ସ୍ୱତନ୍ତ୍ର ପରିଦର୍ଶକଙ୍କୁ ପଠାଯିବାର ବ୍ୟବସ୍ଥା କରାଯାଇଥିଲା। ଉଜ୍ଜୟିନୀର ପ୍ରାଦେଶିକ ରାଜ୍ୟପାଳ ଭାବେ ନିୟୋଜିତ ଯୁବରାଜ କୁନାଲଙ୍କୁ ମଧ୍ୟ ଏହିଭଳି ଅନୁସନ୍ଧାନ ଏବଂ ଯାଞ୍ଚ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ଯାଞ୍ଚ ତିନିବର୍ଷରୁ ଅଧିକ ବ୍ୟବଧାନରେ ହେବା ଉଚିତ ନୁହେଁ ବୋଲି ମଧ୍ୟ କୁହାଯାଇଥିଲା। ସେହିଭଳି ତକ୍ଷଶିଳା ପ୍ରଦେଶର ଅଧିକାରୀମାନଙ୍କ ପାଇଁ ମଧ୍ୟ ଏହିଭଳି ଯାଞ୍ଚ ବ୍ୟବସ୍ଥା କରାଯାଇଥିଲା।

ଯେହେତୁ ଏହି ଶାସନାଦେଶରେ ବିଶେଷ ଭାବରେ ଉଜ୍ଜୟିନୀ ଓ ତକ୍ଷଶିଳା ନାମକ ଦୁଇଟି ପଶ୍ଚିମ ପ୍ରଦେଶ ବିଷୟରେ ଉଲ୍ଲେଖ ଅଛି, ତେଣୁ ଏହା ସ୍ପଷ୍ଟ ଯେ ଏହା କେବଳ ନବବିଜିତ କଳିଙ୍ଗ ଅଞ୍ଚଳ ନିମନ୍ତେ ଉଦ୍ଦିଷ୍ଟ ନଥିଲା; ବରଂ ଏହାକୁ ସମଗ୍ର ସାମ୍ରାଜ୍ୟରେ ପଢ଼ାଯିବା ପାଇଁ ଜାରି କରାଯାଇଥିଲା। ନିଶ୍ଚିତ ଭାବରେ ଅଶୋକ କେବଳ କଳିଙ୍ଗରେ ନୁହେଁ; ବରଂ ତାଙ୍କର ସମଗ୍ର ସାମ୍ରାଜ୍ୟରେ ତାଙ୍କ ଅଧିକାରୀମାନଙ୍କ ଦ୍ୱାରା ସାଧାରଣ ଲୋକଙ୍କ ଉପରେ ଅନ୍ୟାୟ ତଥା ଅତ୍ୟାଚାର କରାଯାଉଥିବା ଏବଂ ଅକାରଣରେ ସେମାନଙ୍କୁ ଦଣ୍ଡିତ କରୁଥିବା ଯୋଗୁଁ ବ୍ୟକ୍ତିଗତ ଭାବେ ଅତ୍ୟନ୍ତ ଚିନ୍ତିତ ଥିଲେ। ଆମେ ସହଜରେ ଅନୁମାନ କରିପାରିବା ଯେ ଉଜ୍ଜୟିନୀର ଅଧିକାରୀମାନେ ବିଶେଷ ଭାବରେ ଅତ୍ୟାଚାରୀ ଥିଲେ। ଏଣୁ ସେଠାକାର ଜେଲ ପରିଦର୍ଶକଙ୍କୁ ଅନ୍ୟୂନ ପ୍ରତି ତିନିବର୍ଷରେ ଥରେ ଗସ୍ତ କରିବାକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଥିଲା। ତକ୍ଷଶିଳାରେ ସ୍ଥିତି ହୁଏତ ସାମାନ୍ୟ ଭଲ ଥିଲା। ଏଣୁ ସେଠାକାର ଅଧିକାରୀମାନଙ୍କୁ ସେମାନଙ୍କର ନିୟମିତ ପରିଦର୍ଶନ ସମୟରେ ଅନ୍ୟାୟ କାରାବାସ ଓ ନିର୍ଯାତନା ଭଳି ମାମଲାର ତଦନ୍ତ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିନୟତୋଷ ମିଶ୍ର...

ବେଳେ ବିନୟତୋଷ ମିଶ୍ରଙ୍କୁ କାର୍ଯ୍ୟକାରୀ ଡିଜିପି ଦାୟିତ୍ୱ ଦିଆଯାଇଛି। ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ବିନୟତୋଷ ମିଶ୍ର ୧୯୬୬ ମସିହାରେ ବିହାରରେ ଜନ୍ମଗ୍ରହଣ କରିଥିଲେ। ଆଉ ମାତ୍ର କିଛି ମାସ ମଧ୍ୟରେ ଅବସର ନେବାକୁ ଯାଉଥିବା ବିନୟତୋଷଙ୍କ କାର୍ଯ୍ୟକାଳ ଆଉ ମାତ୍ର ୬ ମାସରୁ କମ୍ ଥିବାରୁ ରାଜ୍ୟ ସରକାର ତାଙ୍କ ନାମକୁ ୟୁପିଏସ୍‌ସିକୁ ପଠାଇ ନ ଥିଲେ। ବର୍ତ୍ତମାନର ଡିଜିପି ୱାଇବି ଖୁରାନିଆ ଅଗଷ୍ଟ ୧୬ ତାରିଖରେ ଅବସର ନେବାକୁ ଯାଉଛନ୍ତି। କାର୍ଯ୍ୟକାରୀ ଡିଜିପି ଚୟନ ବ୍ୟତିତ ରାଜ୍ୟ ସରକାରଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନଥିଲା। ଏଣୁ ରାଜ୍ୟ ସରକାର କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କ ଉପରେ ଭରସା ପ୍ରକଟ କରି ତାଙ୍କୁ କାର୍ଯ୍ୟକାରୀ ଡିଜିପି ଭାବେ ଚୟନ କରିଛନ୍ତି। ତେବେ ବିନୟତୋଷ ମିଶ୍ର କେତେଦିନ ଡିଜିପି ଭାବେ କାର୍ଯ୍ୟ କରିବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏସମ୍ପର୍କରେ ବିନୟତୋଷ ମିଶ୍ର କହିଛନ୍ତି ରାଜ୍ୟ ସରକାର ମୋତେ କାର୍ଯ୍ୟକାରୀ ଡିଜିପି ଭାବେ ନିଯୁକ୍ତ କରିଛନ୍ତି। ସବୁ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ। ମୁଁ ଯେତିକି ସମୟ ପାଇଁ କାର୍ଯ୍ୟକାରୀ ଡିଜିପି ରହିବି ସୁଚାରୁ ରୂପେ ମୋର କର୍ତ୍ତବ୍ୟ କରିବି। ରାଜ୍ୟ ଆଇନଶୃଙ୍ଖଳା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବି ବୋଲି ଶ୍ରୀ ମିଶ୍ର କହିଛନ୍ତି।

### ସର୍ବଦଳୀୟ ବୈଠକ...

ନବୀନ କହିଛନ୍ତି ଯେ ଓଡ଼ିଶାର ପ୍ରାକୃତିକ ସମ୍ପଦ ରାଜ୍ୟବାସୀଙ୍କର। ଖଣିରୁ ମିଳୁଥିବା ରାଜସ୍ୱକୁ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ କଲ୍ୟାଣ ଓ ଭିତ୍ତିଭୂମି ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟର ଖଣିଜ ସମ୍ପଦ ଉପରେ କର ଓ ସେସ୍ ଲାଗୁ କରିବାର କ୍ଷମତା ହ୍ରାସ ପାଇଲେ ଏହା ସଂଘୀୟ ବ୍ୟବସ୍ଥା ଓ ରାଜ୍ୟର ଆର୍ଥିକ ସ୍ୱାୟତ୍ତତାକୁ ଦୁର୍ବଳ କରିବ । ଏହି ପରିପ୍ରେକ୍ଷୀରେ ତୁରନ୍ତ ସର୍ବଦଳୀୟ ବୈଠକ ଡାକି ରାଜ୍ୟର ସଂଘୀୟ ଅଧିକାର ଓ ଖଣିଜ ରାଜସ୍ୱ ସୁରକ୍ଷା ନେଇ ଏକମତ ହେବା ଏବଂ ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ସଂଶୋଧନ ଆଇନକୁ ବିରୋଧ କରି ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ କରିବାକୁ ନବୀନ ଦାବି କରିଛନ୍ତି। ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାୟତ୍ତତା ଆମର ସଂଘୀୟ ବ୍ୟବସ୍ଥାରେ ସମ୍ବିଧାନସମ୍ମତ ଭାବେ ଅନ୍ତର୍ନିହିତ ଏକ ମୌଳିକ ସିଦ୍ଧାନ୍ତ। ଏହି ବିଲ୍ କେନ୍ଦ୍ର-ରାଜ୍ୟ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭକୁ ସିଧାସଳଖ ଦୁର୍ବଳ କରୁଛି। ଏହା ଭାରତର ସଂଘୀୟ ଢାଞ୍ଚାକୁ ଆଘାତ କରୁଛି ବୋଲି ନବୀନ କହିଛନ୍ତି। ଚିଠିରେ ନବୀନ ଦର୍ଶାଇଛନ୍ତି, ଏହା କୌଣସି ରାଜନୈତିକ ଦଳର ପ୍ରସଙ୍ଗ ନୁହେଁ; ଓଡ଼ିଶାର ଆର୍ଥିକ ସ୍ଥିରତା ଓ ଭବିଷ୍ୟତ ବିକାଶ ସହ ଜଡ଼ିତ ଏକ ଗୁରୁତର ବିଷୟ। କେନ୍ଦ୍ର ସରକାର ଯଦି ଖଣିଜ ଜମି ଉପରେ ରାଜ୍ୟର ଅଧିକାର ଓ ସେସ୍ ଲାଗୁ କରିବାର କ୍ଷମତା କମାଇ ଦିଅନ୍ତି, ତେବେ ଖଣିଜ ଖନନର ପ୍ରଦୂଷଣ, ବିସ୍ଥାପନ ଓ ଅନ୍ୟାନ୍ୟ ଭାର ଓଡ଼ିଶା ଉପରେ ରହିବ, କିନ୍ତୁ ଏହା ଦ୍ୱାରା ମିଳିବାକୁ ଥିବା କୌଣସି ଲାଭ ରାଜ୍ୟବାସୀ ପାଇବେ ନାହିଁ। ଏହି ପ୍ରସଙ୍ଗ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ବୋଲି ଉଲ୍ଲେଖ କରି ନବୀନ ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ସର୍ବଦଳୀୟ ବୈଠକ ଡାକି ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ପାଇଁ ଏକମତ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

### ଚେତା ହରାଇଲେ...

ହୋଇଯାଇଥିଲେ। ବ୍ଲକ୍ ଅଫିସର କର୍ମଚାରୀମାନେ ବିଜେପି ନେତା ଓ କର୍ମୀଙ୍କ ଘେରାବନ୍ଦୀରୁ ତାଙ୍କୁ ମୁକ୍ତ କରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ; ମାତ୍ର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଡ଼େରାବିଶ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି । ଶାସକ ଦଳର ନେତା ଓ କର୍ମୀମାନଙ୍କ ଉତ୍ପାତରେ ସରକାରୀ ଅଧିକାରୀମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି ।

ଅଭିଯୋଗ ଅନୁସାରେ ଶୁକ୍ରବାର ଡ଼େରାବିଶ ବିଡ଼ିଓ ନମିତା ବାରିକ ତାଙ୍କ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟରେ ବ୍ୟସ୍ତ ଥିବା ସମୟରେ ବିଜେପି ନେତା ଉମାକାନ୍ତ ପଟ୍ଟନାୟକ ଓ ତାଙ୍କର କିଛି ସମର୍ଥକ ତାଙ୍କ କୋଠରୀକୁ ପ୍ରବେଶ କରିଥିଲେ। ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀଙ୍କ ବଦଳି ଓ ତାଙ୍କ ସମର୍ଥକଙ୍କୁ ଉନ୍ନୟନମୂଳକ କାମ ନ ମିଳିବାକୁ ନେଇ ଉମାକାନ୍ତ ତାଙ୍କ ପ୍ରତି ଅତ୍ୟନ୍ତ କଟୁ ଭାଷା ପ୍ରୟୋଗ କରିଥିଲେ। ତାଙ୍କର ସମର୍ଥକମାନେ ମଧ୍ୟ ବିଡ଼ିଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ଗାଳିଗୁଲଜ କରିବା ସହ ଅଶାଳୀନ ଶବ୍ଦ ପ୍ରୟୋଗ କରିଥିଲେ। ଏତେ ଲୋକଙ୍କ ଗାଳିଗୁଲଜରେ ତାଙ୍କର ରକ୍ତଚାପ ବଢ଼ି ଯାଇଥିଲା ଓ ସେ ମାନସିକ ଭାରସାମ୍ୟ ହରାଇ ନିଜ ଚେୟାରରେ ଚେତାଶୂନ୍ୟ ହୋଇପଡ଼ିଥିଲେ।

ନିଜ ଅଧିକାର ପାଇଁ ସରକାରୀ ଅଧିକାରୀଙ୍କୁ ପ୍ରଶ୍ନ ବା ଅଭିଯୋଗ କରିବା ପ୍ରତ୍ୟେକ ଲୋକଙ୍କ ଗଣତାନ୍ତ୍ରିକ ଅଧିକାର । ଏହାକୁ ନେଇ କେହି ଆପତ୍ତି କରିପାରିବେ ନାହିଁ। ମାତ୍ର ଜଣେକ ସରକାରୀ ଅଧିକାରୀଙ୍କ କୋଠରୀରେ ତାଙ୍କୁ ଅପମାନିତ କରିବା, ତାଙ୍କ ପ୍ରତି କଟୁ ଓ ଅଶାଳୀନ ଶବ୍ଦ ପ୍ରୟୋଗ କରିବା ଓ ଦଳୀୟ ପ୍ରଭାବ ଦେଖାଇ ଚାପ ସୃଷ୍ଟି କରିବା କୌଣସି ଦୃଷ୍ଟିରୁ ଗ୍ରହଣୀୟ ନୁହେଁ। ଏହା ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟ ବ୍ଲକ କାର୍ଯ୍ୟାଳୟରେ ବିଜେପିର ଜଣେ ପରାଜିତ ବିଧାୟକ ପ୍ରାର୍ଥୀ ତତ୍କାଳୀନ ବିଡ଼ିଓଙ୍କ ଉପରକୁ କମ୍ପ୍ୟୁଟର ଫିଙ୍ଗିଥିଲେ; କେଇସପ୍ତାହ ତଳେ ବିଜେପିର ଦୁଇଜଣ ପରାଜିତ ବିଧାୟକ ପ୍ରାର୍ଥୀ କଟକ ଜିଲ୍ଲାର ଏକ ବ୍ଲକ୍ କାର୍ଯ୍ୟାଳୟରେ ପ୍ରବେଶ କରି ଏବିଡ଼ିଓଙ୍କ ସହ ମହିଳା ସରକାରୀ ଅଧିକାରୀମାନଙ୍କୁ ଅତ୍ୟନ୍ତ ଅଶାଳୀନ ବ୍ୟବହାର କରିଥିଲେ। କେବଳ ଏହି ଗୋଟିଏ ଦୁଇଟି ଉଦାହରଣ ନୁହେଁ, ସାରା ରାଜ୍ୟରେ ଶହଶହ ଉଦାହରଣ ଦେଖିବାକୁ ମିଳୁଛି। ସରକାରୀ ଅଧିକାରୀ ଯଦି ନିଜ କାର୍ଯ୍ୟାଳୟରେ ନିରାପଦ ଭାବେ କାମ କରିପାରିବେ ନାହିଁ, ତେବେ ସାଧାରଣ ଲୋକଙ୍କୁ ସୁଶାସନ ଦେବା କେତେଦୂର ସମ୍ଭବ, ତାହା ଏବେ ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି। ଶାସକ ଦଳ ସହ ସମ୍ପୃକ୍ତ ନେତା ଓ କର୍ମୀଙ୍କ ବିରୋଧରେ ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର ଓ ଚାପ ପକାଇବା ଭଳି ଅଭିଯୋଗ ଆସିବା ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ଜଣେ ସରକାରୀ ଅଧିକାରୀଙ୍କୁ ପିଟିଲେ, ଜୋତାରେ ଛେପ ପକାଇ ଚାଟିବାକୁ କହିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲା ନାହିଁ। ଭୁବନେଶ୍ୱର ବିଏମ୍‌ସି କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଅଧିକାରୀଙ୍କୁ ବିଜେପିର କର୍ମୀମାନେ ଘୋଷାରି ଘୋଷାରି ପିଟିଲେ; ନିକଟରେ ରେଭେନ୍ସା କଲେଜରେ ପଶି କଟକ ସଦର ବିଧାୟକ ବରିଷ୍ଠ ପ୍ରାଧ୍ୟାପକ ଓ ପ୍ରଫେସରମାନଙ୍କୁ ଅଭଦ୍ର ଆଚରଣ କଲେ । ମାତ୍ର ବିଡ଼ମ୍ବନା ହେଉଛି ମହିଳା ଅଧିକାରୀମାନେ ମଧ୍ୟ ଏପରି ଆକ୍ରମଣ ଓ ଅସଦାଚରଣରୁ ବାଦ ପଡୁନାହାନ୍ତି। ତେଣୁ ସରକାରୀ ଅଧିକାରୀଙ୍କୁ ଦଳୀୟ ଚାପରୁ ମୁକ୍ତ ରଖିବା ଓ ମହିଳା ଅଧିକାରୀଙ୍କୁ କାର୍ଯ୍ୟସ୍ଥଳରେ ସୁରକ୍ଷା କିଏ ସୁନିଶ୍ଚିତ ରଖିବ ତାହା ଏବେ ବଡ଼ ପ୍ରଶ୍ନ ହୋଇଛି । ଖବର ଲେଖାଯିବା ପର୍ଯ୍ୟନ୍ତ ବିଡିଓଙ୍କ ପକ୍ଷରୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ମାତ୍ର ଜଣେ ମହିଳା ସରକାରୀ ଅଧିକାରୀ ଶାସକ ଦଳର ନେତାଙ୍କ ଅଶାଳୀନ ବ୍ୟବହାରରେ ଅତିଷ୍ଠ ହୋଇ ଗୁରୁତର ଅସୁସ୍ଥ ହେବା ଅତ୍ୟନ୍ତ ସାଂଘାତିକ ବିଷୟ ବୋଲି ସାଧାରଣରେ ମନେକରାଯାଉଛି ।

## ■ ଦାରିଙ୍ଗବାଡ଼ି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ

# ବିଜେପି ସମର୍ଥିତ ସରପଞ୍ଚ ପରାଜିତ



ଦାରିଙ୍ଗବାଡ଼ି: ୧୪।୮ (ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଦାରିଙ୍ଗବାଡ଼ି ଗ୍ରାମ ପଞ୍ଚାୟତର ସରପଞ୍ଚ ଚନ୍ଦ୍ରିକା ମଲ୍ଲିକଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ଶୁକ୍ରବାର ଭୋଟ ଗ୍ରହଣ ହୋଇଛି। ପୂର୍ବାହ୍ନ ୧୧ଟାରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଥିବା ଭୋଟ ଗ୍ରହଣ ପ୍ରକ୍ରିୟା ଅପରାହ୍ନ ପ୍ରାୟ ୧ଟା ୩୦ରେ ଶେଷ ହୋଇଥିଲା। ପ୍ରିଜାଇଡିଂ ଅଫିସର ଭାବେ ସ୍ଥାନୀୟ ତହସିଲଦାର ଧୀରଜ ପାତ୍ର ଉପସ୍ଥିତ ରହି ଭୋଟ ଗ୍ରହଣ ପ୍ରକ୍ରିୟା ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଥାନା ଅଧିକାରୀ ସଂଗ୍ରାମ ଜେନାଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ୟାପକ ପୁଲିସ୍ ମୁତୟନ କରାଯାଇଥିଲା। ଭୋଟ ଗଣନା ଅନୁଯାୟୀ, ଅନାସ୍ଥା ପ୍ରସ୍ତାବ ସପକ୍ଷରେ ୧୫ଟି ଭୋଟ ପଡ଼ିଥିବା ବେଳେ ବିପକ୍ଷରେ ସରପଞ୍ଚଙ୍କ ସମେତ ୫ଟି ଭୋଟ ପଡ଼ିଥିଲା। ଅନ୍ୟ ୨ ଜଣ ୱାର୍ଡ ସଭ୍ୟ ଭୋଟ ଗ୍ରହଣରେ ଅନୁପସ୍ଥିତ ରହିଥିଲେ। ସୂଚନା ଅନୁଯାୟୀ, ଦାରିଙ୍ଗବାଡ଼ି ଗ୍ରାମ ପଞ୍ଚାୟତରେ ମୋଟ ୨୨ଟି ୱାର୍ଡ ରହିଛି। ତେବେ ଗୋଟିଏ ୱାର୍ଡରେ ସଭ୍ୟ ନିର୍ବାଚିତ ହୋଇନଥିବାରୁ ୨୧ ଜଣ ୱାର୍ଡ ସଭ୍ୟ ଓ ସରପଞ୍ଚଙ୍କୁ ମିଶାଇ ମୋଟ ୨୨ ଜଣ ନିର୍ବାଚିତ ପ୍ରତିନିଧି ରହିଛନ୍ତି। ଅନ୍ୟପକ୍ଷରେ, ଅନାସ୍ଥା ପ୍ରସ୍ତାବକୁ ନେଇ ସରପଞ୍ଚ ଚନ୍ଦ୍ରିକା ମଲ୍ଲିକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ତେବେ ଭୋଟ ଗ୍ରହଣ ଶେଷ ହେବା ପର୍ଯ୍ୟନ୍ତ ଏନେଇ କୌଣସି ନିର୍ଦ୍ଦେଶ ଆସିନଥିବା ସୂଚନା ମିଳିଛି। ଭୋଟ ଗ୍ରହଣ ଓ ଗଣନା ପରେ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ଏନେଇ ଅବଗତ କରାଯାଇସାରିଛି। ସେମାନଙ୍କ ପକ୍ଷରୁ ନିୟମାନୁଯାୟୀ ଅନାସ୍ଥା ପ୍ରସ୍ତାବର ଫଳାଫଳ ଘୋଷଣା କରାଯିବ ବୋଲି ପ୍ରିଜାଇଡିଂ ଅଫିସର ତଥା ତହସିଲଦାର ଧୀରଜ ପାତ୍ର ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ଦାରିଙ୍ଗବାଡ଼ିରେ ରାଜନୈତିକ ମାହୋଲ ସରଗରମ ହୋଇଥିବା ବେଳେ ଉଭୟ କଂଗ୍ରେସ ଓ ବିଜେଡି ଶିବିରରେ ଚର୍ଚ୍ଚା ଜୋର ଧରିବା ସହ ଖୁସି ମନାଇ ବାଣ ଫୁଟାଯାଇଥିବା ଦେଖିବାକୁ ମିଳିଛି। ଏହା ସହ ଅନାସ୍ଥା ସପକ୍ଷରେ ଭୋଟ ଦେଇଥିବା ୧୫ ଜଣ ୱାର୍ଡ ସଭ୍ୟ, ନାଏବ ସରପଞ୍ଚ ପକ୍ଷରୁ ମାଇକ ଲଗାଇ ବିଜୟର ଖୁସି ମନାଇ ଶୋଭାଯାତ୍ରା ମାଧ୍ୟମରେ ଦାରିଙ୍ଗବାଡି ବଜାର ପରିକ୍ରମା କରାଯାଇଛି।

**ଅନାସ୍ଥା ସପକ୍ଷରେ ୧୫, ବିପକ୍ଷରେ ୫**


## ପୂର୍ବ ତଟ ରେଳପଥ

**ଶୁଦ୍ଧିପତ୍ର ସଂ.5 ଏବଂ 6**

ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIV BBS2026016, ତା.18.04.2026 ରିଖ

**କାର୍ଯ୍ୟର ନାମ :** ପ୍ରକାଶିତ ଅନୁଯାୟୀ : ବରଗଡ଼ ରୋଡ୍ ଏବଂ ନୂଆପଡ଼ା ରୋଡ୍ ମଧ୍ୟରେ ନୂଆ BG ରେଳ ଲିଙ୍କ୍ ପ୍ରକଳ୍ପର ନିର୍ମାଣ ସମ୍ବନ୍ଧୀୟ ବରଗଡ଼ ରୋଡ୍, ସରସରା, ଡୁମେରପାଲି, ବିଜେପୁର ରୋଡ୍ ଏବଂ ବଡ଼ିପାଲି ୟାର୍ଡ୍‌ଗୁଡ଼ିକରେ ସିଭିଲ୍ ଏବଂ P.Way କାର୍ଯ୍ୟ ତଥା ବରଗଡ଼ ରୋଡ୍ ଏବଂ ବଡ଼ିପାଲି ମଧ୍ୟରେ ମାଟିକାମ, P.Way କାର୍ଯ୍ୟ ତଥା ବଡ଼ ପୋଲ, ଛୋଟ ପୋଲ, ରୋଡ୍ ଓଭର ବ୍ରିଜ୍/ରୋଡ୍ ଅଣ୍ଡର ବ୍ରିଜ୍‌ର ନିର୍ମାଣ ।

**କାର୍ଯ୍ୟର ନାମ :** ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ବରଗଡ଼ ରୋଡ୍ ଏବଂ ନୂଆପଡ଼ା ରୋଡ୍ ମଧ୍ୟରେ ନୂଆ BG ରେଳ ଲିଙ୍କ୍ ପ୍ରକଳ୍ପର ନିର୍ମାଣ ସମ୍ବନ୍ଧୀୟ OHE, PSI, PLC ଏବଂ GS କାର୍ଯ୍ୟର ବିଦ୍ୟୁତୀକରଣ ସହିତ ବରଗଡ଼ ରୋଡ୍, ସରସରା, ଡୁମେରପାଲି, ବିଜେପୁର ରୋଡ୍ ଏବଂ ବଡ଼ିପାଲି ୟାର୍ଡ୍‌ଗୁଡ଼ିକରେ ସିଭିଲ୍ ଏବଂ P.Way କାର୍ଯ୍ୟ ତଥା ବରଗଡ଼ ରୋଡ୍ ଏବଂ ବଡ଼ିପାଲି ମଧ୍ୟରେ ମାଟିକାମ, P.Way କାର୍ଯ୍ୟ ତଥା ବଡ଼ ପୋଲ, ଛୋଟ ପୋଲ, ରୋଡ୍ ଓଭର ବ୍ରିଜ୍/ରୋଡ୍ ଅଣ୍ଡର ବ୍ରିଜ୍‌ର ନିର୍ମାଣ ।

**ଶୁଦ୍ଧିପତ୍ର ସଂ. 04**

**ବିଷୟ:** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ: ତା.18.08.2026 ରିଖ 1200 ଘଟିକା । ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.03.09.2026 ରିଖ 1200 ଘଟିକା ।

ସଂପୂର୍ଣ୍ଣ ବିବରଣୀ ପାଇଁ ଟେଣ୍ଡରଦାତାଙ୍କୁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-172/CJ/26-27



## AFFIDAVIT

By virtue of an affidavit sworn before the executive magistrate, Sukinda No 2103 dated 10/08/2026. I Chittaranjan Mohanta, S/O- Bidyadhar Mohanta resident of Karadagadia, Kankadapal, Kaliapani, Jajpur declare that I have changed My name from Chitta mahanta (Old name) to Chittaranjan Mohanta (New name). Henceforth I will be known as **Chittaranjan Mohanta** for all purposes.

Sd/- Chittaranjan Mohanta



## AFFIDAVIT

By Virtue of an affidavit (SL NO-104, dtd-06.08.2026 )sworn before The executive Magistrate, Baripada, Mayurbhanj. I,chula Murmu, aged about 58 years, W/O- Mathu Murmu, resident of village- Asanbani, PO- Majhigaon, PS-Bisoi, pin-757033, DIST - Mayurbhanj. That, in my Aadhar Card bearing no - 5559 9996 4698 the name of mine as CHIULA MURMU (incorrect name) instead of CHULA MURMU (correct name). That, Both the name CHIULA MURMU and CHULA MURMU is one and same person . Henceforth, I shall be known as **CHULA MURMU** for all purposes.

S/D - CHULA MURMU



## AFFIDAVIT

By virtue of an affidavit sworn before the Executive Magistrate, Jajpur No 10769 dated 06/08/2026. I Radhashyam Sethy S/O- Panchanana Sethy resident of Panasa, (Balighai) Lalbag, Jajpur declare that I have changed My minor son name from Rudrapratap sethy(Old name) to Lipun sethy (New name) . Henceforth He will be known as **Lipun Sethy** for all purposes.

Sd/- Radhashyam Sethy



## AFFIDAVIT

I, Santosi Samal aged about 22 year D/o-Ramachandra Barik , Resident of At-Danda Sahi, Tentuliapada, Jagatsinghpur, Pin-754136, Odisha, declared by this Affidavit No.282, Dated 20.02.2026, That now onwards I shall Be Known as **SANTOSI BARIK** for all future Purposes.



## NOTICE
(Above 18 years of age)

By virtue of an affidavit sworn before Notary Public, Baripada, dated 13.08.2026, I, ARUP ANAND DAS, Address Village-Banakati Samil Jodapada, P.O.-Gobara, P.S.-Rasgovindpur, Dist.-Mayurbhanj, Odisha, PIN-757016, declare that I have changed my name from ARUPANANDA DAS to ARUP ANAND DAS. Henceforth, I shall be known as **ARUP ANAND DAS** for all purposes.

ARUP ANAND DAS



### OFFICE OF THE EXECUTIVE ENGINEER
GROUND WATER DEVELOPMENT DIVISION-1HP BUILDING,UNIT-8,DELTA SQUARE,BHUBANESWAR-751012 [Phone No.2561040(O), email:executiveengineerhpbbsr@gmail.com

32001/690/2627

"e" Procurement Notice No. 960 of 2026-27 Dt-12.08.2026
Bid Identification No. GWD DIV-1BBSR-07/26-27

**Executive Engineer, GWD Division-I , Delta square, Unit- 8, Bhubaneswar** on behalf of Hon'ble Governor of Odisha invites on-line percentage-rate tender through "e" Procurement in Single cover system for execution of the following work.

| | | |
|---|---|---|
| 1 | Nature of the Work | Civil Work |
| 2 | Name of the Work : | Construction of 11nos of Recharge shafts under ARUA scheme in Bolagarh block ph-III of Khordha district for the FY - 2026-27. |
| 3 | Approximate amount put to tender | Rs.18.12 Lakh |
| 4 | Period of Completion | 2 (Two) Calendar Months |
| 5 | Class of Contractor | "C" & "D" Class Contractor |
| 6 | Date & time of Availability of Bid document in the portal | Dt. 20.08.2026 at 11.00 AM to 31.08.2026 up to 11.00 AM |
| 7 | Last date & time of receipt of Bids in the Portal | Dt. 31.08.2026 up to 11.00 AM |
| 8 | Date, time & place of opening of Technical/ Financial Bid/s | Dt. 31.08.2026 at 11.30 AM in O/o the EE GWD Divn-1 |
| 9 | Name & address of the officer inviting Bid | OFFICE OF THE EXECUTIVE ENGINEER GROUND WATER DEVELOPMENT DIVISION-1 HP ADMINISTRATIVE BUILDING,UNIT-8,DELTA SQUARE,BHUBANESWAR-751012 |

Further details can be seen from the Govt. website www.tendersodisha.gov.in.
Any addendum/corrigendum/cancellation of tender can also be seen in the said website.

Sd/- Executive Engineer
GWD division 1

OIPR-32001/32331/1/26-27/0004



### ପ୍ରଗତି ପଥେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର

ବ୍ୟାଙ୍କର ଲକ୍ଷ୍ୟ ଓ ଆଭିମୁଖ୍ୟ :- " କୃଷି, କୃଷକ ଏବଂ ମହିଳାଙ୍କ ଉନ୍ନତି, କଲ୍ୟାଣ ଓ ବିକାଶ ନିମନ୍ତେ ପ୍ରତିବଦ୍ଧ"

୧ . ଓଡିଶା ରାଜ୍ୟ ସରକାରଙ୍କ ନିୟମାବଳୀ ଅନୁସାରେ କୃଷିଋଣ ଟ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗ୍ରହଣ କରି ଧାର୍ଯ୍ୟ ସମୟରେ ଋଣ ଟଙ୍କା ପରିଶୋଧ କଲେ ବାର୍ଷିକ ସୁଧ ଦେବାକୁ ପଡିବ ନାହିଁ ଏବଂ ଟ ୧ ଲକ୍ଷ ଟଙ୍କା ରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାତ୍ର ୨ % ସୁଧହାରରେ ଋଣ ପ୍ରଦାନ ।
୨. ମିଶନ ଶକ୍ତି ସ୍କୁଟର ଯୋଜନାରେ ହିତାଧିକାରିଣୀ ମାନଙ୍କୁ ସରକାରୀ ସହାୟତାରେ ସୁଧ ମୁକ୍ତ ସ୍କୁଟି ଋଣ ପ୍ରଦାନ କରିବା ।
୩. "ମୋ ଘର" ଯୋଜନା ମାଧ୍ୟମରେ ଉପଯୁକ୍ତ ହିତାଧିକାରୀ ମାନଙ୍କୁ ସୁଲଭ ମୂଲ୍ୟ ରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ପ୍ରଦାନ କରିବା ।
୪. ସ୍ୱୟଂ ସହାୟକ ଗୋଷ୍ଠୀ (ଏସ . ଏଚ . ଜି ) ମାଧ୍ୟମରେ ମହିଳା କୃଷିଜୀବୀ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କୃଷିଋଣ, ସ୍ୱଳ୍ପ ମିଆଦୀ କୃଷି ଓ ଆନୁସଙ୍ଗିକ କୃଷି ଋଣ ପ୍ରଦାନର ବ୍ୟବସ୍ଥା ।
୫ . ବଳରାମ ଯୋଜନାରେ (ଜେ . ଏଲ . ଜି ) ମାଧ୍ୟମ ରେ ସ୍ୱଳ୍ପ ମିଆଦୀ କୃଷି ଋଣ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନର ବ୍ୟବସ୍ଥା ।
୬. ବଳିଆ ଯୋଜନାରେ ବୁଣାକାର ତନ୍ତୀ ମାନଙ୍କୁ ବୁଣାକାର ଋଣ ପ୍ରଦାନର ବ୍ୟବସ୍ଥା ।
୭. କୃଷି, ଅଣକୃଷି, ଓ ଆନୁସଙ୍ଗିକ କୃଷି ପାଇଁ ସରକାରୀ ଯୋଜନାରେ ଋଣ ପ୍ରଦାନର ବ୍ୟବସ୍ଥା ।
୮. ଗୃହ ଋଣ, ଦୀର୍ଘ ମିଆଦି କୃଷି ଋଣ ଓ ବନ୍ଧକ ଋଣ ପ୍ରଦାନର ବ୍ୟବସ୍ଥା
୯. କୃଷକ ମାନଙ୍କ ପାଇଁ କୃଷି ବୀମା ଯୋଜନା ର ପ୍ରଚଳନ ।
୧୦ . ବ୍ୟାଙ୍କ ର ଆମାନତକାରୀ ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ରେ ପ୍ରଚଳନ ।
୧୧. ଜିରୋ ବାଲାନ୍ସ ରେ ସଞ୍ଚୟ ଜମାଖାତା ଖୋଲିବାର ସୁବିଧା ।
୧୨. ବରିଷ୍ଠନାଗରିକ ମାନଙ୍କୁ ସେମାନଙ୍କ ଜମା ରାଶି ଉପରେ ଅଧିକ ସୁଧ ପ୍ରଦାନର ବ୍ୟବସ୍ଥା ।
୧୩ . ବ୍ୟାଙ୍କ ର ପ୍ରତ୍ୟକ ଶାଖା ରେ NEFT/RTGS/ଇମ୍ପାସ ମାଧ୍ୟମରେ ଟଙ୍କା ଦେଣ ନେଣ ର ସୁବିଧା ଓ ତତ ସହିତ ଲକର୍ ସୁବିଧା ଉପଲବ୍ଧ ।
୧୪ . ବ୍ୟାଙ୍କର ଚାରିଗୋଟି ଜିଲ୍ଲାରେ ଭ୍ରାମ୍ୟମାଣ ବ୍ୟାଙ୍କ ସେବା / ଜମାଖାତା ଖୋଲିବା / ନଗଦ ଜମା ଉଠାଣ / ଏ.ଟି.ଏମ ମାଧ୍ୟମରେ ଋଣ ପ୍ରଦାନ ।
୧୫ . ବ୍ୟାଙ୍କର IFS CODE-ORCB0KPT001.
୧୬ . ସ୍ୱର୍ଣ୍ଣ ବନ୍ଧକ ଋଣ ଦୁଇ ଲକ୍ଷ ପର୍ଯ୍ୟନ୍ତ ପ୍ରଦାନ / ଭାରତୀୟ ସଞ୍ଚୟ ପ୍ରମାଣପତ୍ର ( N . S. C), କିଷାନ ବିକାଶ ପତ୍ରିକା (K. V. P) ପ୍ରମାଣପତ୍ର ଉପରେ ୬୦ ପ୍ରତିଶତ ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା ।

"ସହଯୋଗିତା ସମୃଦ୍ଧିର ଲକ୍ଷଣ, ଆସନ୍ତୁ ସହଯୋଗର ହାତ ବଢ଼ାନ୍ତୁ"



ଶ୍ରୀ ଐସୂର୍ଯ୍ୟ ରତ୍ନ ମହାନ୍ତି
ସମ୍ପାଦକ
କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର



ଡଂ ଶ୍ରୀ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ
ସଭାପତି
କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର



**No. 70519/CRC/PF/R.K.K/47th Bn/SSB/2024/9460-71, dated 30/07/2026**

To: UIN-11070519 HC (GD) Rabindra Kumar Kendu
S/o Sh. Gora Kendu, Village-Kankadahandi,
Post Office-Kaliagaon, Police Station-Jeypore,
District-Koraput, State- Odisha, PIN-764002.

**Subject: Show Cause Notice under Rule-21.**

**Whereas,** while posted in 47 Bn SSB, you proceeded on 20 days earned leave w.e.f. 04/04/2026 to 23/04/2026 and after expiry of leave you absented yourself without leave w.e.f. 24/04/2026(FN).

2. Whereas, notice for assumption of duty were issued vide this office OM No.47th Bn/Estt-III/CRC/PF-HC/GD-R.K.C/2026/4833-36 dated 04/05/2026 & even No. 5396-98 dated 14/05/2026, at your home address with direction to join your duties but you failed to report in 47th Bn SSB Raxaul.
3. Whereas, you are absenting yourself without leave since 24/04/2026 (FN) without sufficient cause and have not reported at 47th Bn SSB despite reminders.
4. Whereas, a Court of Inquiry under Section-74 of the SSB Act was convened to enquire into the aforesaid absence and the said Inquiry declared your said absence as unauthorized.
5. Whereas, Apprehension Rolls were issued to concerned Police Authority to apprehend you vide letter No.70519/CRC/PF/R.K.K/47th Bn/SSB/2024/7733-37 dated 29/06/2026 and No.70519/CRC/PF/R.K.K/47th Bn/SSB/2024/8058-62 dated 04/07/2026. You have not reported for duty after the said declaration by Court of Inquiry and also not surrendered or apprehended by the Police as such you are deemed to be deserter within the ambit of Section-74 of the said Act 2007 vide order No.70519/CRC/PF/R.K.K/47th Bn/SSB/2024/-8541-49 dated 13/07/2026 and the said offence is punishable under SSB Act -2007.
6. Whereas, in the facts and circumstances of the case, the undersigned is satisfied that your trail by Force Court for the said offence of desertion under the SSB Act is inexpedient and impracticable and is of the tentative opinion that your further retention in the service is undesirable.
7. And whereas, a copy of the Court of Inquiry referred to in para-4 above containing statements of witnesses, and nature of allegations have already been served to you as Annexure-I. to the 1st Show Cause Notice issued vide letter No.70519/CRC/PF/ R.K.K/47th Bn / SSB/2024/8688-8700 dated 15.07.2026
8. In view of the above, you are hereby called upon to submit in writing your explanation and defence in respect of above allegation(s) by 14/08/2026 as to why action to dismiss or remove you tentatively from service for said misconduct should not be initiated against you under Rule-21 of the SSB Rules 2009. In case, you fail to file any reply within the stipulated period, it shall be presumed that you have nothing to put forth in your defence and action to terminate your service as proposed above within the ambit of SSB Rule-21 shall be initiated against you ex-parte.

Commandant
65 Bn SSB, Bagaha
(Holding statutory power of Comdt. 47 Bn SSB Raxaul)



### OFFICE OF THE MUNICIPAL COUNCIL, ASIKA ( GANJAM )
(Email: - askanac@gmail.com, Ph No: -06822-273068)

13001/1544/2627

Letter no- 2106 Date-12.08.2026

**QUOTATION CALL NOTICE**

Sealed quotations are invited from the Registered Suppliers/Authorized dealers/Agencies for taking of different scrap materials from Municipality Asika. The rate of goods should be quotated with excluding all taxes. The goods should be taken from Municipality Asika including transportation charges.

The Tender paper cost of Rs. 708/- and EMD of Rs.2000/-has to be deposited along with quotation paper in shape of DD in favour of "Executive Officer Municipality Asika" payable at Asika. The quotation paper will available in office hour except Govt. Holidays as follows.

**Sale of tender paper-** : 13.08.2026 to 21.08.2026
**Last date of submission of Tender Paper-** : 24.08.2026 at 12.00 Noon
**Date of Opening of Tender Paper-** : 24.08.2026 at 4 P.M

Executive Officer
Municipality, Asika

OIPR-13001/13181/1/26-27/0007



### OFFICE OF THE MUNICIPAL COUNCIL: SUNDARGARH
Tender Call Notice No. 3958/ Date. 12.08.2026
COMPETITIVE BIDDING THROUGH e-Procurement

**NOTICE INVITING TENDER**

Bid Reference No. SNGM-07/2026-27 — 13001/1531/2627

1. **Total No. of Works for which Tenders Invited:** 03 Nos.
2. **Place of Execution:** Different locations of Sundargarh Municipality.
3. **Estimated Cost of Individual Works excluding GST:** Rs. 5839633.00 to Rs. 8640761.00
4. **Eligible Class of Contractors:** Registered Contractors of Class- **'B'** as indicated against each work mentioned in the tender call notice.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 A.M of Dt.14.08.2026** to **5.00 P.M of Dt. 28.08.2026** for online bidding.
7. Bids received will be opened on e-Procurement System at **11.00 A.M onwards on Dt.29.08.2026**
8. The bidder must possess valid and compatible **Digital Signature Certificate** (DSC).
9. The DTCN for bid shall be available in the e-procurement portal https://www.tendersodisha.gov.in for on-line bidding.

Executive Officer,
Sundargarh Municipality

OIPR-13001/13130/1/26-27/0011



## AFFIDAVIT

I, Sayam Agrawal, S/o-Manoj Kumar Agarwal, resident at-Brindaban Apt, Gangamandir PO-Cuttack GPO, PS-LALBAG, Dist-Cuttack, Pin-753001, Odisha, declare by this affidavit No.29535 dtd-11.08.2026 that now onwards I shall be known as **SAYAM AGARWAL** for all future purposes.



## AFFIDAVIT

I, Kanaklata Samal, W/o- Darpahari Samal, resident of At/Po-Sohada, Ps-Dhamanagar, Dist-Bhadrak, Pin- 756117, Odisha declare by this affidavit No-1410, dated- 13.08.2026 that now onwards I shall be known as **KANAKALATA SAMAL** for all future purposes.



### ODISHA HYDRO POWER CORPORATION LTD.
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, ADMINISTRATIVE OFFICE BUILDING, NEAR BURLA POWER HOUSE, BURLA – 768017, DISTRICT: SAMBALPUR (ODISHA), INDIA
PHONE: 0663-2610721(0), 2550765(R), E-Mail: srgmhep_burla@ohpco.co.in

4001/258/2627

No. HHEP/Tech-W-199(Vol-1)/ 6173 — Date : 12. 08. 2026

**NOTICE INVITING TENDER NO HHEP-65/2026**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the registered firm / agency / contractor having valid MV license issued from the ELBO, Govt of Odisha for the following work as mentioned below.

| Name of work | Cost of tender paper (Non-Refundable) Rs. | EMD in Rs. |
|---|---|---|
| Annual electrical maintenance of residential and non-residential building of HHEP, Burla on job contract basis | Rs. 4720/- (Rs. 4000/- + GST 18%) | 9400/- |

- Sale of tender paper : 17.08.2026 (10.00AM) to 02.09.2026 upto 01.00PM
- Receipt of tender paper : 02.09.2026 upto 01.30PM
- Date & time of opening of tender : 02.09.2026 at 04.00PM
- Further details of tender documents, terms & conditions, corrigendum etc to the tender call notice, please visit our website www.ohpc.co.in

Sd/-
Unit Head, HHEP, Burla

OIPR-4001/4007/1/26-27/0023



### ZILLA PARISHAD, NABARANGPUR
Phone No- 06858-222372
Mail- ori-dnawarangpur@nic.in

19001/193/2627

Order No. 4343 — **OFFICE ORDER** — Date:- 12.08.2026

Sub:- **Calendar for Public Hearing at Panchayat Samiti / Block Level.**

In pursuance of the Letter No.172/OS, dated. 31.03.2026 of Government in Panchayati Raj Department, Odisha and Letter No.2491, dated 31.04.2026 of this office, Public Hearing under **VB G RAM G**, for the **FY: 2026-27** (period from 01.10.2025 to 31.03.2026, Ist cycle) at Block Level to be conducted as per the calendar given below:

| Sl No | Name of the Block | Date and Time of Public Hearing | District level Designated Officer to participate in the S.A. P.H | Other officer to attend | Remarks |
|---|---|---|---|---|---|
| 01 | Raighar | 18.08.2026, 10.00 AM | ADM, General | DPO, (N)/DPM, OLM | 1. All the Block Level Officers including Line Departments and staff concerned shall remain present with all records / documents. 2. Local NGOs may be associated voluntarily in the Public Hearing |
| 02 | Nandahandi | 19.08.2026, 10.00 AM | CDO-cum-EO | Addl EO, Tech/MC | |
| 03 | Nabarangpur | 20.08.2026, 10.00 AM | ADM, Revenue | Addl.Sub Collector/DSA | |
| 04 | Papadahandi | 25.08.2026, 10.00 AM | ADM, General | Sub Collector/ Dy.CEO, ORMAS | |
| 05 | Dabugam | 28.08.2026, 10.00 AM | ADM, Revenue | Addl.EO, Admin/DSA | |
| 06 | Jharigam | 29.08.2026, 10.00 AM | CDO-cum-EO | Addl E.O, Tech/MC | |
| 07 | Chandahandi | 01.09.2026, 10.00 AM | ADM, General | DPO (N) / Dy.CEO, ORMAS | |
| 08 | Umerkote | 02.09.2026, 10.00 AM | ADM, Revenue | Addl Sub Collector /DPM, OLM | |
| 09 | Kosagumuda | 03.09.2026, 10.00 AM | CDO-cum-EO | Sub Collector/MC | |
| 10 | Tentulikhunti | 05.09.2026, 10.00 AM | CDO-cum-EO | Addl.EO Admin /DSA | |

OIPR-19001/19233/1/26-27/0002 — Collector, Nabarangpur



## EASTERN INVESTMENTS LIMITED
CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020

Statement of Standalone & Consolidated Audited Financial Results For the quarter and year ended 31st March'2026

| Sl. No. | Particulars | Standalone | | | | Consolidated | | | |
|---|---|---|---|---|---|---|---|---|---|
| | | Quarter Ended | | Year Ended | | Quarter Ended | | Year Ended | |
| | | 31.03.2026 | 31.03.2025 | 31.03.2026 | 31.03.2025 | 31.03.2026 | 31.03.2025 | 31.03.2026 | 31.03.2025 |
| | | (Reviewed) | | (Audited) | | (Reviewed) | | (Audited) | |
| 1 | Total Income from Operation(including Other Income) | (40.17) | (19.40) | (0.41) | 44.27 | 5,058.02 | 2,572.79 | 18,693.84 | 13,486.17 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (61.89) | (41.98) | (63.47) | (44.47) | (786.82) | (3,951.42) | 973.80 | (4,061.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (61.89) | (41.98) | (63.47) | (44.47) | (786.82) | (3,951.42) | 973.80 | (4,061.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (48.73) | (29.41) | (63.11) | (28.91) | (477.35) | (3,166.75) | 739.03 | (3,481.32) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (48.73) | (29.41) | (63.11) | (28.91) | (345.59) | (3,173.88) | 870.79 | (3,488.45) |
| 6 | Net Profit attributable to Non Controlling Interests | - | - | - | | (223.94) | (1,580.08) | 359.65 | (1,772.88) |
| 7 | Net Profit attributable to Owners of the Company | - | - | - | | (253.41) | (1,586.67) | 379.38 | (1,708.44) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 144.44 | 141.90 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,483.53 | 26,546.64 | 26,483.53 | 26,546.64 | (8,945.44) | (9,390.71) | (8,945.44) | (9,390.71) |
| 10 | Earning per share ( Rs) | | | | | | | | |
| | (i) Basic: | (3.37) | (2.04) | (4.37) | (2.00) | (17.86) | (111.82) | 26.74 | (120.40) |
| | (ii) Diluted | (3.37) | (2.04) | (4.37) | (2.00) | (17.86) | (111.82) | 26.74 | (120.40) |

1. The above results of the Company were approved by the Board of Directors at their respective meetings held on 14.08.2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Bhubaneswar
Date: 14th August 2026

Sd/-
(A.K. Bagchi)
Managing Director-EIL



## ହଜିଛି

ଆମ୍ଭେ ଶ୍ରୀ ବ୍ରହ୍ମାନନ୍ଦ ମଙ୍ଗରାଜ, ପିତା: ଚୈତନ୍ୟ ମଙ୍ଗରାଜ, ସା/ପୋ: ଗୋଠପାଟଣା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ଗତ ତା ୦୩.୦୨.୨୦୨୩ରିଖରେ ରେଜିଷ୍ଟ୍ରି ଦଲିଲ ନଂ: ୧୧୧୩୨୩୦୨୦୬୭ ବଳରେ ଗୀତାରାଣୀ ପାଢୀଙ୍କ ଠାରୁ ଘଙ୍ଗାପାଟଣା ମୌଜାର ଖାତା ନଂ: ୫୧୨/୬୨୨୧, ପ୍ଲଟ୍ ନଂ.: ୧୧୪୪/୪୪୭୩/ ୪୮୭୮, ଏରିଆ: ଏ୦.୦୫୮ଡି. କ୍ରୟ କରିଥିଲୁ । ଗୀତାରାଣୀ ପାଢୀ ଏହି ଜମିକୁ ତରୁଣକାନ୍ତ ମହାନ୍ତିଙ୍କ ଠାରୁ କିଣିଥିଲେ ଏବଂ ତରୁଣକାନ୍ତ ମହାନ୍ତି ଏହାକୁ ବାଲାଜୀ ବିଲଡକମ ତରଫ ପାର୍ଟନର ରାହୁଲ ଗୁଣଶ୍ରେଷ୍ଠଙ୍କ ଠାରୁ କିଣିଥିଲେ । ଗୀତାରାଣୀ ପାଢୀ ମୋତେ ଜମି ବିକ୍ରି କରିବା ସମୟରେ ପୂର୍ବର ସମସ୍ତ ଦଲିଲ ଦେଇଥିଲେ । ଗତ ତା ୦୬.୦୮.୨୦୨୬ରିଖ ସନ୍ଧ୍ୟା ୭ ଘଟିକା ସମୟରେ ଘଙ୍ଗାପାଟଣା ସ୍ଥିତ ରାଧାମାଧବ ନଗରରୁ ଗୋଠପାଟଣା ଛକ ଆଡକୁ ବାଇକ ଯୋଗେ ଜେରକ୍ସ ପାଇଁ ଯାଉଥିବା ସମୟରେ ଉକ୍ତ ରେଜିଷ୍ଟ୍ରି ଦଲିଲ୍ ନଂ.: ୧୧୧୩୨୧୦୦୪୦୫, ତା୦୮.୦୧.୨୦୨୧, ଖାତା ନଂ.: ୫୧୨/୩୯୪୯, ପ୍ଲଟ୍ ନଂ.: ୧୧୪୪/ ୪୪୭୩ ଏରିଆ: ଏକର୦.୦୫୮ ଡିସିମିଲି, ଏବଂ ଘଙ୍ଗାପାଟଣା ମୌଜାର ଏକ ପଟ୍ଟା ଯାହାର ଖାତା ନଂ.: ୫୧୨/୪୪୦୬, ପ୍ଲଟ୍ ନଂ.: ୧୧୪୪/୪୪୭୩/ ୪୮୭୮, ଏରିଆ: ଏକର୦.୦୫୮ଡିସିମିଲି କେଉଁଠି ହଜିଯାଇଛି, ଯଦି କୌଣସି ସହୃଦୟ ବ୍ୟକ୍ତି ସେହି ଦଲିଲ ଏବଂ ପଟ୍ଟାକୁ ପାଇଥାନ୍ତି, ଏହି **ମୋବାଇଲ୍ ନଂ. ୯୪୩୯୬୫୧୯୩୧**ରେ ଯୋଗାଯୋଗ କରିବାକୁ ଅନୁରୋଧ । ଯଦି କୌଣସି ବ୍ୟକ୍ତି ଏହାର ଅସଦ ବ୍ୟବହାର କରନ୍ତି ସେଥିପାଇଁ ଆମ୍ଭେ ଦାୟୀ ରହିବୁ ନାହିଁ ।



## ହଜିଛି

ମୁଁ, ପ୍ରମୋଦ କୁମାର ଅଗ୍ରୱାଲ, ପିତା: ନୋରଙ୍ଗ ରାୟ ଗୁପ୍ତା, ଅଗ୍ରସେନ ଆଲମେଟ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ (ଯାହାଙ୍କ କାରଖାନା ପ୍ଲଟ୍ ନଂ.: ୧୯୨/୬୫୪, ଖାତା ନଂ.: ୧୪୧/୧୦୮, ମୌଜା: ବେଲଡିହି, ପୋଷ୍ଟ: ବେଲଡିହି, ଥାନା: ବ୍ରାହ୍ମଣୀ ତରଙ୍ଗ, ଜିଲ୍ଲା: ସୁନ୍ଦରଗଡରେ ଅବସ୍ଥିତ), ଏହା ଘୋଷଣା କରୁଛି ଯେ, TPWODL ଦ୍ୱାରା ଉପଭୋକ୍ତା ସଂଖ୍ୟା ୮୧୩୦୦୦୦୦୦୨୬୦ ବିପକ୍ଷରେ ପ୍ରଦାନ କରାଯାଇଥିବା ଟ.୬,୧୩,୩୧୫/- (ଛଅ ଲକ୍ଷ ତେର ହଜାର ତିନି ଶହ ପନ୍ଦର ଟଙ୍କା) ର ମୂଳ ଏସ.ଡି. ଟଙ୍କା ରସିଦ୍‌ଟି ମୋ ଠାରୁ ହଜିଯାଇଛି ଏବଂ ମୋର ସମସ୍ତ ଚେଷ୍ଟା ସତ୍ତ୍ୱେ ଏହା ମିଳୁନାହିଁ। ଏହି ରସିଦ୍ ସମ୍ବନ୍ଧୀୟ ଯେକୌଣସି ଆଇନଗତ ବିବାଦ ପାଇଁ ମୁଁ ନିଜେ ସମ୍ପୂର୍ଣ୍ଣ ରୂପେ ଦାୟୀରହିବି।

**କୂଳ ଲଙ୍ଘୁଛି ସମୁଦ୍ର**

# ଆତଙ୍କରେ ଏରସମାବାସୀ

## ଗଡ଼ହରିଶପୁରରୁ ଜଟାଧାର ମୁହାଣ ଯାଏ ସୁରକ୍ଷା ବନ୍ଧ ଦାବି

ଏରସମା,୧୪।୮ (ସମିସ)



ଦିନକୁ ଦିନ ଉପକୂଳକୁ ଗ୍ରାସ କରୁଛି ସମୁଦ୍ର। ଉତ୍ତାଳ ଲହଡ଼ି, ଲଘୁଚାପଜନିତ ଉଚ୍ଚ ଜୁଆର ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଏରସମା ଉପକୂଳ ଅଞ୍ଚଳରେ ଦେଖାଦେଇଛି ଉପକୂଳ କ୍ଷୟର ଭୟାବହ ଚିତ୍ର। ଗଡ଼ ହରିଶପୁର ଅଳକା ମୁହାଣ ବା ହାୱାଖାନାଠାରୁ କୁଜଙ୍ଗ ଜଟାଧାର ମୁହାଣ ପର୍ଯ୍ୟନ୍ତ, ଶିଆଳି, ରାମତରା ଆଦି ଅଞ୍ଚଳ ଦେଇ ପ୍ରାୟ ୨୫ କିଲୋମିଟର ଧରି ବିସ୍ତୃତ ଏହି ବେଳାଭୂମି ଏବେ ପରିବେଶୀୟ ସଙ୍କଟର ସମ୍ମୁଖୀନ। କିନ୍ତୁ ଗତ କିଛି ବର୍ଷ ଧରି ସମୁଦ୍ରର ଗତିପଥ ଓ ଲହଡ଼ିର ତୀବ୍ରତା ବୃଦ୍ଧି ପାଇବା ସହ ଅନେକ ସ୍ଥାନରେ ବେଳାଭୂମି ସଙ୍କୁଚିତ ହେବାରେ ଲାଗିଛି। ସମୁଦ୍ରର ଉତ୍ତାଳ ତରଙ୍ଗ କୂଳ ଡେଇଁ ଭିତରକୁ ପଶୁଥିବାରୁ ଲୁଣି ପାଣି ଚାଷଜମି, ଘେରି ଓ ଗ୍ରାମ ଅଭିମୁଖୀ ହେଉଛି। ଏହା ଫଳରେ ଚାଷଜମିର ଉତ୍ପାଦନକ୍ଷମତା ଉପରେ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ବିଶେଷକରି ଗଡ଼ହରିଶପୁରର ନୋଳିଆସାହି, ପଦ୍ମପୁରର ଶିଆଳି, କଳାବେଦୀ, ରାମତରା, ମୀରା ସି-ବିଚ୍, ନଳା, ଆମ୍ବିକା ଗ୍ରାମପଞ୍ଚାୟତ ଅଞ୍ଚଳ ଏବଂ କାଙ୍କଣ ସନ୍ନିକଟ ନମ୍ବର-୧ ବିଟ୍ ହାଉସ ଆଦି ଅଞ୍ଚଳକୁ ସମୁଦ୍ର ଲହଡ଼ି ଧସି ଆସିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ବଢ଼ିଛି। କୂଳରୁ ଦିନକୁ ଦିନ ବାଲି ସରିଯାଉଥିବାରୁ ଭବିଷ୍ୟତରେ ସମୁଦ୍ର ଆହୁରି ଜନବସତି ଓ ଚାଷଜମି ଆଡ଼କୁ ମାଡ଼ି ଆସିବାର ଆଶଙ୍କା ରହିଛି।

ଉପକୂଳ ସୁରକ୍ଷା ପାଇଁ ଆବଶ୍ୟକ ସ୍ଥାନରେ ସୁଉଚ୍ଚ ପଥର ବନ୍ଧ ନିର୍ମାଣ କରିବା ସହିତ ସମୁଦ୍ର ଲହଡ଼ିର ଗତିକୁ ନିୟନ୍ତ୍ରଣ କରିବା ଲାଗି ବୈଜ୍ଞାନିକ ପଦ୍ଧତିରେ ସି-ୱାଲ୍ କିମ୍ବା ଅନ୍ୟ ଉପଯୁକ୍ତ ଉପକୂଳ ସୁରକ୍ଷା ବ୍ୟବସ୍ଥା ନିର୍ମାଣ କରିବାକୁ ଦାବି ଉଠିଛି। ତେବେ କେବଳ କଂକ୍ରିଟ୍ ବା ପଥର ବନ୍ଧ ନୁହେଁ, ପ୍ରାକୃତିକ ଉପାୟରେ ବେଳାଭୂମିକୁ ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ପରିବେଶପ୍ରେମୀମାନେ ମତ ଦେଉଛନ୍ତି। ବେଳାଭୂମିରେ ବ୍ୟାପକ ବୃକ୍ଷରୋପଣ, ବିଶେଷକରି ହେନ୍ତାଳ, ବଣି, ଗୁଆଁ ଓ ଘଞ୍ଚ ଝାଉଁ ଭଳି ଉପକୂଳ ଅନୁକୂଳ ଗଛ ଲଗାଇବାକୁ ଦାବି ହୋଇଛି। ଏହି ୨୫ କିଲୋମିଟର ବିସ୍ତୃତ ବେଳାଭୂମି ସୁରକ୍ଷାକୁ କେବଳ ବିପର୍ଯ୍ୟୟ ସମୟର ପଦକ୍ଷେପ ଭାବେ ନଦେଖି ଏହାକୁ ଦୀର୍ଘମିଆଦି ବିକାଶ ଯୋଜନାର ଅଂଶ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ; ୨ ଗିରଫ



ତିର୍ତ୍ତୋଲ,୧୪।୮ (ସମିସ): ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ଘଟଣାରେ ପୁଲିସ ୨ଜଣ ଅଭିଯୁକ୍ତକୁ ଗିରଫ କରି ଅଦାଲତ ଚାଲାଣ କରିଛି। ଅଭିଯୋଗ ମୁତାବକ ତିର୍ତ୍ତୋଲ ଅଞ୍ଚଳର ଏକ ମହାବିଦ୍ୟାଳୟର ଜଣେ ନାବାଳିକା ଛାତ୍ରୀ ଏକ କୋଚିଂ ସେଣ୍ଟରକୁ ଗତ ୪ ତାରିଖରେ ପଢ଼ିବାକୁ ଯାଉଥିବାବେଳେ ସେହି କୋଚିଂ ସେଣ୍ଟରର କର୍ମଚାରୀ ରିନମୟ ସାହୁ (ରିଙ୍କୁ) ତାଙ୍କୁ ଖରାପ ବ୍ୟବହାର କରିଥିଲେ। ଏହି ବିଷୟରେ କାହାକୁ ଜଣାଇଲେ କ୍ୟାରିଅର ନଷ୍ଟ କରି ଦେବି ବୋଲି ଧମକ ଦେଇଥିଲେ। ପରେ ଛାତ୍ରୀଙ୍କ ପରିବାର ପକ୍ଷରୁ ତିର୍ତ୍ତୋଲ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା।

ତିର୍ତ୍ତୋଲ ପୁଲିସ ଭାରତୀୟ ନ୍ୟାୟ ସଂହିତା ଓ ପସ୍‌କୋ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ପୁଲିସ୍ ଟିମ୍ ଅଭିଯୁକ୍ତ ରିଙ୍କୁଙ୍କୁ ଗିରଫ କରିବା ପାଇଁ ତାଙ୍କ ଘର ନାଉଗାଁ ଥାନା ଗୋବିନ୍ଦପୁର ଅଞ୍ଚଳକୁ ଯାଇଥିଲେ। ତେବେ ସେ ଉପସ୍ଥିତ ନଥିଲା। ସେଠାରେ ଉପସ୍ଥିତ ଥିବା ଅଭୟଚାନ୍ଦପୁର ଥାନା ତ୍ରିଲୋଚନପୁର ଗ୍ରାମର ମାନସ (ଅନନ୍ତ) ସାହୁଙ୍କୁ ପଚରା ଉଚୁରା କରିବାରୁ ମାନସ ବହୁବାର ଅଭିଯୁକ୍ତ ରିଙ୍କୁ ଓ କଟକ ଜିଲ୍ଲା ସାଲେପୁର ଥାନା ତାଳପଦା ଗ୍ରାମର ମହେନ୍ଦ୍ର ରଣା ସହ କଥାବାର୍ତ୍ତା ହୋଇଥିବା ନେଇ ଜାଣିବାକୁ ପାଇଥିଲା। ଅଧିକ ତଦନ୍ତରୁ ମାନସ ଓ ମହେନ୍ଦ୍ର ରଣା ଅଭିଯୁକ୍ତକୁ ଆଶ୍ରୟ ଦେବା ସହ ପୁଲିସ ଗିରଫରୁ ବର୍ତ୍ତିବା ପାଇଁ ସହାୟତା କରିଥିବା ନେଇ ଜାଣିବାକୁ ପାଇଥିଲେ। ଫଳରେ ପୁଲିସ ଉଭୟଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତକୁ ଗିରଫ ପାଇଁ ଉଦ୍ୟମ କରୁଥିବା ପୁଲିସ୍ କହିଛି।

# ବନ୍ଧ କୋଠରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର



ବାଲିକୁଦା,୧୪।୮ (ସମିସ): ବନ୍ଦ ଘର ଭିତରୁ ଚାରି ଦିନ ପରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହେବା ଘଟଣା ବାଲିକୁଦା ଥାନା ଅନ୍ତର୍ଗତ ଅଳାଭର ପଞ୍ଚାୟତ କଣିଆ ଗ୍ରାମରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ଗ୍ରାମର ସ୍ମୃତିରଞ୍ଜନ ସ୍ୱାଇଁ (୪୪)। ସୂଚନା ଅନୁଯାୟୀ, ସ୍ମୃତି ରଞ୍ଜନଙ୍କୁ ଗତ ମଙ୍ଗଳବାର ବଜାରରେ ବୁଲୁଥିବାରୁ କିଛି ଲୋକ ଦେଖିଥିଲେ। ସନ୍ଧ୍ୟା ସମୟରେ ସେ ନିଜ ଘରେ ଥିଲେ। ତେବେ ସେହି ଦିନଠାରୁ ତାଙ୍କ ଘରର କବାଟ ବନ୍ଦ ରହିଥିଲା। ଗତକାଲି ସନ୍ଧ୍ୟାରେ ଘର ଭିତରୁ ପ୍ରବଳ ଦୁର୍ଗନ୍ଧ ବାହାରିବାରୁ ପଡ଼ୋଶୀମାନେ ତାଙ୍କ ଭଉଣୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ସ୍ମୃତି ରଞ୍ଜନ ଲାଇନମ୍ୟାନ ଭାବେ କାମ କରୁଥିବାରୁ ତାଙ୍କ ସହଯୋଗୀ ମଧ୍ୟ ଫୋନରେ ଯୋଗାଯୋଗ କରିଥିଲେ। ଫୋନ ନ ଉଠାଇବାରୁ ସେ ଘରକୁ ଆସି ଦୁର୍ଗନ୍ଧ ସମ୍ପର୍କରେ ସ୍ମୃତିଙ୍କ ଭଉଣୀଙ୍କୁ ଜଣାଇଥିଲେ। ପରେ ତାଙ୍କ ଭଉଣୀମାନେ ରାତିରେ ଗ୍ରାମରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ। ଅତ୍ୟଧିକ ରାତି ହୋଇଥିବାରୁ ଆଜି ସକାଳେ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକଙ୍କ ଉପସ୍ଥିତିରେ ବାଲିକୁଦା ପୁଲିସ ଘରର ଗ୍ରୀଲ କାଟି ଭିତରକୁ ପ୍ରବେଶ କରିଥିଲା। ଘର ଭିତରେ ପଙ୍ଖାରେ ଝୁଲିଥିବା ଅବସ୍ଥାରେ ସ୍ମୃତିରଞ୍ଜନଙ୍କ ମୃତଦେହ ମିଳିଥିଲା। ପୁଲିସ ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୀର୍ଘ ସମୟ ଧରି ମୃତଦେହ ଘରେ ପଡ଼ି ରହିଥିବାରୁ ଏହା ନଷ୍ଟ ହୋଇଯାଇଥିବା ମାଜିଷ୍ଟ୍ରେଟ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ସ୍ମୃତିଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ବିଭିନ୍ନ ଚର୍ଚ୍ଚା ହେଉଛି। କିଛି ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସ୍ମୃତି ପ୍ରାୟ ୪ ଏକର ଜମିରେ ଧାନ ଚାଷ କରିଥିଲେ। ବର୍ଷା ଓ ଅନ୍ୟାନ୍ୟ କାରଣରୁ ଧାନ ତଳି ନଷ୍ଟ ହୋଇଯିବାରୁ ସେ ଅବସାଦଗ୍ରସ୍ତ ଥିଲେ। ଅନ୍ୟପକ୍ଷରେ, ପ୍ରାୟ ୩ ବର୍ଷ ପୂର୍ବେ ତାଙ୍କ ପତ୍ନୀ ତାଙ୍କୁ ଛାଡ଼ି ଚାଲିଯାଇଥିବା ଏବଂ ଏହାକୁ ନେଇ ବିବାହ ବିଚ୍ଛେଦ ସମ୍ପର୍କିତ ମାମଲା ହୋଇଥିବା ଜଣାପଡ଼ିଛି। ତାଙ୍କ ପିତାମାତାଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ତିନି ଭଉଣୀ ମଧ୍ୟ ବହୁ ପୂର୍ବରୁ ବିବାହ କରିଥିଲେ। ଫଳରେ ସେ ଏକାକୀ ଜୀବନଯାପନ କରୁଥିଲେ। ତେବେ ସ୍ମୃତିଙ୍କ ମୃତ୍ୟୁର ପ୍ରକୃତ କାରଣ ଏବେବି ସ୍ପଷ୍ଟ ହୋଇନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି। ଭଉଣୀମାନଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

# ରାଜ୍ୟପାଳଙ୍କ ଆଟ୍ ହୋମ କାର୍ଯ୍ୟକ୍ରମରେ ଯୋଗଦେବେ ଅମରେଶ



ପାରାଦୀପ,୧୪।୮ (ସମିସ): ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱର ଲୋକଭବନରେ ଆୟୋଜିତ ହେବାକୁ ଥିବା ରାଜ୍ୟପାଳଙ୍କ 'ଆଟ ହୋମ' କାର୍ଯ୍ୟକ୍ରମକୁ ଜଗତସିଂହପୁର ଜିଲ୍ଲା ପାରାଦୀପ ଅଞ୍ଚଳର ପରିବେଶବିତ ଅମରେଶ ନରେଶ ସାମନ୍ତଙ୍କୁ ଆମନ୍ତ୍ରଣ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଉଲ୍ଲେଖିତ ଓ ପ୍ରଶଂସିତ ବ୍ୟକ୍ତି ବିଶେଷଙ୍କ ମଧ୍ୟରୁ ଓଡ଼ିଶାର ୧୦ ଜଣକୁ ଏହି ସ୍ୱତନ୍ତ୍ର ଆଟ୍‌ହୋମ କାର୍ଯ୍ୟକ୍ରମ ପାଇଁ ଆମନ୍ତ୍ରଣ କାରାଯାଇ ଥିବା ସରକାରୀ ପତ୍ରରେ ଉଲ୍ଲେଖ ରହିଛି। ସେଥିମଧ୍ୟରୁ ଜଗତସିଂହପୁର ଜିଲ୍ଲାରୁ ଅମରେଶଙ୍କ ନାଁ ସ୍ଥାନପାଇଛି। ଅମରେଶଙ୍କ ଦୀର୍ଘ ତିନି ଦଶନ୍ଧିର ପରିବେଶ ସୁରକ୍ଷା, ବ୍ୟାପକ ଗ୍ରାମ୍ୟ ଜଙ୍ଗଲ ଓ ମହାନଦୀ ମୁହାଣରେ ଘଞ୍ଚ ହେନ୍ତାଳ ବନ ସୃଷ୍ଟି ପାଇଁ ସେ ଅନବରତ ତାଙ୍କ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ, ବିଶ୍ୱାଳୀ ଓ ସାଥି ଅନୁଷ୍ଠାନ ନୀଳଚକ୍ର ୟୁଥ କ୍ଲବ, ଆଦର୍ଶ ପ୍ରୟାସ ଓ ଅନ୍ୟ କେତେକ ପରିବେଶପ୍ରେମୀ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ନେଇ ତାଙ୍କର ଯାତ୍ରା ଓ ପ୍ରଚେଷ୍ଟା ଜାରି ରଖିଛନ୍ତି। ସେଥିପାଇଁ ତାଙ୍କୁ ଏଭଳି ନିମନ୍ତ୍ରଣ ମିଳିଛି।

# ଯାତ୍ରା କଳାକାରଙ୍କ ପରଲୋକ

ଜଗତସିଂହପୁର,୧୪।୮ (ସମିସ): ଜଗତସିଂହପୁର ବ୍ଲକ ଅଧୀନ ଶାଳଜଙ୍ଗ ପଞ୍ଚାୟତର ହଂସରାମ ପାଟଣା (ବରଡି) ଗ୍ରାମର ଅବସରପ୍ରାପ୍ତ ବିଶିଷ୍ଟ ଯାତ୍ରା କଳାକାର ସୁକଦେବ ମହାରଣା



(୮୧)ଙ୍କ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ କଟକରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ଶାଳଜଙ୍ଗ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ଶେଷ ସମୟରେ ବଡ଼ ପୁଅ ସୁଶାନ୍ତ କୁମାର ମହାରଣା, ସୂର୍ଯ୍ୟକାନ୍ତ ମହାରଣା, ବଡ଼ ଝିଅ ଜାନକୀ ମହାରଣା, ଜ୍ୱାଇଁ ପ୍ରକାଶ ଚନ୍ଦ୍ର ଓଝା, ଦୁଃଶାସନ ମହାରଣା, ପ୍ରଶାନ୍ତ ମହାରଣା, ସଦାଶିବ ମହାରଣା, ସୁମିତ୍ରା ମହାରଣା, ଶ୍ରାବଣୀ ମହାରଣା, ରାନୀ ମହାରଣା, ସୋନି ମହାରଣା, ଲକ୍କୁ, ଚିକୁ ସମେତ ପରିବାର ଲୋକ ଉପସ୍ଥିତ ଥିଲେ। ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ସୁଶାନ୍ତ କୁମାର ମହାରଣା ମୁଖାଗ୍ନି ଦେଇଥିଲେ।

# ପିପିଏଲ୍ ଡିଏଭିର ୩୦ କବ୍/ ବୁଲ୍‌ବୁଲ୍‌ଙ୍କୁ ରାଜ୍ୟ ପୁରସ୍କାର



ପାରାଦୀପ, ୧୪।୮ (ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଗାଇଡ୍ ପକ୍ଷରୁ ରାଜ୍ୟର ୩୦ଟି ଜିଲ୍ଲାର ଚୟନ ହୋଇଥିବା କବ୍/ବୁଲ୍‌ବୁଲ, ସ୍କାଉଟ/ଗାଇଡ୍, ରୋଭର/ରେଞ୍ଜରଙ୍କୁ ୨୦୨୫-୨୬ ବର୍ଷର ରାଜ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ପିପିଏଲ ଡିଏଭି ପବ୍ଲିକ ସ୍କୁଲର ୩୦ ଜଣ କବ୍/ ବୁଲବୁଲ ଏହି ପୁରସ୍କାର ରାଜ୍ୟପାଳ ହରିବାବୁ କୁମ୍ଭମପତିଙ୍କ ଠାରୁ ଗ୍ରହଣ କରିଛନ୍ତି। ରାଜଭବନରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଗାଇଡ୍ ପକ୍ଷରୁ ଆୟୋଜିତ ରାଜ୍ୟ ପୁରସ୍କାର ପ୍ରଦାନ ଉତ୍ସବରେ ରାଜ୍ୟ ସ୍କାଉଟ ଗାଇଡ୍‌ର ମୁଖ୍ୟ କମିଶନର ଡ. କାଳୀପ୍ରସାଦ ମିଶ୍ର, ମହିଳା କମିଶନ ପୂର୍ବତନ ଅଧ୍ୟକ୍ଷା ଡ. ମିନତୀ ବେହେରା, ଷ୍ଟେଟ କମିଶନର ଗାଇଡ୍ ଡ. ସିପ୍ରା ନାୟକ, ରାଜ୍ୟ ମୁଖ୍ୟ ସଂଯୋଜିକା ଅନାମିକା ଦାସ ଯୋଗ ଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଫ୍ଲକ ଲିଡର ପ୍ରଣତି କୁମାରୀ ଜେନାଙ୍କ ତତ୍ତ୍ୱାବଧାନରେ ପ୍ରଥମ ଥର ପାଇଁ ବିଦ୍ୟାଳୟର ୧୯ ଜଣ ବୁଲବୁଲ ଓ ୧୧ ଜଣ କବ୍ ରାଜ୍ୟ ପୁରସ୍କାର ପ୍ରମାଣପତ୍ର ପାଇବାକୁ ମନୋନୀତ ହୋଇଥିଲେ। ଆଜି ବିଭାଜନ ବିଭୀଷିକା ଦିବସ ଅବସରରେ ଅବସରପ୍ରାପ୍ତ ସେନା ଅଧିକାରୀ ନବଘନ ଭୋଳ ଓ ବିଦ୍ୟାଳୟର ଅଧ୍ୟକ୍ଷ ସଂଜୀବ କୁମାର ସାହୁଙ୍କ ଠାରୁ କବ୍/ ବୁଲବୁଲ୍ ମାନେ ମାନପତ୍ର ଗ୍ରହଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସେମାନଙ୍କୁ ସ୍କାର୍ଫ ଓ ବ୍ୟାଚ ପିନ୍ଧାଇ ଅଭିନନ୍ଦନ ଜଣାଇଥିଲେ।

# ନାଉଗାଁରେ ତ୍ରିରଙ୍ଗା ଶୋଭାଯାତ୍ରା

ନାଉଗାଁ,୧୪।୮ (ସମିସ): ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ଘରେ ଘରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନାଉଗାଁ ପଞ୍ଚାୟତ ସ୍ଥିତ ସାଧୁଗୋସ୍ୱାମୀ ପୀଠରୁ ବିଡିଓ ନିରଞ୍ଜନ ପରିଡ଼ା ତ୍ରିରଙ୍ଗା ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ନାଉଗାଁ ବଜାର, ବ୍ଲକ ଛକ ଦେଇ ନାଉଗାଁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଦିନେଶ କୁମାର ରାୟ, ପଞ୍ଚାୟତ ଉନ୍ନୟନ ଅଧିକାରୀ ସୌରଜିତ୍ ମହାପାତ୍ର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରେଣୀ ସ୍ୱପ୍ନା ମହାପାତ୍ର, ବିପିସି ସତ୍ୟାର୍ଥ ପ୍ରକାଶ ପରିଡା, ବି ପିଏମ୍ ଗଣେଶ ସ୍ୱାଇଁ, ବିଏଲ୍‌ସି ବିଜୟଲକ୍ଷ୍ମୀ ପ୍ରଧାନ, ବିଏଲ୍‌ସି ରଶ୍ମି ରଞ୍ଜନ ସ୍ୱାଇଁ, ରାଜଲକ୍ଷ୍ମୀ ସ୍ୱାଇଁ, ଏବଂ ସମସ୍ତ ସିଆରପି, ଏମ୍‌ବିକେ, ଅଙ୍ଗନବାଡି କର୍ମୀ, ଏସ୍‌ଏଚ୍‌ଜି ମହିଳା ମାନେ ଯୋଗ ଦେଇଥିଲେ।

# ସାଇଜ୍ଞାନ ପ୍ଲେ' ସ୍କୁଲରେ ତ୍ରିରଙ୍ଗା ଯାତ୍ରା

ଜଗତସିଂହପୁର,୧୪।୮ (ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଜୟବଡ ଠାରେ ଥିବା ସାଇଜ୍ଞାନ ପ୍ଲେ' ସ୍କୁଲ ପକ୍ଷରୁ 'ହର୍ ଘର୍ ତିରଙ୍ଗା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷା ପ୍ରଜ୍ଞାପାରମିତା ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ସଦର ଥାନା ସହ ଅଧିକାରିଣୀ ତପସ୍ୱିନୀ କାନୁନ୍‌ଗୋ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ଲେ ସ୍କୁଲର କୁନି କୁନି ଛାତ୍ରଛାତ୍ରୀ ଉତ୍ସୁକତାର ସହ ବିଭିନ୍ନ ବେଶରେ ସଜ୍ଜିତ ହୋଇ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶିକ୍ଷୟତ୍ରୀ ପ୍ରାଚୀ ପଟ୍ଟନାୟକ, ଲିସା ମହାନ୍ତି, ସୋନମ୍ ପ୍ରିୟଦର୍ଶିନୀ, ସୌଭାଗ୍ୟଲକ୍ଷ୍ମୀ ପାତ୍ର, ଶକ୍ତିସ୍?ରୂପା ପଟ୍ଟନାୟକ, ଶ୍ରୀଲେଖା ପାଢୀ ଓ ପରିଚାଳିକା ସୁଜାତା ନନ୍ଦୀ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଫୁଲ୍ଲ ପାଠାଗାର ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



ଜଗତସିଂହପୁର,୧୪।୮ (ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପୁରୁଣାଗଡ଼ ସ୍ଥିତ ପ୍ରଫୁଲ୍ଲ ପାଠାଗାର ପକ୍ଷରୁ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରା ପୁରୁଣାଗଡ଼ ବଜାର ପରିକ୍ରମା କରି ସପନୀ ତୋଟା, ନୂଆଗଡ ଛକ, ଆଶ୍ରମପାଟଣା ଓ ବିଜୁ ପଟ୍ଟନାୟକ କଲେଜ ଛକ ଦେଇ ପାଠାଗାର ପରିସରରରେ ଉଦ୍‌ଯାପିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଶିବ ପ୍ରସାଦ ମାଝୀ, ବରିଷ୍ଠ ନାଗରିକ ରବୀନ୍ଦ୍ର ନାଥ ତ୍ରିପାଠୀ, ବଂଶୀଧର ଆଚାର୍ଯ୍ୟ, ବିଜୟ କୁମାର ପତି, ବିଭୁତି ଭୂଷଣ ଲେଙ୍କା, ସତ୍ୟବାଦୀ ଦାସ, ରାମଚନ୍ଦ୍ର ଆଚାର୍ଯ୍ୟ, ଘନଶ୍ୟାମ କାନୁନଗୋ, ରମେଶ ଚନ୍ଦ୍ର ସାହୁ, ପ୍ରସନ୍ନ କୁମାର ମିଶ୍ର, ସଞ୍ଜୟ କୁମାର ସାମନ୍ତ ସିଂହାର, ଚନ୍ଦ୍ରଶେଖର ରାୟ, ପ୍ରତାପ କୁମାର ରାଉତରାୟ, ଅଜୟ କୁମାର ପତି ପ୍ରମୁଖ ଯୋଗଦାନ କରିଥିଲେ। ସ୍ଥାନୀୟ ବିଜୁ ପଟ୍ଟନାୟକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ସମେତ ଜନ ସାଧାରଣ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ଓ ପାଠାଗାର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ପରିଚାଳନା କରିଥିଲେ।

# ପାରାଦୀପକୁ ମିଳିଲା ସ୍ମାର୍ଟ ପୋର୍ଟ ଆୱାର୍ଡ




ପାରାଦୀପ,୧୪।୮ (ସମିସ): ପାରାଦୀପ ପୋର୍ଟ ଅଥରିଟିକୁ ସ୍ମାର୍ଟ ପୋର୍ଟ ଆୱାର୍ଡ-୨୦୨୬ରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ସ୍ମାର୍ଟ ଲଜିଷ୍ଟିକ୍ସ ସମ୍ମିଳନୀ ଓ ପୁରସ୍କାର-୨୦୨୬ରେ ପ୍ରଦାନ କରାଯାଇଛି। ଏହି ପୁରସ୍କାରକୁ ବନ୍ଦରର ଅଧ୍ୟକ୍ଷ ପିଏଲ ହାରନାଦ ଗ୍ରହଣ କରିଥିଲେ। ଯାହାକୁ ମାରିଟାଇମ୍ ଗେଟୱେ ଓ ଓଡ଼ିଶା ସରକାର ମିଳିତ ଭାବେ ଆୟୋଜନ କରିଥିଲେ। ଭୁବନେଶ୍ୱରର ତାଜ୍ ଭିଭାଣ୍ଟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ପୋର୍ଟ ଅଥରିଟିର ସ୍ମାର୍ଟ ଟେକ୍ନୋଲୋଜି, ନବସୃଜନ, କାର୍ଯ୍ୟକ୍ଷମତା ଏବଂ ଭବିଷ୍ୟତ ପ୍ରସ୍ତୁତ ପୋର୍ଟ ବିକାଶ ପ୍ରତି ପ୍ରତିବଦ୍ଧତାକୁ ସ୍ୱୀକୃତି ଦିଆଯାଇଥିଲା। ଏହା ପାରାଦୀପ ପୋର୍ଟ ଅଥରିଟିର ଏକ ଗର୍ବର ମୁହୂର୍ତ୍ତ ଏବଂ ଏକ ସ୍ମାର୍ଟ, ଶକ୍ତିଶାଳୀ ଓ ଭବିଷ୍ୟତ ପ୍ରସ୍ତୁତ ଭାରତୀୟ ଜଳପଥର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ।

# ବ୍ରାଉନ୍‌ସୁଗର ଜବତ; ୨ ଗିରଫ



ଜଗତସିଂହପୁର,୧୪।୮ (ସମିସ): ଜଗତସିଂହପୁର ସଦର ଥାନା ପୁଲିସ ପୁନଙ୍ଗ କେନାଲ ରାସ୍ତା ନିକଟରେ ଚଢ଼ଉ କରି ୧୨.୮୦ ଗ୍ରାମ ବ୍ରାଉନସୁଗର ଜବତ କରିଛି। ସେହିପରି ବ୍ରାଉନସୁଗର ବ୍ୟବସାୟ କରିବା ଅଭିଯୋଗରେ ଓହଳ ଗ୍ରାମର ସରୋଜ ଭୋଇ ଏବଂ ମାଧପୁର ଗ୍ରାମର ବାପିନା ଗୋଛାୟତକୁ ଗିରଫ କରି କୋର୍ଟଚାଲାଣ କରିଥିବା ଏସଡିପିଓ ଦିବ୍ୟନାଥ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏମାନେ ବ୍ୟବହାର କରୁଥିବା ବାଇକ୍ ଏବଂ ଦୁଇଟି ମୋବାଇଲ ଫୋନ ମଧ୍ୟ ପୁଲିସ ଜବତ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁର ସଦର ଥାନା ଆଇଆଇସି ସୁଶାନ୍ତ କୁମାର ସାହୁ ଏବଂ ଅନ୍ୟ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ଜିଲ୍ଲା ଆପାତକାଳୀନ ବୈଠକ**

# ରାସାୟନିକ ଦୁର୍ଘଟଣା ରୋକିବାକୁ ଗୁରୁତ୍ୱ

ଜଗତସିଂହପୁର,୧୪।୮ (ସମିସ)

ରାସାୟନିକ ଦୁର୍ଘଟଣା ପ୍ରସ୍ତୁତି-୨୦୨୬ ସମ୍ପର୍କିତ ଜିଲ୍ଲା ଆପାତକାଳୀନ ବୈଠକ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ବରିଷ୍ଠ ଅଧିକାରୀ ଏବଂ ବିପଜ୍ଜନକ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ ସମସ୍ତ ବିପଜ୍ଜନକ ଶିଳ୍ପ ପ୍ରତିଷ୍ଠାନକୁ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ସହ ଦୈନିକ ଭିତ୍ତିରେ ସେମାନଙ୍କର ଅଦ୍ୟତନ ରାସାୟନିକ ମହଜୁଦ ବିବରଣୀ ଆପତକାଳୀନ ପ୍ରତିକ୍ରିୟା କେନ୍ଦ୍ରକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାସାୟନିକ ଶିଳ୍ପରେ ଦୃଢ଼ ସୁରକ୍ଷା ବ୍ୟବସ୍ଥା, ଆପତକାଳୀନ ସମୟରେ ଜିଲ୍ଲା ପ୍ରଶାସନ, ଅଗ୍ନିଶମ ସେବା, ପୁଲିସ, ସ୍ୱାସ୍ଥ୍ୟ ବିଭାଗ ଏବଂ ଶିଳ୍ପ ପରିଚାଳନା ମଧ୍ୟରେ ପ୍ରଭାବଶାଳୀ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭିକ ଅଭିଭାଷଣରେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ବିପଜ୍ଜନକ ଶିଳ୍ପ ପ୍ରତିଷ୍ଠାନ, ଜିଲ୍ଲା ପ୍ରଶାସନ ଏବଂ ଆପତକଳୀନ ପ୍ରତିକ୍ରିୟା ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ଭାବ୍ୟ ବିପଦ ଚିହ୍ନଟ କରି ଆପତକଳୀନ ପ୍ରତିକ୍ରିୟା କ୍ଷମତାକୁ ସୁଦୃଢ଼ କରିବା ପାଇଁ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକୁ ସକ୍ରିୟ ଏବଂ ସତର୍କ ରହିବାକୁ ସେ ପରାମର୍ଶ ଦେଇଥିଲେ। ପାରାଦୀପର କାରଖାନା ଓ ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ଇଂ. ଚନ୍ଦ୍ରଶେଖର ବେହେରା ଜିଲ୍ଲାର ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ସମ୍ପର୍କରେ ସମୀକ୍ଷା ଉପସ୍ଥାପନ କରିବା ସହ ଜିଲ୍ଲା ସଙ୍କଟ ଗୋଷ୍ଠୀର କାର୍ଯ୍ୟପ୍ରଣାଳୀ ଓ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ବିଭିନ୍ନ ବିପଜ୍ଜନକ ଶିଳ୍ପ ପ୍ରତିଷ୍ଠାନର ପ୍ରତିନିଧିମାନେ ନିଜ ଶିଳ୍ପ ପ୍ରକ୍ରିୟା, ସମ୍ଭାବ୍ୟ ବିପଦ ପରିସ୍ଥିତି ଏବଂ ବର୍ତ୍ତମାନର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ।




ବିପଜ୍ଜନକ ଶିଳ୍ପ ପ୍ରତିଷ୍ଠାନ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ

ବୈଠକରେ ହୋଇଥିବା ଆଲୋଚନା ଆଧାରରେ ଶିଳ୍ପ ସୁରକ୍ଷା ଏବଂ ଆପତକାଳୀନ ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା। ଶିଳ୍ପ ସୁରକ୍ଷା ଏବଂ ଜନସାଧାରଣଙ୍କ ପ୍ରସ୍ତୁତିକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ପାରାଦୀପ ଅଞ୍ଚଳର ସମସ୍ତ ଏମ୍‌ଏଏଚ୍ ୟୁନିଟ୍‌କୁ ଜିଲ୍ଲା ପ୍ରଶାସନର ଅଧିକୃତ ପୋର୍ଟାଲରେ ଦୈନିକ ରାସାୟନିକ ମହଜୁଦ ବିବରଣୀ ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁରକ୍ଷା ସୂଚନା ଅପଲୋଡ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ନିୟମିତ ଅନ୍-ସାଇଟ୍ ଏବଂ ଅଫ୍-ସାଇଟ୍ ଆପତକାଳୀନ ମକ୍‌ଡ୍ରିଲ୍ କରିବାର ଗୁରୁତ୍ୱକୁ ପୁନର୍ବାର ଉଲ୍ଲେଖ କରାଯାଇଥିଲା। ବୈଠକରେ ଜିଲ୍ଲା ଜରୁରୀ କାଳୀନ ବିଭାଗ ଅଧିକାରୀ ଅନିଶା ଦାସ, ପୁଲିସ, କାରଖାନା ଓ ବଏଲର୍ସ ବିଭାଗ, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସିଆଇଏସ୍‌ଏଫ୍, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଡିଜି ଏଫ୍‌ଏଏସ୍‌ଏଲ୍‌ଆଇ ଏବଂ ବିଭିନ୍ନ ଏମ୍‌ଏଏଚ୍ ୟୁନିଟ୍ ଓ ଅନ୍ୟାନ୍ୟ ବିପଜ୍ଜନକ ଶିଳ୍ପ ପ୍ରତିଷ୍ଠାନର ପ୍ରତିନିଧିମାନେ ଯୋଗଦେଇଥିଲେ। ଏଥିରେ ଆଇଓସିଏଲ୍ ରିଫାଇନେରୀ, ଇଫ୍‌କୋ, ପିପିଏଲ୍, ଏଏମ୍‌ଏନ୍‌ଏସ୍, ଗେଲ୍, ଏଚ୍‌ପିସିଏଲ୍ ଟର୍ମିନାଲ, ବିପିସିଏଲ୍ ଟର୍ମିନାଲ, ଆଇଓସିଏଲ୍ ରିଫାଇନେରୀ ଏବଂ ବିପିସିଏଲ୍ ଗ୍ୟାସ୍ ଡିଭିଜନ୍ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ।

### ନାହିରେ ତେଲ ଦେଇ ଶୋଇଛି ବିଭାଗ

# ପୂର୍ତ୍ତ ବିଭାଗ ରାସ୍ତା ଏବେ ପୋଖରୀ, ଲୋକେ ହୀନସ୍ତା

ମହାକାଳପଡ଼ା, ୧୪।୮ (ସମିସ)



ପୂର୍ତ୍ତ ବିଭାଗ ରାସ୍ତା ଏବେ ପୋଖରୀ ପାଲଟିଛି। ରାସ୍ତା ଉପରେ ଜମି ରହୁଥିବା ବର୍ଷାଜଳ ଯୋଗୁଁ ଲୋକେ ହୀନସ୍ତା ଭୋଗୁଥିବାବେଳେ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ଦୀର୍ଘ ବର୍ଷ ଧରି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ଦିଗରେ ବିଭାଗୀୟ ତତ୍ପରତା ଦେଖାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଓଳିହା ଗ୍ରାମର ପୁରୁଣା ପ୍ରାଥମିକ ବିଦ୍ୟାଳୟ ନିକଟରେ ଢଳେଇ ଓ ପିଚୁ ରାସ୍ତାର ସଂଯୋଗ ସ୍ଥଳରେ ଏଭଳି ଅବସ୍ଥା ଦେଖିବାକୁ ମିଳୁଛି। ଜଳ ନିଷ୍କାସନର ସୁବିଧା ନ ଥିବାରୁ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମି ରହୁଛି। ପାଣି ଭିତରେ ରାସ୍ତାର ଅବସ୍ଥା ସ୍ପଷ୍ଟ ଦେଖାଯାଉ ନ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ବିଶେଷକରି ବାଇକ୍ ଆରୋହୀ ଦୁର୍ଘଟଣାର ଶିକାର ହୋଇ କ୍ଷତାକ୍ତ ହେଉଥିବା ଅଭିଯୋଗ ହେଉଛି।

ଏହି ରାସ୍ତାଟି ପୂର୍ତ୍ତ ବିଭାଗର ଅଙ୍ଗୁଳାଇ-ବଢ଼ିହି ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତିଦିନ ବସ୍, ଟ୍ରକ୍ ସମେତ ହଜାର ହଜାର ଲୋକ ଏହା ଉପରେ ନିର୍ଭର କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଯାତାୟାତର ଏହା ଏକ ପ୍ରମୁଖ ମାଧ୍ୟମ। ଏହାଛଡ଼ା ବିଦ୍ୟାଳୟର ଛାତ୍ରଛାତ୍ରୀ, କଲେଜ ପିଲାଙ୍କ ସହିତ ଦୈନନ୍ଦିନ ଯାତ୍ରୀ ମଧ୍ୟ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ସମସ୍ୟା ସମ୍ପର୍କରେ ପୂର୍ବରୁ ଅର୍ଥାତ୍ ଏକବର୍ଷ ପୂର୍ବେ ଖବର ପ୍ରକାଶ ପାଇଥିଲେ ମଧ୍ୟ ଏଯାଏଁ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇନାହିଁ। ବାରମ୍ବାର ଏ ରାସ୍ତା ସମ୍ପର୍କରେ ଅବଗତ କରାଯାଇଥିଲେ ମଧ୍ୟ ପ୍ରଶାସନ ତତ୍ପରତା ଦେଖାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ପ୍ରଶାସନିକ ଅଧିକାରୀ ଯାତାୟାତ କରୁଥିଲେ ମଧ୍ୟ ଏହି ସମସ୍ୟା ଉପରେ ନଜର ପଡୁ ନ ଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ତୁରନ୍ତ ରାସ୍ତାରୁ ଜଳ ନିଷ୍କାସନ ସହ ଏହାର ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀ ଓ ଯାତ୍ରୀ ଦାବି କରିଛନ୍ତି।

## ପାଟକୁରାରେ ତ୍ରିରଙ୍ଗା ଶୋଭାଯାତ୍ରା

ଗରଦପୁର,୧୪।୮ (ସମିସ): ପାଟକୁରା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ପାଟକୁରାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାଟକୁରା ନିର୍ବାଚନମଣ୍ଡଳୀ ବିଜେପି ନେତା ଉମାକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପାଟକୁରା ଉଚ୍ଚବିଦ୍ୟାଳୟ ପରିସରରୁ ଶୋଭାଯାତ୍ରା ଆରମ୍ଭ ହୋଇ ନଇଳିପୁର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ପାଟକୁରା ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ବିଜେପି କର୍ମୀ ଓ ସାଧାରଣ ଲୋକ ଯୋଗ ଦେଇଥିଲେ।

## ଦେଶ ବିଭାଜନ ବିଭୀଷିକା ସ୍ମୃତିରେ ମହମବତି ଶୋଭାଯାତ୍ରା

ମହାକାଳପଡ଼ା,୧୪।୮ (ସମିସ): ଦେଶ ବିଭାଜନ ସମୟର ଦୁଃଖଦ ଘଟଣା ଓ ପ୍ରାଣ ହରାଇଥିବା ଲୋକଙ୍କ ସ୍ମୃତିକୁ ମନେ ପକାଇ ମହାକାଳପଡ଼ା ବ୍ଲକ ପରିସରରୁ ଶୁକ୍ରବାର ସନ୍ଧ୍ୟାରେ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଆରମ୍ଭ ହୋଇ ମହାକାଳପଡ଼ା ଛକ ଦେଇ ପୁନର୍ବାର ବ୍ଲକ ପରିସରରେ ପହଞ୍ଚିଥିଲା। ପରେ ବ୍ଲକ ପରିସରସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ସମସ୍ତେ ଏକତ୍ରିତ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ବିଭାଜନ ସମୟରେ ପ୍ରାଣ ହରାଇଥିବା ଅସଂଖ୍ୟ ଲୋକଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ମହାକାଳପଡ଼ା ବିଡିଓ ରବିନାରାୟଣ ଆଚାର୍ଯ୍ୟ, ଏବିଡିଓ କିରଣ ସାମଲ, ବିଏସଓ ଦୀପକ ପରିଡ଼ା, ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର, ମହାକାଳପଡ଼ା ସରପଞ୍ଚ ରତିକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ମହମବତି ଶୋଭାଯାତ୍ରା

କେନ୍ଦ୍ରାପଡ଼ା,୧୪।୮ (ସମିସ): ବିଭାଜନ ବିଭୀଷିକା ସ୍ମୃତି ଦିବସ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ପରିକ୍ରମା କରି ବିଭୀଷିକାରେ ପ୍ରଭାବିତ ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲା।

## ପାଣି ବୁଡ଼ିଥିବା ପାଟ ବୁଲି ଦେଖିଲେ କଂଗ୍ରେସ ନେତା

ପଞ୍ଚୁପାଣ୍ଡବ,୧୪।୮ (ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଥିବା ପାଟରେ ଚାଷଜମି ଜଳମଗ୍ନ ହୋଇଥିବାବେଳେ ଏହାକୁ ବୁଲି ଦେଖିଛନ୍ତି ପାଟକୁରା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ। ରଘୁଦେଇପୁର ପଞ୍ଚାୟତର ନୋଳପାଟ, ନୂଆହାଟ ପାଟ, ବେଣୀପୁର କଣ୍ଡା ପାଟ, ଗୋଲରହାଟ, ଲକ୍ଷ୍ମୀନାରାୟଣପୁର, କୁରୁଜଙ୍ଗା ଆଦି ପଞ୍ଚାୟତର ଶହ ଶହ ଏକର ଚାଷଜମିକୁ କଂଗ୍ରେସ ନେତା ରତିକାନ୍ତ କାନୁନଗୋ ତାଙ୍କ ଦଳୀୟ ନେତା ଓ କର୍ମୀଙ୍କ ସହ ବୁଲି ଦେଖିଥିଲେ। ଚାଷୀଙ୍କ ସହିତ ଆଲୋଚନା କରି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଅୟାରଙ୍କୁ ଭେଟି ଦାବି ଉପସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ୨ ବ୍ୟାଟେରି ଚୋର ଗିରଫ

ଡେରାବିଶ, ୧୪।୮ (ସମିସ): ଡେରାବିଶ ଥାନା ଅଧୀନ ଲକ୍ଷ୍ମୀନାରାୟଣ ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ଉପେନ୍ଦ୍ର ଦାସଙ୍କ ଟ୍ରକ୍‌ରୁ ଦୁଇଟି ବ୍ୟାଟେରି ଓ ପାଲ ଚୋରି ହୋଇଥିବା ନେଇ ଡେରାବିଶ ଥାନାରେ ଅଭିଯୋଗ ହୋଇଥିଲା। ଉପେନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ ଡେରାବିଶ ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ଘଟଣାରେ ପୁଲିସ କୁଜଙ୍ଗ ଥାନା ଅଞ୍ଚଳର ରଞ୍ଜନ ନାୟକ ଓ ନରସିଂହପୁର ଥାନା ଅଞ୍ଚଳର ସୁଧାଂଶୁ ସାହୁକୁ ଗିରଫ କରିଛି। ସେମାନଙ୍କଠାରୁ ଦୁଇଟି ବ୍ୟାଟେରି ଓ ପାଲ ଜବତ ହୋଇଛି। ଆଜି ଉଭୟଙ୍କୁ ଡେରାବିଶ ପୁଲିସ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଅମ୍ବିକା ପ୍ରସାଦ ଦାସ ପ୍ରକାଶ କରିଛନ୍ତି।

## ସମାଜସେବୀ ମହେଶ୍ୱର ଜେନାଙ୍କ ପରଲୋକ



ଗୋବିନ୍ଦପୁର, ୧୪।୮ (ସମିସ): ଆଳି ବ୍ଲକ ଅନ୍ତର୍ଗତ ମଧୁବନ ଗ୍ରାମର ମହେଶ୍ୱର ଜେନାଙ୍କ କୋରାପୁଟ ସିମିଲିଗୁଡାରେ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ସନ୍ତୋଷ ଜେନା, ମନୋଜ ଜେନା, ବୋହୂ, ନାତି, ଝିଅଙ୍କାଇଁ ଉପସ୍ଥିତ ଥିଲେ। ମରଶରୀର ମଧୁବନ ଗ୍ରାମକୁ ଅଣାଯାଇ ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ସନ୍ତୋଷ ଜେନା ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଜେନା ଜଣେ ସମାଜସେବୀ, ସୁସଂଗଠକ, ମେଳାପି ବ୍ୟକ୍ତି ଥିଲେ।

## କନିକା ହାଇସ୍କୁଲ ପୂର୍ବତନ ସମ୍ପାଦକଙ୍କ ପରଲୋକ

ରାଜକନିକା,୧୪।୮ (ସମିସ): କନିକା ହାଇସ୍କୁଲର ପୂର୍ବତନ ସମ୍ପାଦକ ରବିନାରାୟଣ ସୂତାରଙ୍କ ଗତକାଲି ରାତିରେ ପରଲୋକ ହୋଇଛି। ସ୍ୱର୍ଗତ ସୂତାର ଜଣେ ଅନୁଷ୍ଠାନପ୍ରେମୀ,



ସରଳ, ନିଷ୍କପଟ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ। ୧୯୮୦ରୁ ୫ ବର୍ଷ ପର୍ଯ୍ୟନ୍ତ ସେ କନିକା ହାଇସ୍କୁଲର ପରିଚାଳନା କମିଟି ସମ୍ପାଦକ ଥିଲେ।ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିବାବେଳେ ବାଞ୍ଛାନିଧି ସୂତାର, ନବକିଶୋର ସୂତାର, ହରମୋହନ ରାୟ, ଶରତ ପଣ୍ଡା, ବସନ୍ତ ପଣ୍ଡା, ବୈରାଗୀ ସାହୁ, ବିଜୟାନନ୍ଦ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ବ୍ଲକ ଓ ପୌରାଞ୍ଚଳରେ କଂଗ୍ରେସ ପକ୍ଷରୁ ରିଲିଫ ବଣ୍ଟନ



ପଟ୍ଟାମୁଣ୍ଡାଇ,୧୪।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ବନ୍ୟା ପ୍ରଭାବିତ ଅଞ୍ଚଳରେ ରାଜ୍ୟ ଛାତ୍ର କଂଗ୍ରେସ ପକ୍ଷରୁ ରିଲିଫ ବଣ୍ଟନ କରାଯାଇଛି। ରାଜ୍ୟ ଛାତ୍ର କଂଗ୍ରେସ କମିଟି ସଭାପତି ବିଭୂତି ମହାପାତ୍ରଙ୍କ ନେତୃତ୍ୱରେ ପୂର୍ବତନ ବିଧାୟିକା ସିପ୍ରା ମଲିକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଦିବ୍ୟରଞ୍ଜନ ରାଉତ, ଜିଲ୍ଲା ସାଙ୍ଗଠନିକ ଉପସଭାପତି ସତ୍ୟପ୍ରିୟ ସାମଲ, ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରକାଶ ମହାନ୍ତି, ଜିଲ୍ଲା ସୋସିଆଲ ମିଡିଆ ଅଧ୍ୟକ୍ଷ ହିମାଂଶୁ ନନ୍ଦ, ଭାଗୀରଥି ଜେନା, ବିଦୁଭୂଷଣ ମହାପାତ୍ର, ହଳଧର ସେଠୀ ପ୍ରମୁଖ ବାଲିପାଟଣା, ଅଳପୁଆ, ତାରଡିପାଳ, ପେଣ୍ଠପାଳ, ସିଂହଗାଁ, ଅଣ୍ଡରା, ଅମୃତମଣୋହି ଶ୍ରୀରାମପୁର ଆଦି ବନ୍ୟା ପ୍ରଭାବିତ ପରିବାରକୁ ପାଲ, ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ।

## ରାଜକନିକା ବ୍ଲକରେ ତ୍ରିରଙ୍ଗା କାର୍ଯ୍ୟକ୍ରମ

ରାଜକନିକା,୧୪।୮ (ସମିସ): ରାଜକନିକା ବ୍ଲକ୍ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରଶାସନିକ ଅଧିକାରୀ, ଆଶାକର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ, ସ୍କୁଲ କଲେଜ ଛାତ୍ରଛାତ୍ରୀ, ଅବସରପ୍ରାପ୍ତ ସୈନିକ ସଙ୍ଘ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ତ୍ରିରଙ୍ଗା ଶୋଭାଯାତ୍ରା ସହ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ନିରବ ପ୍ରାର୍ଥନା, ବ୍ଲକ ପରିସର ସଫେଇ, ରଙ୍ଗୋଲି କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜକନିକା ବିଡିଓ କୈଳାସ ମହାଳିକ, ଏବିଡିଓ ଅଜୟ ବେହେରା, ମିଶନ ଶକ୍ତି, ସରପଞ୍ଚ, ସମିତିସଭ୍ୟ, ବ୍ଲକର ସମସ୍ତ କର୍ମଚାରୀ ଓ ସାଧାରଣ ଲୋକେ ଉପସ୍ଥିତ ଥିଲେ।

## ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ରାଜନଗର,୧୪।୮ (ସମିସ): ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜନଗର ହାଇସ୍କୁଲ ପରିସରରୁ ଶୋଭାଯାତ୍ରା ବାହାରି ରାଜନଗର ଗାଁ ଓ ବଜାର ପରିକ୍ରମା କରି ବ୍ଲକ ପରିସରରେ ପହଞ୍ଚିଥିଲା। ରାଜନଗର ହାଇସ୍କୁଲ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ, ଶୈଳେନ୍ଦ୍ର ନାରାୟଣ ଉଚ୍ଚପ୍ରାଥମିଜ ବିଦ୍ୟାଳୟ ଛାତ୍ରୀଛାତ୍ର, ଅଙ୍ଗନବାଡି, ଆଶା କର୍ମୀ, ସମସ୍ତ ବ୍ଲକ, ତହସିଲ, ମେଡ଼ିକାଲ, ଶିକ୍ଷା ବିଭାଗରକର୍ମଚାରୀ ସାମିଲ ହୋଇଥିଲେ। ବ୍ଲକ ଅଧକ୍ଷା ପ୍ରତିଭା ପାତ୍ର, ବିଡିଓ ଅଶୋକ ମହାନ୍ତି, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ମେଡିକାଲ ଅଫିସର ଡାକ୍ତର ରଶ୍ମିରଞ୍ଜନ ମହାନ୍ତି, ସିଡିପିଓ ଦୀପାଳି ମିଶ୍ର, ଉପାଧ୍ୟକ୍ଷ ଗଣେଶ ଗୁଡ଼ିଆ, ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ ଘନଶ୍ୟାମ ମିଶ୍ର, ଏବିଇଓ ଚିତ୍ତରଞ୍ଜନ ଜେନା, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ବେହେରା ଧନ୍ୟବାଦ ଦେଇଥିଲେ।

## ବ୍ଲକ୍ ପ୍ରଶାସନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ରାଜନଗର,୧୪।୮ (ସମିସ): ରାଜନଗର ପଞ୍ଚାୟତ ସମିତି ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଜରିଆରେ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟ କରାଯାଇଛି। ଆଜି ବ୍ଲକ୍ କର୍ମଚାରୀ ପ୍ରଥମେ ରାଜନଗର ହଂସୁଆ ସେତୁ, ବଜାର ଓ ବ୍ଲକ ପରିସରକୁ ସଫେଇ କରିଥିଲେ। ଏହି ସଫେଇ କାର୍ଯ୍ୟରେ କନିଷ୍ଠ ଯନ୍ତ୍ରୀ ପ୍ରଭାତ ମାଝୀ, ପ୍ରିୟଙ୍କା ସେଠୀ, ଅନ୍ୱେଷ ରାଉତ, ବିଏସଏସଓ ମନୋଜ ବେହେରା, ସିପି ଆଶିଷ ସାହୁ, ଏସିପି ପ୍ରଭାତ ମହାନ୍ତି, ସରୋଜ ରାଉତ, ନକୁଳ ପଢିହାରୀ, ସୁଚିତ୍ରା ରାଉତ ପ୍ରମୁଖ ସାମିଲ ଥିଲେ।

## କଂଗ୍ରେସ ପକ୍ଷରୁ ବନ୍ୟାଞ୍ଚଳରେ ଶୁଖିଲା ଖାଦ୍ୟ ବଣ୍ଟନ



ରାଜନଗର,୧୪।୮ (ସମିସ): ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ବନ୍ୟା ପୀଡ଼ିତଙ୍କ ପାଖରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ପ୍ରଦେଶ କଂଗ୍ରେସ କମିଟି କୋଷାଧ୍ୟକ୍ଷ ସିଦ୍ଧାର୍ଥ ଦାସଙ୍କ ତତ୍ତ୍ୱାବଧାନରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର, ରାଜନଗର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ରାଉତ, ଜିଲ୍ଲା ଛାତ୍ର କଂଗ୍ରେସ ଦିବ୍ୟଲୋଚନ ରାଉତ ପାଣି ଘେରରେ ଥିବା ବିପନ୍ନ ଲୋକଙ୍କ ପାଖରେ ପହଞ୍ଚି ସହାୟତା ପ୍ରଦାନ କରିଥିଲେ। ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦାମୋଦର ବିଶ୍ୱାଳ, ଜୋନ କଂଗ୍ରେସ ସଭାପତି ଚିତ୍ତରଞ୍ଜନ କୁଣ୍ଡ, ରାଜପୁର ପଞ୍ଚାୟତ ସଭାପତି କପିଳାସ ସ୍ୱାଇଁ, ବାଲିସାହିପାଟଣା ପଞ୍ଚାୟତ ସଭାପତି ଅମୂଲ୍ୟ ଜେନା, ଓସ୍ତିଆ ପଞ୍ଚାୟତ କଂଗ୍ରେସ ସଭାପତି କମଳଲୋଚନ ରାଉତ, ଯୁବ କଂଗ୍ରେସ ସଭାପତି ସୁଶୀଲ ପ୍ରଧାନ, ଛାତ୍ର କଂଗ୍ରେସ ସଭାପତି ଅଭିକ୍ ଦାସ ପ୍ରମୁଖ ଉପସ୍ଥିତ ରହି ରିଲିଫ ବଣ୍ଟନ କରିଥିଲେ।

## ପଟ୍ଟାମୁଣ୍ଡାଇ ବ୍ଲକ ପକ୍ଷରୁ ତ୍ରିରଙ୍ଗା ରାଲି

ପଟ୍ଟାମୁଣ୍ଡାଇ,୧୪।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ପକ୍ଷରୁ ତ୍ରିରଙ୍ଗା ରାଲି ଆୟୋଜିତ ହୋଇଛି। ଏହି ରାଲି ବ୍ଲକ କାର୍ଯ୍ୟାଳୟରୁ ବାହାରି ପଟ୍ଟାମୁଣ୍ଡାଇ ବଜାର ସମେତ ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା। ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଶୀତଲ ଅଗ୍ରୱାଲ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଳିକ, ପ୍ରସନ୍ନ ରାଉତ, ସହକାରୀ ଯନ୍ତ୍ରୀ ବିନାୟକ ମିଶ. ବନ୍ଦିତା ବେହୁରା, ଶୁଭସ୍ମିତା ବେହେରା, ପ୍ରକୃତି ମହାପାତ୍ର, ଜ୍ଞାନରଞ୍ଜନ ବେହେରା, ମୋନାଲିସା ପ୍ରଧାନ, ସିଡିପିଓ ଲକ୍ଷ୍ମୀମଣି ସିଂ ପ୍ରମୁଖ ସମେତ ୩୦୦ ଅଂଶଗ୍ରହଣକାରୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିପିଡିଓ ରଂଜିତ ପରିଡା, ପ୍ରଭାତ ମଲ୍ଲିକ, ପ୍ରିୟରଞ୍ଜନ ସ୍ୱାଇଁ ଓ ଦୁଷ୍ମନ୍ତ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଶିକ୍ଷାବିତ ବିଜୟ ମଲ୍ଲିକଙ୍କୁ ଶ୍ରଦ୍ଧାଞ୍ଜଳି



ପଟ୍ଟାମୁଣ୍ଡାଇ,୧୪।୮ (ସମିସ): ବାଲିପାଟଣା ଗ୍ରାମର ଶିକ୍ଷାବିତ ବିଜୟ କୁମାର ମଲ୍ଲିକଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଧ୍ରୁବ ଅନ୍ନପୂର୍ଣ୍ଣା କଳା ପରିଷଦ ସଭାପତି ନଳିନୀକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବାଲିପାଟଣାର ପୂର୍ବତନ ସରପଞ୍ଚ କିଶୋର ଜେନା ଓ ବିଜୟାନନ୍ଦ ପରିଡା, ସମାଜସେବୀ ଅଭୟ ଜେନା, ଅମରେନ୍ଦ୍ର ନାୟକ, ତୁଳସୀ କ୍ଷେତ୍ର କଳାକାର ସଂଘ ସଭାପତି କେଦାର ବାବୁ, ପ୍ରଦୀପ୍ତ ନାୟକ, ସରୋଜ ଲେଙ୍କା, ନାରୀନେତ୍ରୀ ସରିତା ମଲ୍ଲିକ, ଲିସାରାଣୀ ମଲ୍ଲିକ, ଚନ୍ଦନନଗର ହାଇସ୍କୁଲ ପୂର୍ବତନ ପ୍ରଧାନଶିକ୍ଷକ ରଘୁନାଥ ମଲ୍ଲିକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଧ୍ରୁବ ଅନ୍ନପୂର୍ଣ୍ଣା କଳା ପରିଷଦ କଳାକାର ଭଜନ ପରିବେଷଣ କରିଥିଲେ। ଶେଷରେ ମନୋରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ମୃତିରଞ୍ଜନ ମଲ୍ଲିକ, ଜୟଶ୍ରୀ ମଲ୍ଲିକ, ରାଜଶ୍ରୀ ମଲ୍ଲିକ, ସୁକାନ୍ତ ସାହୁ ପରିଚାଳନା କରିଥିଲେ।

### ମାଳିପୁରରେ ଶୌଚାଳୟ ନିର୍ମାଣକୁ ବିରୋଧ

## ବନ୍ଦ ଦାବିରେ ନବମ ଦିନରେ ଅନଶନ

ପଟ୍ଟାମୁଣ୍ଡାଇ,୧୪।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତର ମାଳିପୁର ଗ୍ରାମର ଶନି ମନ୍ଦିର ନିକଟରେ ବ୍ଲକ ପକ୍ଷରୁ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଉଛି। ସରକାରୀ ରାସ୍ତାରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଉଥିବା ଅଭିଯୋଗ କରି ଏହାକୁ ତୁରନ୍ତ ବନ୍ଦ କରିବା ଦାବିରେ ଗତ ୫ ତାରିଖରୁ ମାଳିପୁର ଗ୍ରାମର ପ୍ରଶାନ୍ତ ମହାନ୍ତି, ରମାକାନ୍ତ ଦାଶ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଥିଲେ। ଏହି ଅନଶନ ନବମ ଦିନରେ ପହଞ୍ଚିଛି। ଆଜି ଅନଶନର ନବମ ଦିନରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି ଗୋଷ୍ଠୀ ଶୌଚାଳୟ ନିର୍ମାଣ ସ୍ଥଳ ପରିଦର୍ଶନ କରି ଅନୁଧ୍ୟାନ କରି ଫେରିବା ପରେ ତହସିଲଦାର ଅଫିସରେ ଅନଶନକାରୀଙ୍କ ସହିତ ବିଡିଓ ଶୀତଲ ଅଗ୍ରୱାଲ ଓ ତହସିଲଦାର ପଞ୍ଚାନନ ନାୟକ ଓ ଅତିରିକ୍ତ ତହସିଲଦାର ସାଗରିକା ସେଠୀଙ୍କ ଉପସ୍ଥିତିରେ ଆଲୋଚନା କରି ସରକାରୀ ନିୟମ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଉପରେ ଆଲୋଚନା କରିଥିଲେ ମଧ୍ୟ ଅନଶନକାରୀ ନିଜ ଦାବିରେ ଅଟଳ ରହିବାରୁ କିଛି ସମାଧାନ ବାଟ ଫିଟିପାରି ନ ଥିବା ଜଣାପଡ଼ିଛି।

# ମିଳିତ କ୍ଷୟକ୍ଷତି ଆକଳନ ଦାବି

ଗରଦପୁର,୧୪।୮ (ସମିସ): ଗରଦପୁର ବ୍ଲକରେ ଲଘୁଚାପଜନିତ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତି ଭରଣା ପାଇଁ ପାଟକୁରା ବିଜେପି ନେତା ତେଜେଶ୍ୱର ପରିଡ଼ା ଦାବି କରିଛନ୍ତି। ଆଜି ଗରଦପୁର ତହସିଲଦାର ଅମୀୟ ହୋତାଙ୍କୁ ଭେଟି ମିଳିତ କ୍ଷୟକ୍ଷତି ଆକଳନ ଦାବି କରିଛନ୍ତି। ଲଗାଣ ବର୍ଷାରେ ଗରଦପୁର ବ୍ଲକର ବାସୁଦେଇପୁର, ମାହାଳ, ନଡିଆବରାଇ, କଉଡିଆବରାଇତେନ୍ତୋଳ, ତଳକୁସମା, ପରକଣା ଓ ପଦ୍ମପୁର ସମେତ ଅନେକ ପାଟରେ ଥିବା ହଜାର ହଜାର ହେକ୍ଟର ଜମିରେ ଧାନ ଜମି ଏବେ ବି ବୁଡି ରହିଛି। ରାଜସ୍ୱ, କୃଷି ଓ ଉଦ୍ୟାନ କୃଷି ସମେତ ଜଳସେଚନ ବିଭାଗ ମିଳିତ ଭାବେ କ୍ଷୟକ୍ଷତି ଆକଳନ କରି ସରକାରଙ୍କୁ ଏକ ରିପୋର୍ଟ ପ୍ରଦାନ କରିବାକୁ



ନିବେଦନ କରିଛନ୍ତି। ଏହି ମିଳିତ ଆକଳନ ପାଇଁ ଏଥିପୂର୍ବରୁ ଜିଲ୍ଲାପାଳଙ୍କ ସହିତ ଆଲେଚନା କରିଥିବା ତହସିଲଦାରଙ୍କୁ ଅବଗତ କରାଇଥିଲେ। ତେଜେଶ୍ୱରଙ୍କ ସହିତ ବିଜେପି ଜିଲ୍ଲା ଉପସଭାପତି ବିଜୟ ନାୟକ, ବରିଷ୍ଠ କର୍ମୀ ଚିତ୍ତରଞ୍ଜନ ଚୌଧୁରୀ, ଚିତ୍ତରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସହାୟତା

ପଟ୍ଟାମୁଣ୍ଡାଇ,୧୪।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ପଟିଲୋ ପଞ୍ଚାୟତ ନନ୍ଦନ ଗ୍ରାମର ତପନ ବାରିକ ବୃତ୍ତିରେ ଜଣେ ଡ୍ରାଇଭର। ତାଙ୍କର ପରିବାର କହିଲେ ମାନସିକ ବିକାରଗ୍ରସ୍ତ ବାପା, ବୃଦ୍ଧ ମାଆ, ସ୍ତ୍ରୀ ଓ ୩ ଝିଅ। କିଡ୍‌ନୀ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ତପନଙ୍କ ମୃତ୍ୟୁ ଘଟିଛି। ଏହି ଅସହାୟ ପରିବାରର ଖବର ପାଇ କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଏହି



ପରିବାର ପାଖରେ ପହଞ୍ଚି ତପନଙ୍କ ସ୍ତ୍ରୀ ସଂଗୀତାଙ୍କୁ ଭେଟି ପରିବାର ଚଳିବା, ପିଲାଙ୍କ ପାଠପଢା ଓ ବୃଦ୍ଧ ବାପାମାଙ୍କୁ ସହାୟତା ସହ ସଂଗୀତାଙ୍କୁ ସ୍ୱରୋଜଗାର ଯୋଜନାରେ ସାମିଲ କରାଯିବା ନେଇ ଆଲୋଚନା କରିଥିଲେ। ଟ୍ରଷ୍ଟ ସଭାପତି ଦମନ ମହାନ୍ତି, ପରାମର୍ଶଦାତା ନିମାଇଁ କର, ମୁଖପାତ୍ର ପ୍ରମୋଦ ନାୟକ, ଟ୍ରଷ୍ଟର ଅନୁଗୋଳ ପ୍ରତିନିଧି ପ୍ରଶାନ୍ତ ଦାଶ, ସୁରେନ୍ଦ୍ର ଶତପଥୀ, ବଳରାମ ଦାସ, ଚିତ୍ତରଞ୍ଜନ ବସନ୍ତରାୟ ପ୍ରମୁଖ ୨ମାସର ରାସନ ସହ ପିଲାଙ୍କ ପାଠପଢା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ସିପିଆଇର ଜନସମ୍ପର୍କ ପଦଯାତ୍ରା

ମାର୍ଶାଘାଇ, ୧୪।୮ (ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିଳିପୁର ଛକରୁ ପଦଯାତ୍ରା ବାହାରି ମାର୍ଶାଘାଇ ବଜାର, ଜୁଣଛକ ଦେଇ ମାର୍ଶାଘାଇ ତହସିଲ କାର୍ଯ୍ୟାଳୟ ନିକଟରେ ଶେଷ ହୋଇଥିଲା। ତହସିଲ କାର୍ଯ୍ୟାଳୟ ଫାଟକ ନିକଟରେ ସଭା କରାଯାଇ ପରିବର୍ତ୍ତନ ପାଇଁ ଏକାଠି ହେବାକୁ ବିଭିନ୍ନ ସ୍ଲୋଗାନ ଦେଇ ସେପ୍ଟେମ୍ବର ୧ ତାରିଖରେ ଦିଲ୍ଲୀର ରାମଲୀଳା ମଇଦାନରେ ପରିବର୍ତ୍ତନ ଜରୁରୀ ମହାସମାବେଶରେ ବହୁ ସଂଖ୍ୟାରେ ଯୋଗଦେବାକୁ "ଦିଲ୍ଲୀ ଚାଲ' ପାଇଁ ଆହ୍ୱାନ ଦିଆଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ସମ୍ପାଦକ ବିକାଶ ବେଉରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଆଇନଜୀବୀ




ରମଣୀ ରଞ୍ଜନ ରାଉତରାୟ, ଜିଲ୍ଲା ସମ୍ପାଦକ ସୀତାକାନ୍ତ ନାୟକ, ସହସମ୍ପାଦକ ଆଦିକନ୍ଦ ରାଉଳ, ସମାଜସେବୀ ସରୋଜ ନାୟକ, ଜୋନ ସମ୍ପାଦକ ସଂଯୁକ୍ତା ରାଉତ ପ୍ରମୁଖ ଯୋଗ ଦେଇଥିଲେ।

### ଅଣ୍ଡରା ଫାର୍ମାସିଷ୍ଟଙ୍କ ଡେପୁଟେସନ ବାତିଲ ଦାବି

# ସିଡିଏମ୍‌ଓଙ୍କୁ ଭେଟିଲେ ଧୋୟାଞ୍ଚଳବାସୀ

ପଟ୍ଟାମୁଣ୍ଡାଇ,୧୪।୮ (ସମିସ)

ପଟ୍ଟାମୁଣ୍ଡାଇ ବ୍ଲକ୍ ଧୋୟାଞ୍ଚଳର ସର୍ବପୁରାତନ ଅଣ୍ଡରା ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ସେବା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଆସୁଥିବାବେଳେ ଏଠାରେ କାର୍ଯ୍ୟରତ ଫାର୍ମାସିଷ୍ଟ ବିକ୍ରମାଦିତ୍ୟ ଦାଶଙ୍କୁ ପଟ୍ଟାମୁଣ୍ଡାଇ ସବଡିଭିଜନାଲ ହସ୍ପିଟାଲକୁ ଡେପୁଟେସନରେ ପଠାଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଫାର୍ମାସିଷ୍ଟ ଶ୍ରୀ ଦାଶ ଅଣ୍ଡରା ମେଡିକାଲରେ କାର୍ଯ୍ୟ କରିବାବେଳେ ଅଣ୍ଡରା ସମେତ ଅମୃତମଣୋହି, ବଲୁରିଆ, ପେଣ୍ଠପାଳ ଓ ସିଂହଗାଁ ଆଦି ପଞ୍ଚାୟତର ସାଧାରଣ ଗରିବ ଲୋକଙ୍କୁ ରାତି ଅଧରେ ଚିକିତ୍ସା ସେବା ଯୋଗାଇ ଆସୁଥିଲେ। ଉକ୍ତ ଫାର୍ମାସିଷ୍ଟଙ୍କୁ ଡେପୁଟେସନରେ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲକୁ ବଦଳି ହୋଇଥିବା ଜଣାପଡିବା ପରେ ଅଣ୍ଡରା, ସିଂହଗାଁ, ପେଣ୍ଠପାଳ, ଅମୃତମଣୋହି, ବଲୁରିଆ ଆଦି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟାଙ୍କ ସହିତ ଶତାଧିକ ଜନସାଧାରଣ ପଟ୍ଟାମୁଣ୍ଡାଇ ମେଡିକାଲ ଅଫିସରଙ୍କ ନିକଟରେ ଫର୍ମାସିଷ୍ଟଙ୍କ ଡେପୁଟେସନ ଆଦେଶ ବାତିଲ ଦାବି ପାଇଁ ଲିଖିତ ଭାବେ ଜଣାଇଥିଲେ। ଅନ୍ୟପକ୍ଷରେ ଫାର୍ମାସିଷ୍ଟଙ୍କ ଅନୁପସ୍ଥିତିରେ ଅଣ୍ଡରା ସ୍ୱାସ୍ଥ୍ୟକେନ୍ଦ୍ର ଦିନ ୧୨ଟା ପରେ



ବନ୍ଦ ରହୁଥିବାରୁ ରୋଗୀ ସେବା ବ୍ୟାହତ ହୋଇଛି। ତେବେ ଅଣ୍ଡରା ଫାର୍ମାସିଷ୍ଟ ବିକ୍ରମାଦିତ୍ୟ ଦାଶଙ୍କ ଡେପୁଟେସନ ଆଦେଶ ବାତିଲ ପାଇଁ ଅଞ୍ଚଳବାସୀ ଦାବି କରିବାର ୨ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ଓ ରୋଗୀ ସେବାରୁ ବଞ୍ଚିତ ଧୋୟାଞ୍ଚଳବାସୀ ବାଧ୍ୟ ହୋଇ ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ, ତରଡ଼ିପାଳ ସମିତିସଭ୍ୟ ନିରଞ୍ଜନ ବାରିକ, ପେଣ୍ଠପାଳ ସମିତି ସଭ୍ୟ ଶଶାଙ୍କ ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ କୁଳମଣି ମଲିକ, ନିରଞ୍ଜନ ସୁନ୍ଦରାୟ, ସନ୍ତୋଷ ତରାଇ, ଗୋପୀନାଥ ଧଳ, ମାନସ ସାମଲ, ରବୀନ୍ଦ୍ର ଧଳ ପ୍ରମୁଖ ସହ ଆଜି ଶୁକ୍ରବାର ଦିନ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ)ଙ୍କୁ ଭେଟି ଅଣ୍ଡରା ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ରୋଗୀ ସେବା ଯୋଗାଇ ଦେବାକୁ ଫାର୍ମାସିଷ୍ଟ ବିକ୍ରମାଦିତ୍ୟ ଦାଶଙ୍କ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲକୁ ହୋଇଥିବା ଡେପୁଟେସନ ଆଦେଶ ବାତିଲ କରି ପୁନଃରାୟ ଅଣ୍ଡରା ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦେବାକୁ ଦାବି କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।


**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

- ୧୮୭୨- ମହାନ୍ ଦାର୍ଶନିକ ଶ୍ରୀ ଅରବିନ୍ଦଙ୍କ ଜନ୍ମ।
- ୧୯୪୨- ଭାରତର ମହାନ୍ କ୍ରାନ୍ତିକାରୀ ମହାଦେବ ଦେଶାଇଙ୍କ ପରଲୋକ।
- ୧୯୪୭- ବ୍ରିଟିଶ୍ ଶାସନରୁ ଭାରତ ସ୍ୱାଧୀନ ହେଲା।
- ୧୯୭୨- ଭାରତୀୟ ଡାକ ବିଭାଗ ପକ୍ଷରୁ ପିନ୍‌କୋଡ୍ ଲାଗୁ କରାଗଲା।
- ୧୯୭୯- ଫରିଦାବାଦ ହରିଆନାର ୧୨ତମ ଜିଲ୍ଲା ହେଲା।
- ୨୦୦୭- ପେରୁରେ ଆସିଥିବା ଶକ୍ତିଶାଳୀ ଭୂମିକମ୍ପ ଯୋଗୁ ୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି।



# ୧୨ ବର୍ଷ ପରେ ପୁଣି ଏକାଠି ଅକ୍ଷୟ-ବିପୁଲ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବେ ପୁଣି ଥରେ ତାଙ୍କର ଏକ ଫିଲ୍ମକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ଅକ୍ଷୟ ତାଙ୍କର ଆଗାମୀ ଫିଲ୍ମ 'ସମ୍ମୁକ' ପାଇଁ ଏବେ ଚର୍ଚ୍ଚାରେ। ଏଲିଅନ୍ ପୃଷ୍ଠଭୂମିରେ ନିର୍ମିତ ଏହି ଫିଲ୍ମର ସୁଟିଂ ଅଗଷ୍ଟ ୨୩ରୁ ଲଣ୍ଡନରେ ଆରମ୍ଭ ହେବାକୁ ଯାଉଛି। ପ୍ରଯୋଜକ ବିପୁଲ ଅମୃତଲାଲ ଶାହା ଏବଂ ଅକ୍ଷୟ କୁମାର ଏହି ଫିଲ୍ମ ମାଧ୍ୟମରେ ପ୍ରାୟ ୧୨ ବର୍ଷ ପରେ ପୁଣି ଏକାଠି କାମ କରୁଛନ୍ତି। ବିପୁଲ ପୂର୍ବରୁ ମଧ୍ୟ ଅକ୍ଷୟଙ୍କ ସହ 'ଆଖେଁ' 'ନମସ୍ତେ ଲଣ୍ଡନ', 'ସିଂ ଇଜ୍ କିଙ୍ଗ୍' ଏବଂ 'ଆକ୍ସନ୍ ରିପ୍ଲେ' ଫିଲ୍ମରେ କାମ କରିଛନ୍ତି। ଏହି ନୂଆ ଫିଲ୍ମରେ ଅକ୍ଷୟ ଏଭଳି ଏକ ଚରିତ୍ରରେ ନଜର ଆସିବେ, ଯାହା ଭାରତୀୟ ସିନେମାରେ ଖୁବ୍ କମ୍ ଦେଖିବାକୁ ମିଳିଥାଏ। ଫିଲ୍ମର କାହାଣୀ ଜଣେ ସାଧାରଣ ମଣିଷକୁ ନେଇ ଗତିଶୀଳ ହେବ । ସେ ହଠାତ୍ ଏଭଳି ଏକ ପରିସ୍ଥିତିରେ ଫସିଯାଉଛନ୍ତି, ଯେଉଁଠି ତାଙ୍କର ସାମ୍ନା ଏକ ଅଜଣା ଗ୍ରହର ଜୀବ ସହିତ ହେଉଛି। ଏହି ଫିଲ୍ମରେ ଏଲିଅନ୍‌କୁ ଅତ୍ୟନ୍ତ ହିଂସ୍ର ଓ ମାରାତ୍ମକ ଜୀବ ଭାବେ ଦେଖାଯିବ। ସେହି ଅଦୃଶ୍ୟ ବିପଦ କବଳରୁ ନିଜକୁ ଏବଂ ନିଜର ଆପଣାର ଲୋକଙ୍କୁ ବଞ୍ଚାଇବା ପାଇଁ ଅକ୍ଷୟ କିଭଳି ସଂଘର୍ଷ କରୁଛନ୍ତି, ତାହା ହିଁ ଏହାର ମୂଳ କାହାଣୀ। ଫିଲ୍ମର ସୁଟିଂର ପ୍ରାୟ ୯୦ ପ୍ରତିଶତ ଭାଗ ଲଣ୍ଡନରେ ହେବ। ବାକି ଅଂଶର ସୁଟିଂ ମୁମ୍ବାଇରେ କରାଯିବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି କନିଷ୍କ ବର୍ମା। ଏହି ପ୍ରୋଜେକ୍ଟରେ ଆନ୍ତର୍ଜାତୀୟ ବୈଷୟିକ ବିଶେଷଜ୍ଞଙ୍କ ଏକ ଟିମ୍‌କୁ ମଧ୍ୟ ସାମିଲ କରାଯାଇଛି। ଏଲିଅନ୍ ଚରିତ୍ରର ଡିଜାଇନ୍ ପାଇଁ ଓସ୍କାର ନୋମିନେଟେଡ୍ ଏଲେକ୍ ଗିଲିସ୍ ଏବଂ ଆକ୍ସନ୍ ପାଇଁ ହଲିଉଡ୍‌ର ଷ୍ଟଣ୍ଟ କୋଅର୍ଡିନେଟର ଲ୍ୟୁକ୍ ଟମ୍ବରଙ୍କୁ ସାମିଲ କରାଯାଇଛି। ଏହି ଫିଲ୍ମ କେବଳ ଅକ୍ଷୟଙ୍କ ପାଇଁ ଏକ ନୂଆ ଚ୍ୟାଲେଞ୍ଜ୍ ନୁହେଁ, ବରଂ ଦର୍ଶକଙ୍କୁ ମଧ୍ୟ ଏକ ନୂଆ ଅନୁଭୂତି ପ୍ରଦାନ କରିବ। ଅକ୍ଷୟଙ୍କ କାମ କଥା କହିବାକୁ ଗଲେ ସେ ଆର୍. ଡି. ବର୍ମନଙ୍କ ବାୟୋପିକ୍ ଫିଲ୍ମ ଏବଂ 'ଗୋଲମାଲ ୫'ରେ ନଜର ଆସିବେ। ଏହା ବ୍ୟତୀତ, ତାଙ୍କ ଫିଲ୍ମ 'ହୈୱାନ୍' ସେପ୍ଟେମ୍ବର ୧୧ରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବାକୁ ଯାଉଛି, ଯେଉଁଥିରେ ସେ ଏକ ନକାରାତ୍ମକ ଚରିତ୍ରରେ ନଜର ଆସିବେ।




# ଅବସାଦ ପାଇଁ ୨୫୮ କୋଟି ଟଙ୍କାର ସପିଂ

ମାନସିକ ଚାପ ବା ଅବସାଦକୁ ଦୂରେଇ ଦେବା ପାଇଁ କିଏ ଯୋଗ, ପ୍ରାଣାୟମ ଆଦି କରେ ତ ପୁଣି କିଏ ପୁଣି ପ୍ରକୃତିର କୋଳରେ ବା ଗଛଲତାଙ୍କ ସହ ରହି ମନକୁ ଶାନ୍ତ ରଖିବାକୁ ଚେଷ୍ଟା କରେ। ହେଲେ ଜାପାନର ଜଣେ ମହିଳା ଅବସାଦ କମ୍ କରିବା ପାଇଁ ୨୫୮ କୋଟି ଟଙ୍କାର ଅନଲାଇନ୍ ଅର୍ଡର କରି ସଭିଙ୍କୁ ଚକିତ କରିଛନ୍ତି। ମାୟୁ ଯୋଶିଦା ନାମ୍ନୀ ଏହି ୩୨ ବର୍ଷୀୟା ମହିଳା ଜଣକ ଏକ ରେଷ୍ଟୋରାଁରେ କାର୍ଯ୍ୟ କରନ୍ତି। ସେ ଅନ୍‌ଲାଇନ୍‌ରେ ଜିନିଷ ଅର୍ଡର କରିବା ସତ୍ତ୍ୱେ ଏହାକୁ କେବେ ଗ୍ରହଣ କରୁ ନ ଥିଲେ। ମାୟୁ ଏଥିପାଇଁ ଜାପାନର ପ୍ରସିଦ୍ଧ ପବ୍ଲିସିଂ ହାଉସ୍ 'ଶୁଏସା'ର ଅନ୍‌ଲାଇନ୍ ଷ୍ଟୋର୍ 'ଜମ୍ପ କ୍ୟାରେକ୍ଟର୍ସ ଷ୍ଟୋର୍‌କୁ ଟାର୍ଗେଟ୍ କରିଥିଲେ। ସେ ସେଠାରୁ ବହୁ ପରିମାଣର ଖେଳନା, ଚିତ୍ର ଏବଂ ପ୍ରସିଦ୍ଧ ଆନିମେ ସିରିଜ୍‌ର ସାମଗ୍ରୀ ଅର୍ଡର କରୁଥିଲେ। ସେ ପ୍ରାୟ ଦୁଇ ବର୍ଷ ମଧ୍ୟରେ ୨,୦୦୦ ରୁ ଅଧିକ ଥର ଅର୍ଡର କରିଥିଲେ। ଏହି ସବୁ ଅର୍ଡରର ମୋଟ ମୂଲ୍ୟ ପ୍ରାୟ ୨୫୮ କୋଟି ଟଙ୍କା ଥିଲା। କମ୍ପାନି ଯେମିତି ତାଙ୍କୁ ଚିହ୍ନି ନ ପାରିବ, ସେଥିପାଇଁ ସେ ୨୩୮ ଟି ନକଲି ଆକାଉଣ୍ଟ ଏବଂ ନକଲି ନାଁ ବ୍ୟବହାର କରିଥିଲେ। ସେ ସାମଗ୍ରୀ ଅର୍ଡର କରିବାବେଳେ କ୍ୟାଶ ଅନ୍ ଡେଲିଭରି ବିକଳ୍ପ ବାଛୁଥିଲେ। ଯେତେବେଳେ ଡେଲିଭରି ବୟ ସାମଗ୍ରୀ ନେଇ ତାଙ୍କ ଘରକୁ ଆସୁଥିଲା, ସେ ପାର୍ସଲ ଗ୍ରହଣ କରିବାକୁ ଏବଂ ଟଙ୍କା ଦେବାକୁ ସିଧା ମନା କରିଦେଉଥିଲେ। କିଛି ଅର୍ଡରରେ ସେ ଦୋକାନରେ ଯାଇ ପଇସା ଦେବାର ବିକଳ୍ପ ବାଛୁଥିଲେ, କିନ୍ତୁ ସମୟ ସୀମା ମଧ୍ୟରେ ଟଙ୍କା ଜମା କରୁନଥିଲେ, ଯାହାଫଳରେ ଅର୍ଡରଗୁଡ଼ିକ ଆପେ ଆପେ ରଦ୍ଦ ହୋଇଯାଉଥିଲା। ଏହାପରେ କମ୍ପାନି ପକ୍ଷରୁ ମହିଳାଙ୍କ ନାଁରେ ଥାନାରେ ଏତଲା ଦିଆଯାଇଥିଲା। ଯଦିଓ ମହିଳା ଜଣକ କୌଣସି ଜିନିଷ ଚୋରି କରିନାହାନ୍ତି, ତଥାପି ଏତେ ବଡ଼ ପରିମାଣର ପାର୍ସଲ ପଠାଇବା ଏବଂ ସେଗୁଡ଼ିକ ଫେରିବା ଯୋଗୁଁ କମ୍ପାନିର ପ୍ୟାକେଜିଂ ଏବଂ ଡେଲିଭରି ବାବଦରେ କମ୍ପାନିର ପ୍ରାୟ ୪୦ ଲକ୍ଷରୁ ଅଧିକ ଟଙ୍କା ନଷ୍ଟ ହୋଇଛି। ଅପରପକ୍ଷରେ ପୋଲିସ ଜେରା ବେଳେ ମହିଳା ଜଣକ କହିଛନ୍ତି ଯେ, ଦୈନନ୍ଦିନ ଜୀବନର ମାନସିକ ଚାପ ଓ ଅବସାଦରୁ ମୁକ୍ତି ପାଇବା ପାଇଁ ସେ ଏପରି କରୁଥିଲେ। କେବଳ ଅନ୍‌ଲାଇନ୍ କାର୍ଟରେ ଜିନିଷ ରଖି ଅର୍ଡର ହେବାର ଦେଖିଲେ ତାଙ୍କ ମନକୁ ଶାନ୍ତି ଓ ସନ୍ତୋଷ ମିଳୁଥିଲା ବୋଲି ମାୟୁ କହିଛନ୍ତି।

ଉତ୍ତରାଖଣ୍ଡର ହଲଦ୍ୱାନୀ ବାସିନ୍ଦା ରେଣୁ ଧରିୟାଲଙ୍କ କେଶର ଲମ୍ବ ୮ ଫୁଟ ୧୦ ଇଞ୍ଚ। ଏବେ ସେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସବୁଠାରୁ ଲମ୍ବା କେଶ ଥିବା ଜୀବିତ ମହିଳା ଭାବେ ସ୍ଥାନ ପାଇଛନ୍ତି। ସେ ୟୁକ୍ରେନର ଆଲିଆ ନାସିରୋଭାଙ୍କ ପୂର୍ବ ରେକର୍ଡକୁ ଭାଙ୍ଗି ଏହି ସଫଳତା ହାସଲ କରିଛନ୍ତି। ଆଲିଆଙ୍କ କେଶର ଲମ୍ବ ୮ ଫୁଟ ୫ ଇଞ୍ଚ ଥିଲା। ଭାରତୀୟ ସଂସ୍କୃତି ଓ ପରମ୍ପରାରୁ ପ୍ରେରିତ ହୋଇ ରେଣୁ ୨୦୧୫ ମସିହା ପରଠାରୁ କେବେବି ନିଜ କେଶ କାଟିନାହାନ୍ତି । ସେ ଚାଲିବା ସମୟରେ ତାଙ୍କ କେଶ ମାଟିକୁ ଛୁଇଁଥାଏ ଏବଂ ଏହାକୁ ସମ୍ଭାଳିବା ପାଇଁ ସେ ବଡ଼ ବେଣୀ କରନ୍ତି। ରେଣୁ ତାଙ୍କ କେଶର ଯତ୍ନ ନେବା ପାଇଁ କୌଣସି ଦାମୀ ପାର୍ଲର ଟ୍ରିଟମେଣ୍ଟ ବା କେମିକାଲ୍ ଯୁକ୍ତ ପ୍ରଡକ୍ଟ ବ୍ୟବହାର କରନ୍ତି ନାହିଁ । ସେ ସମ୍ପୂର୍ଣ୍ଣ ରୂପେ ପାରମ୍ପରିକ ଏବଂ ପ୍ରାକୃତିକ ଉପାୟ ଆପଣାନ୍ତି । ସେ କେବଳ ନିଜ ହାତରେ ପ୍ରସ୍ତୁତ କରିଥିବା କେମିକାଲ୍-ମୁକ୍ତ ଘରୋଇ ହେୟାର୍ ଅଏଲ୍ ଏବଂ ସାମ୍ପୁ ବ୍ୟବହାର କରନ୍ତି । ଏତେ ଲମ୍ବା କେଶକୁ ଧୋଇବା, ଶୁଖାଇବା ଏବଂ ଜଟ ଛଡ଼ାଇବା ପାଇଁ ତାଙ୍କୁ ପ୍ରତିଥର ଘଣ୍ଟା ଘଣ୍ଟା ସମୟ ଲାଗିଥାଏ । ରେଣୁ ଜଣେ ୟୁଟ୍ୟୁବର୍ ଏବଂ କଣ୍ଟେଣ୍ଟ କ୍ରିଏଟର୍ ମଧ୍ୟ । ସେ ନିଜ ସୋସିଆଲ୍ ମିଡିଆ ଓ ୟୁଟ୍ୟୁବ୍ ଚ୍ୟାନେଲ୍ ମାଧ୍ୟମରେ ଘରୋଇ ଉପାୟରେ ସାମ୍ପୁ ଓ ତେଲ ତିଆରି କରିବାର କୌଶଳ ଶିଖାଇଥାନ୍ତି।







## ସପନ କରିବି ସତ



ନଗେନ୍ଦ୍ରନାଥ ପଟ୍ଟନାୟକ

ଦିଅ ମା' ମତେ ତିରଙ୍ଗା ପତାକା
 ଉଡ଼େଇବି ଫର୍ ଫର୍
ଭାରତାମାତାର ଗରିମା ଗରବ
 ବଢ଼ାଇବି ନିରନ୍ତର ॥
ବାଛି ସତପଥ, ବରଜି କୁପଥ
 ରଖିବି ଦେଶର ଟେକ
ଶ୍ରମ-ସାହସରେ କାମ କରୁଥିବି
 ସାଜି କୁନି ସଇନିକ ॥
ପଢ଼ାଲେଖା ଶିଖି ବୀରଯୋଦ୍ଧା ବନି
 ସପନ କରିବି ସତ
ମା' ତୋର ଏଇ ଧରଣୀ କୋଳରେ
 ସଚା, ଲଢ଼ୁଆ ସୁତ ॥
ଅନନ୍ତ ସୁନୀଳ ଆକାଶ ଛାତିରେ
 ଉଡ଼ିବ ତିରଙ୍ଗା ଯେବେ
ଭାରତବାସୀଙ୍କ ମନରେ ଜାଗିବ
 ଦେଶଭକ୍ତି ଭାବ ସେବେ ॥
ଫିରଙ୍ଗୀ କବଳୁ ଦେଶ ସିନା ମୁକ୍ତ
 ହାତରେ ଶାସନ ଡୋରି
ଆଗେଇ ନେବିଟି ଡିଜିଟାଲ ଭାରତ
 ସଠିକ୍ ମାର୍ଗକୁ ଧରି ॥
ଦେଶହିତ କାମେ ଲଗାଇବି ମୁଇଁ
 ଇଣ୍ଟରନେଟକୁ ବାଗେ
ଦେବିନିଟି କେବେ ଖରାପ ଖବର
 ପ୍ରସାର ହେବାକୁ ଆଗେ ॥

ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ଼
ଭୁବନେଶ୍ୱର

## ସ୍ମୃତିର ଦିନ



ପ୍ରଶାନ୍ତ କୁମାର ସାହୁ

ଅଗଷ୍ଟ ମାସର ପନ୍ଦର ତାରିଖ
ସ୍ମୃତି ଦିନ ଭାରତର,
କେତେ କଷ୍ଟ ସହି ଫିରିଙ୍ଗି କବଳୁ
ପାଇଲା ମୁକତି ତା'ର।
ବାଜା ତାଳେ ତାଳେ ନାଚ ଗୀତ ସୁରେ
ପାଳିଲା ସ୍ମୃତିର ଦିନ,
ପଲ୍ଲୀ ଠାରୁ ଦିଲ୍ଲୀ ଦିଲ୍ଲୀ ଠାରୁ ପଲ୍ଲୀ
ଖୁସିରେ ମଜ୍ଜିଲେ ଜନ।
ବିଦ୍ୟାଳୟ ଠାରୁ ପାର୍ଲାମେଣ୍ଟ ଯାଏ
ଉଡ଼ିଲା ତ୍ରିରଙ୍ଗା ନେତ,
କାଶ୍ମୀର ଠାରୁ ସେ କୁମାରୀକା ଯାଏ
ଦେଲା ବିଜୟ ସଙ୍କେତ।
ଜାତି ଧର୍ମ ଭୁଲି ତ୍ରିରଙ୍ଗାର ତଳେ
ହେଲେ ସର୍ବେ କୋଳାକୋଳି,
ଜାତିର ଉନ୍ନତି ଦେଶ ଅଗ୍ରଗତି
ଏଇ କଥା ମନେ ଭାଳି।
କରିଲେ ଶପଥ ଦେଶର ମହତ
ରଖିବେ ଜୀବନ ଦେଇ,
ପରସ୍ପର ମଧ୍ୟେ ମିଷ୍ଟାନ୍ନ ଭୋଜନେ
ଦିନଟି ଦେଲେ ବିତାଇ।

ଇନ୍ଦିପୁର, ଚନ୍ଦନମଣ୍ଡପ ସାହି,
ଢେଙ୍କାନାଳ


## ସେଇ ମୋ ଭାରତ ଭୂଇଁ



ସୁହଂସ ଭୋଇ

ବଙ୍ଗୋପସାଗର ଛୁଇଁଛି ପୟର
ପୁଣ୍ୟ ଗଙ୍ଗା ବହେ ଯହିଁ
ଶୋଭା ପାଏ ଯା'ର ଶିରେ ଗିରିବର
ସେଇ ମୋ ଭାରତ ଭୂଇଁ
ତରୁଲତା ଭରା ସବୁଜ ବନାନୀ
ମଧୁର ଝରଣା ପାଣି
ମୃଦୁ ମୃଦୁ ତା'ର ଶୀତଳ ପବନ
ସୁଆଦିଆ ଲାଗେ ପୁଣି
ଜନମିଲେ କେତେ ଏଇ ମୋର ଦେଶେ
ସାଧୁ ସନ୍ଥ ଯୋଗୀ ମୁନି
ବିଚାର ଆଚର ରହିଛି ଅମର
ତାଙ୍କର ମହତ ବାଣୀ
ଗାନ୍ଧୀ ଗୋପବନ୍ଧୁ ଜନମ ଯେଉଁଠି
ସେ'ତ ଏ ପବିତ୍ର ମାଟି
ସାହସୀ ସୁଭାଷ ବୀର ସୁରେନ୍ଦର୍
ଯଶ ରଖିଗଲେ ଏଠି
କଥା କହେ ତାର କଳା କାରିଗରୀ
କୋଣାରକ ଯା'ର ସାକ୍ଷୀ
ତାଜମହଲର ଚାରୁ ଚିତ୍ରପଟ
ଦେଖି ଆଖି ଯାଏ ଲାଖି
ଜାତି ଧର୍ମ ଭୁଲି ଏକାଠି ରଖିଛି
ଭେଦଭାବ ଜମା ନାହିଁ
ଏ ପୁଣ୍ୟ ମାଟିରେ ଜନମ ଲଭିଛି
ବଡ଼ ଭାଗ୍ୟବାନ ମୁହିଁ

ପହଣ୍ଡି, ବିଜେପୁର, ବରଗଡ଼



## ସୁମନ



# ତ୍ରିରଙ୍ଗା ମୋ ଗର୍ବ



ସୁବ୍ରତ କୁମାର ଦାସ

ସକାଳୁ ସକାଳୁ ମିଟୁର ଆଖି ଖୋଲିଗଲା। ଝରକା ପାଖକୁ ଯାଇ ଦେଖିଲା, ଆକାଶଟା ନୀଳ ନୀଳ ଦିଶୁଛି। ଗାଁ ଦାଣ୍ଡରେ କିଛି ପିଲା ହାତରେ ଛୋଟ ଛୋଟ ତ୍ରିରଙ୍ଗା ଧରି ଦୌଡ଼ୁଛନ୍ତି। ମାଆ, ମାଆ! ଆଜି କ'ଣ ହେବ? ମିଟୁ ଉତ୍ସାହରେ ପଚାରିଲା। ମାଆ ହସି କହିଲେ, ଆଉ ଦୁଇଦିନ ପରେ ସ୍ୱାଧୀନତା ଦିବସ। ତୋ ସ୍କୁଲରେ ମଧ୍ୟ କାର୍ଯ୍ୟକ୍ରମ ହେବ ନା! ମିଟୁ ଖୁସିରେ ଡେଇଁ ପଡ଼ିଲା। ତା'ର ମନରେ ଗୋଟିଏ ପ୍ରଶ୍ନ ଘୁରି ବୁଲୁଥିଲା- ତ୍ରିରଙ୍ଗାକୁ ସମସ୍ତେ ଏତେ ଭଲ କାହିଁକି ପାଆନ୍ତି? ସନ୍ଧ୍ୟାରେ ମିଟୁ ଜେଜେବାପାଙ୍କ ପାଖରେ ବସିଲା। ଜେଜେବାପା ବାରଣ୍ଡାରେ ବସି ଖବରକାଗଜ ପଢ଼ୁଥିଲେ। ମିଟୁ ପଚାରିଲା, ଜେଜେବାପା, ଆମ ଜାତୀୟ ପତାକାକୁ ତ୍ରିରଙ୍ଗା କାହିଁକି କୁହାଯାଏ? ଜେଜେବାପା ଖବରକାଗଜଟିକୁ ତଳେ ରଖି ହସିଲେ। କାରଣ ଏଥିରେ ତିନୋଟି ରଙ୍ଗ ଅଛି - ନାରଙ୍ଗୀ, ଧଳା ଓ ସବୁଜ। ଆଉ ମଝିରେ ଅଛି ନୀଳ ରଙ୍ଗର ଅଶୋକ ଚକ୍ର। ମିଟୁ ଆଶ୍ଚର୍ଯ୍ୟରେ ପଚାରିଲା, ଏହି ରଙ୍ଗଗୁଡ଼ିକ କ'ଣ କହନ୍ତି? ଜେଜେବାପା କହିଲେ, ନାରଙ୍ଗୀ ରଙ୍ଗ ଆମକୁ ସାହସ ଓ ତ୍ୟାଗର କଥା ମନେ ପକାଏ। ଧଳା ଆମକୁ ଶାନ୍ତି ଓ ସତ୍ୟର ବାଟ ଦେଖାଏ। ସବୁଜ ଆମକୁ ପ୍ରକୃତି, ଉନ୍ନତି ଓ ସମୃଦ୍ଧିର ସ୍ୱପ୍ନ ଦେଖାଏ। ଆଉ ଅଶୋକ ଚକ୍ର କହେ- ଜୀବନର ଚକ ଯେମିତି ସବୁବେଳେ ଘୂରେ, ଆମେ ମଧ୍ୟ ସବୁବେଳେ ଆଗକୁ ବଢ଼ିବା। ମିଟୁ ଚୁପ୍‌ଚାପ୍ ତ୍ରିରଙ୍ଗାକୁ ଚାହିଁ ରହିଲା । ପୁଣି ପଚାରିଲା, ଜେଜେବାପା, ତ୍ରିରଙ୍ଗା ତଳେ ଆମେ କ'ଣ ଶପଥ ନେବା? ଜେଜେବାପା ତା'ର ମୁଣ୍ଡରେ ହାତ ରଖି କହିଲେ, ଭଲ ପାଠ ପଢ଼ିବା, ସତ କହିବା, ଅନ୍ୟକୁ ସାହାଯ୍ୟ କରିବା, ଦେଶକୁ ସଫା ରଖିବା, ଗଛ ଲଗାଇବା ଓ ସମସ୍ତଙ୍କୁ ଭଲ ପାଇବା। ତୁମେ ଯେତେବେଳେ ଭଲ ମଣିଷ ହେବ, ସେତେବେଳେ ହିଁ ତ୍ରିରଙ୍ଗାର ସମ୍ମାନ ହେବ। ମିଟୁର ଆଖି ଚମକି ଉଠିଲା। ଅଗଷ୍ଟ ପନ୍ଦର ସକାଳ ହେଲା। ମିଟୁ ନୂଆ ପୋଷାକ ପିନ୍ଧି ସ୍କୁଲକୁ ଗଲା। ସ୍କୁଲ ପରିସର ରଙ୍ଗବେରଙ୍ଗ ବେଲୁନ୍ ଓ ଫୁଲରେ ସଜାଯାଇଥିଲା। ପତାକା ଉତ୍ତୋଳନର ସମୟ ହେଲା। ପ୍ରଧାନଶିକ୍ଷକ ଦଉଡ଼ି ଟାଣିଲେ । ଆକାଶ ତଳେ ତ୍ରିରଙ୍ଗା ଫରଫର ହୋଇ ଉଡ଼ିଲା। ସମସ୍ତ ପିଲା ଏକାଠି ହୋଇ ଜାତୀୟ ସଙ୍ଗୀତ ଗାନ କଲେ। ମିଟୁର ଛାତିଟା ଗର୍ବରେ ଫୁଲି ଉଠିଲା। କିଛି ସମୟ ପରେ ଶିକ୍ଷକ ପଚାରିଲେ, ପିଲାମାନେ, କୁହ ତ ! ଆମ ତ୍ରିରଙ୍ଗା ଆମକୁ କ'ଣ ଶିଖାଏ ? ସମସ୍ତେ ଚୁପ୍ ହୋଇଗଲେ। ହେଲେ ମିଟୁ ଧୀରେ ଧୀରେ ହାତ ଉଠାଇଲା। ସାର୍, ମୁଁ କହିବି? ଶିକ୍ଷକ କହିଲେ, ହଁ ମିଟୁ, କୁହ। ମିଟୁ କହିଲା, ସାର୍! ତ୍ରିରଙ୍ଗା ଆମକୁ ସାହସୀ ହେବାକୁ, ଶାନ୍ତିରେ ରହିବାକୁ ଓ ଦେଶକୁ ଆଗକୁ ନେବାକୁ ଶିଖାଏ। ଏହା ଆମ ପାଇଁ କେବଳ ଗୋଟିଏ ପତାକା ନୁହେଁ। ଏହା ଆମ ଦେଶର ଗର୍ବ। ଏହାକୁ ଦେଖିଲେ ମୋତେ ମୋ ଦେଶ ପାଇଁ କିଛି ଭଲ କାମ କରିବାକୁ ଇଚ୍ଛା ହୁଏ। ଶିକ୍ଷକ ଖୁସି ହୋଇ ମିଟୁକୁ ପାଖକୁ ଡାକି ତା'ର ପିଠିକୁ ଥାପୁଡେଇ ଦେଲେ। କହିଲେ, ବାଃ! ଆଜି ତୁମେ ଖୁବ୍ ସୁନ୍ଦର କଥା କହିଲ। ମିଟୁ ଆକାଶରେ ଉଡୁଥିବା ତ୍ରିରଙ୍ଗାକୁ ଚାହିଁ ମନେ ମନେ ଗର୍ବ ଅନୁଭବ କରୁଥାଏ। ସେଦିନ ଘରକୁ ଫେରିବା ବେଳେ ମିଟୁ ତା'ର ଛୋଟ ତ୍ରିରଙ୍ଗାଟିକୁ ହାତରେ ଜାବୁଡ଼ି ଧରିଥିଲା। ତା'ର ମୁହଁରେ ଥିଲା ହସ, ଆଖିରେ ଥିଲା ସ୍ୱପ୍ନ ଏବଂ ହୃଦୟରେ ଥିଲା ଗୋଟିଏ ଗର୍ବର କଥା- ତ୍ରିରଙ୍ଗା ମୋ ଗର୍ବ, ଭାରତ ମୋର ଗର୍ବ।

ରାଜେନ୍ଦ୍ରପୁର, ବାରିକପୁର
ବଜାର, ଭଦ୍ରକ


ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।




ଶୁଭମ୍ ମହାନ୍ତି
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ବିସିପୁର, ମୟୂରଭଞ୍ଜ





ଶୁଭଶକ୍ତି ହାଁସଦା
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ
ମୟୂରଭଞ୍ଜ





ଇପ୍‌ସିତା ଜେନା
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡା, ପୁରୀ





ଶ୍ରୀୟାଦିତା ରାୟ
ପଞ୍ଚମ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ
ନିମାପଡ଼ା, ପୁରୀ




ଦମୟନ୍ତୀ ଟୁଡୁ
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୪୫ ● ପାଉଣ୍ଡ ୧୨୮.୭୩
- ୟୁରୋ ୧୧୦.୦୫ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୦,୧୫୦ (ଭୁବନେଶ୍ୱର)
- ରୁପା : ୨,୫୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୦୦୯.୦୦
- ନିଫ୍ଟି ୨୪,୩୬୬.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦

### ପୁଣି ଟ୍ରମ୍ପ୍‌ଙ୍କ ଟାରିଫ୍ ବୋମା; ଜାତୀୟ ସୁରକ୍ଷାକୁ କରିଲେ ଆଳ

# ଡ୍ରୋନ୍ ଆମଦାନୀ ଉପରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ

**ୱାଶିଂଟନ୍,୧୪।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମାନବହୀନ ଡ୍ରୋନ୍ ଏବଂ ଏହାର ଉପାଦାନଗୁଡ଼ିକର ଆମଦାନୀ ଉପରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଘୋଷଣା କରିଛନ୍ତି । ଏହି ଶୁଳ୍କ ଆମେରିକାର କିଛି ସହଯୋଗୀ ଦେଶରୁ ଆସୁଥିବା ଡ୍ରୋନ୍ ଉପରେ ମଧ୍ୟ ଲାଗୁ ହେବ । ଜାତୀୟ ସୁରକ୍ଷା କାରଣରୁ ଏବଂ ଚୀନ୍ କମ୍ପାନୀଗୁଡ଼ିକ ଦ୍ୱାରା ପ୍ରାଧାନ୍ୟ ବିସ୍ତାରିତ ଏହି କ୍ଷେତ୍ରରେ ଅନ୍ୟ ଦେଶଗୁଡ଼ିକ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଆମେରିକା ଏହି ନିଷ୍ପତ୍ତି ନେଇଛି । ହ୍ୱାଇଟ୍ ହାଉସ୍ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ଏହି ନିଷ୍ପତ୍ତି ଆମେରିକାରେ ଡ୍ରୋନ୍ ଏବଂ ଏହାର ଉପାଦାନଗୁଡ଼ିକର ଘରୋଇ ଉତ୍ପାଦନ ବୃଦ୍ଧି କରିବ ଏବଂ ବିଦେଶୀ ଯୋଗାଣ ଶୃଙ୍ଖଳା ଉପରେ ନିର୍ଭରଶୀଳତା ହ୍ରାସ କରିବ । ଗତ ବର୍ଷ ପର୍ଯ୍ୟନ୍ତ, ଚୀନ୍ କମ୍ପାନୀଗୁଡ଼ିକ ଆମେରିକାର ବାଣିଜ୍ୟିକ ଡ୍ରୋନ୍ ବଜାରର ପ୍ରାୟ ୭୦% ଅଧିକାର କରିଥିଲେ ।

ହ୍ୱାଇଟ୍ ହାଉସ୍ ଅନୁଯାୟୀ, ଜାତୀୟ ସୁରକ୍ଷା ଦୃଷ୍ଟିକୋଣରୁ ସମ୍ବେଦନଶୀଳ ବିବେଚିତ ଡ୍ରୋନ୍ ଉପରେ ୧୦୦% ଶୁଳ୍କ ଲାଗୁ ହେବ । ୨୫ କିଲୋଗ୍ରାମରୁ ଅଧିକ ଓଜନ କିମ୍ବା ଥର୍ମାଲ୍ ଇମେଜିଂ କ୍ଷମତା ଥିବା ଡ୍ରୋନ୍ ଉପରେ ୧୦୦% ଶୁଳ୍କ ଲାଗୁ ହେବ । ୨୫ କିଲୋଗ୍ରାମ କିମ୍ବା ତା'ଠାରୁ କମ୍ ଓଜନର ଟେକ୍-ଅଫ୍ ଓଜନ ଥିବା ଡ୍ରୋନ୍ ଉପରେ ୨୫% ସୀମା ଶୁଳ୍କ ଲାଗୁ ହେବ । ଅଧିକାଂଶ ନୂତନ ଶୁଳ୍କ ନିର୍ଦ୍ଦେଶନାମା ସ୍ୱାକ୍ଷର କରିବାର ୨୧ ଦିନ ମଧ୍ୟରେ କାର୍ଯ୍ୟକାରୀ ହେବ । ଅତ୍ୟନ୍ତ ସମ୍ବେଦନଶୀଳ ବର୍ଗରେ ଆସୁନଥିବା ଡ୍ରୋନ୍ ଉପାଦାନଗୁଡ଼ିକ ଉପରେ ୧୮୦ ଦିନ ପରେ ଶୁଳ୍କ କାର୍ଯ୍ୟକାରୀ ହେବ । ଆମେରିକା କେବଳ ପ୍ରତିପକ୍ଷ ଦେଶରୁ ଆମଦାନି ହୋଇଥିବା ଡ୍ରୋନ୍ ଉପରେ ନୁହେଁ, ବରଂ ନିଜ ସହଯୋଗୀ ଦେଶରୁ ଆମଦାନି ହୋଇଥିବା ଡ୍ରୋନ୍ ଉପରେ ମଧ୍ୟ ଶୁଳ୍କ ଲାଗୁ କରିଛି । ଏହି ଅନୁଯାୟୀ, ବ୍ରିଟେନ୍ ଏବଂ ୟୁରୋପ ସମେତ ୭ଟି ସହଯୋଗୀ ଦେଶ ଉପରେ ମଧ୍ୟ ଏହି ଶୁଳ୍କ ଲାଗୁ ହୋଇଛି ।




ୟୁରୋପୀୟ ସଂଘ (ଇୟୁ), ଜାପାନ, ଲିଚେନଷ୍ଟାଇନ୍, ଦକ୍ଷିଣ କୋରିଆ, ସ୍ୱିଜରଲ୍ୟାଣ୍ଡ ଏବଂ ତାଇୱାନରୁ ଆମଦାନି ହେଉଥିବା ଡ୍ରୋନ୍ ଏବଂ ଅଂଶଗୁଡ଼ିକ ଉପରେ ୧୫% ସୀମା ଶୁଳ୍କ ଲାଗୁ ହେବ । ୟୁକେରୁ ଆମଦାନି ହେଉଥିବା ଡ୍ରୋନ୍ ଉପରେ ୧୦% ଶୁଳ୍କ ଲାଗୁ ହେବ, ଯଦି ସେମାନଙ୍କର ଅଧିକାଂଶ ହାର୍ଡୱେର୍, ସଫ୍ଟୱେର୍ ଏବଂ ପ୍ରଯୁକ୍ତିବିଦ୍ୟା ୟୁକେ କିମ୍ବା ଆମେରିକାରୁ ଉତ୍ପନ୍ନ ହୁଏ । ରିପୋର୍ଟ ଅନୁଯାୟୀ, ଏହି ନିଷ୍ପତ୍ତି ସେତେବେଳେ ଆସିଛି ଯେତେବେଳେ ଟ୍ରମ୍ପ ପ୍ରଶାସନ ଚୀନ୍ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନକୁ ତୀବ୍ର କରୁଛି । ଗତ ବର୍ଷ ଡିସେମ୍ବରରେ, ଫେଡେରାଲ୍ କମ୍ୟୁନିକେସନ୍ କମିଶନ (ଏଫ୍‌ସିସି) ଚୀନ୍ ଡ୍ରୋନ୍ ଆମଦାନୀ ଉପରେ ନିଷେଧ ଘୋଷଣା କରିଥିଲା ଏବଂ ଶତ୍ରୁ ଦେଶଗୁଡ଼ିକର ଡ୍ରୋନ୍ଗୁଡ଼ିକୁ ବେତାର ଯୋଗାଯୋଗ ବ୍ୟବହାର କରିବାରୁ ନିଷେଧ କରିଥିଲା ।

ବିଶ୍ୱ ବଜାରରେ ସେନଜେନ୍-ଭିତ୍ତିକ ଡିଜେଆଇ ଟେକ୍ନୋଲୋଜିଜ୍ ପ୍ରାଧାନ୍ୟ ବିସ୍ତାର କରିଛି, ଯାହା ଗତ ବର୍ଷ ପର୍ଯ୍ୟନ୍ତ ଆମେରିକାର ବାଣିଜ୍ୟିକ ଡ୍ରୋନ୍ ବଜାରର ପ୍ରାୟ ୭୦% ଅଧିକାର କରିଥିଲା । ଏହା ବ୍ୟତୀତ, ଚୀନ୍ ସମ୍ପ୍ରତି ଆମେରିକାକୁ ଡ୍ରୋନ୍ ରପ୍ତାନି ନିଷିଦ୍ଧ କରିଛି ଏବଂ ଆମେରିକାର ବାଣିଜ୍ୟ କଟକଣାର ଜବାବରେ ୬ଟି କମ୍ପାନୀକୁ କଳାତାଲିକାଭୁକ୍ତ କରିଛି । ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ରୁଷ-ୟୁକ୍ରେନ୍ ଯୁଦ୍ଧ ଆଧୁନିକ ଯୁଦ୍ଧରେ ଡ୍ରୋନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଜ୍ଜ୍ୱଳ କରିଛି । ଅଞ୍ଚଳକୁ ରକ୍ଷା ଏବଂ ଦଖଲ କରିବା ପାଇଁ ଉଭୟ ଦେଶ ଦ୍ୱାରା ଡ୍ରୋନ୍‌ର ବ୍ୟବହାର ଏକ ନୂତନ ହାଇବ୍ରିଡ୍ ଯୁଦ୍ଧକୁ ଜନ୍ମ ଦେଇଛି । ଟ୍ରମ୍ପ ତାଙ୍କ ସରକାରୀ ଚିଠିରେ ମାନବବିହୀନ ବିମାନ ପ୍ରଣାଳୀକୁ ଆମେରିକାର ଜାତୀୟ ଏବଂ ଆର୍ଥିକ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରିଛନ୍ତି ।

### ଅଷ୍ଟମ ବେତନ ଆୟୋଗ

# ୨୦୨୭ ମେ' ୩ ପୂର୍ବରୁ ଦାଖଲ ହେବ ରିପୋର୍ଟ

**ନୂଆଦିଲ୍ଲୀ,୧୪।୮ (ଏଜେନ୍ସି):** ସାରା ଦେଶରେ ବର୍ତ୍ତମାନ ୮ମ ବେତନ ଆୟୋଗ ଉପରେ ବ୍ୟାପକ ଆଲୋଚନା ହେଉଛି । କେନ୍ଦ୍ରୀୟ କର୍ମଚାରୀ ଏବଂ ପେନସନଭୋଗୀମାନେ ଆୟୋଗଙ୍କ ସୁପାରିଶ ଯଥାଶୀଘ୍ର କାର୍ଯ୍ୟକାରୀ ହେବା ଆଶା କରୁଛନ୍ତି । ଆଜି ସଂସଦରେ ଏହି ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ରାଜ୍ୟସଭାରେ ସାଂସଦ ନୀରଜ ଶେଖ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କୁ ପ୍ରଶ୍ନ କରିଥିଲେ ଯେ ୮ମ ବେତନ ଆୟୋଗଙ୍କ ସୁପାରିସ ରିପୋର୍ଟ ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରକାଶିତ ହେବ କି ନାହିଁ । ସେ ସରକାରଙ୍କୁ ଏହା ମଧ୍ୟ ପଚାରିଥିଲେ ଯେ ଆୟୋଗ ଏପର୍ଯ୍ୟନ୍ତ କେଉଁ ଅଂଶୀଦାରଙ୍କ ସହ ସାକ୍ଷାତ କରିଛନ୍ତି ଏବଂ ଭବିଷ୍ୟତରେ କେଉଁ ଅଂଶୀଦାରଙ୍କ ସହ ବୈଠକ କରିବେ ।

ଯେତେବେଳେ ସରକାର ୨୦୨୫ ନଭେମ୍ବରରେ ୮ମ ବେତନ ଆୟୋଗ ଘୋଷଣା କରିଥିଲେ, ସେତେବେଳେ ରିପୋର୍ଟ ଦାଖଲ କରିବା ପାଇଁ ୧୮ ମାସ ସମୟ ଦିଆଯାଇଥିଲା । ଅର୍ଥ ରାଷ୍ଟ୍ରମନ୍ତ୍ରୀ ପୂର୍ବରୁ କହିଥିଲେ ଯେ ୮ମ ବେତନ ଆୟୋଗଙ୍କ ସୁପାରିସ ରିପୋର୍ଟ ୨୦୨୭ ମେ ୩ ତାରିଖ ସୁଦ୍ଧା ପ୍ରକାଶିତ ହେବ । ଯଦି ଆୟୋଗ ଚାହାଁନ୍ତି ତେବେ ଏହା ପୂର୍ବରୁ ରିପୋର୍ଟ ପ୍ରକାଶ କରିପାରିବେ । ସେ ୮ମ ବେତନ ଆୟୋଗଙ୍କୁ ସରକାରଙ୍କ ପ୍ରତ୍ୟେକ ବିବରଣୀ ଉପରେ ଅପଡେଟ୍ ନ କରିବା ପାଇଁ କୋହଲତା ମଧ୍ୟ ଦେଇଥିଲେ । ୧୮ ମାସର ସମୟସୀମା ପୂର୍ବରୁ ରିପୋର୍ଟ ଦାଖଲ ହେବ କି ନାହିଁ ତାହା ଆୟୋଗଙ୍କ ଉପରେ ନିର୍ଭର କରେ । ସରକାର ଆୟୋଗ ଉପରେ କୌଣସି ଚାପ ପ୍ରୟୋଗ କରିବେନାହିଁ । ଅର୍ଥ ରାଷ୍ଟ୍ରମନ୍ତ୍ରୀ ମଧ୍ୟ ପେନସନଭୋଗୀ ଏବଂ କର୍ମଚାରୀଙ୍କ ସଂଖ୍ୟା ବିଷୟରେ ଗୃହରେ ସୂଚନା ପ୍ରଦାନ କରିଥିଲେ ।




# କପଡ଼ା, ଜରୁରୀ ସାମଗ୍ରୀ ସବୁ ମହଙ୍ଗା

**ନୂଆଦିଲ୍ଲୀ,୧୪।୮ (ଏଜେନ୍ସି):** ଜୁଲାଇ ମାସରେ ଦେଶର ପାଇକାରୀ ମୁଦ୍ରାସ୍ଫୀତି (ଡବ୍ଲ୍ୟୁପିଆଇ) ସାମାନ୍ୟ ହ୍ରାସ ପାଇ ୯.୭୮%ରେ ପହଞ୍ଚିଛି । ଜୁନ୍ ମାସରେ ଏହି ହାର ୯.୮୭% ରହିଥିଲା । ଅର୍ଥାତ୍ ଜୁନ୍ ତୁଳନାରେ ଜୁଲାଇରେ ପାଇକାରୀ ମୁଦ୍ରାସ୍ଫୀତି ୦.୦୯ ପ୍ରତିଶତ କମିଛି । ଅଗଷ୍ଟ ୧୪ ତାରିଖରେ ସରକାରଙ୍କ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି । ତେବେ ମୁଦ୍ରାସ୍ଫୀତି ହାର ୯.୭୮%କୁ ଖସିବାର ଅର୍ଥ ସାମଗ୍ରୀର ଦାମ୍ କମିଛି ବୋଲି ନୁହେଁ । ବରଂ ସାମଗ୍ରୀର ଦାମ୍ ବଢ଼ିବାର ଗତି ସାମାନ୍ୟ ଧିମା ହୋଇଛି । ସରଳ ଭାବେ କହିଲେ, ଗତବର୍ଷ ଏହି ସମୟରେ ପାଇକାରୀ ବଜାରରେ କୌଣସି ସାମଗ୍ରୀର ଦାମ୍ ୧୦୦ ଟଙ୍କା ଥିଲେ, ଚଳିତ ବର୍ଷ ତାହା ପ୍ରାୟ ୧୦୯.୭୮ ଟଙ୍କା ହୋଇଛି । ଅର୍ଥାତ୍ ଦାମ୍ ହ୍ରାସ ପାଇନାହିଁ, କେବଳ ମହଙ୍ଗା ହେବାର ଗତି ଜୁନ୍ ତୁଳନାରେ ସାମାନ୍ୟ କମିଛି ।

ଖାଦ୍ୟ ଓ ପାନୀୟ ସାମଗ୍ରୀର ଦାମ୍ ଏବେ ମଧ୍ୟ ମୁଦ୍ରାସ୍ଫୀତି ଉପରେ ଚାପ ସୃଷ୍ଟି କରୁଛି ।

**ଜୁଲାଇ ଦେଶର ପାଇକାରୀ ମୁଦ୍ରାସ୍ଫୀତି ୯.୭୮%**

ଡବ୍ଲୁପିଆଇର ଖାଦ୍ୟ ସୂଚକାଙ୍କରେ ପାଇକାରୀ ମୁଦ୍ରାସ୍ଫୀତିରେ ପ୍ରାୟ ୨୪.୯୯% ଅଂଶ ରହିଛି । ଜୁଲାଇରେ ଏହି ସୂଚକାଙ୍କ ୬.୬୫%କୁ ବଢ଼ିଛି, ଯାହା ଜୁନ୍‌ରେ ୬.୧୪% ଥିଲା । ଏହି ସୂଚକାଙ୍କରେ 'ପ୍ରାଇମେରୀ ଆର୍ଟିକଲ୍ସ' ଅଧୀନରେ ଆସୁଥିବା ଖାଦ୍ୟ ସାମଗ୍ରୀ ସହିତ 'ମ୍ୟାନୁଫାକ୍ଚର୍ଡ ପ୍ରଡକ୍ଟ୍ସ' ଅଧୀନରେ ଥିବା କାରଖାନାରେ ପ୍ରସ୍ତୁତ ପ୍ୟାକେଟ୍ ଖାଦ୍ୟ ମଧ୍ୟ ସାମିଲ ରହିଛି । ଅନ୍ୟପଟେ ଇନ୍ଧନ ଓ ବିଦ୍ୟୁତ କ୍ଷେତ୍ରରେ ମୁଦ୍ରାସ୍ଫୀତିର ଚାପ କିଛିଟା କମିଛି । ଜୁନ୍‌ରେ ଏହି କ୍ଷେତ୍ରର ମୁଦ୍ରାସ୍ଫୀତି ୨୭.୪୧% ଥିବା ବେଳେ ଜୁଲାଇରେ ଏହା ୨୦.୦୫%କୁ ହ୍ରାସ ପାଇଛି । ପେଟ୍ରୋଲ, ଡିଜେଲ, ଗ୍ୟାସ ଓ ବିଦ୍ୟୁତ ଭଳି ସାମଗ୍ରୀର ଦାମ୍ ବଢ଼ିବାର ଗତି ଜୁନ୍ ତୁଳନାରେ ଜୁଲାଇରେ ଧିମା ହୋଇଛି । ସାମଗ୍ରିକ ଭାବେ ଜୁଲାଇରେ ପାଇକାରୀ ମୁଦ୍ରାସ୍ଫୀତି ସାମାନ୍ୟ କମିଥିଲେ ମଧ୍ୟ ଖାଦ୍ୟ ସାମଗ୍ରୀ, କଞ୍ଚାମାଲ ଓ ଉତ୍ପାଦିତ ସାମଗ୍ରୀର ଦାମ୍ ବଢ଼ିବା ଚିନ୍ତାର କାରଣ ହୋଇ ରହିଛି । ଇନ୍ଧନ ଓ ବିଦ୍ୟୁତ କ୍ଷେତ୍ରରେ ମୁଦ୍ରାସ୍ଫୀତି ହ୍ରାସ କିଛିଟା ଆଶ୍ୱସ୍ତି ଦେଇଛି ।

**୩ ବର୍ଷରେ ବିଏସ୍‌ଏନ୍‌ଏଲ୍‌ର ୫ଜି ସେବା**

# ୧ ଟଙ୍କିଆ ସ୍ୱତନ୍ତ୍ର ସ୍ୱାଧୀନତା ଦିବସ ଅଫର

**ଭୁବନେଶ୍ୱର,୧୪।୮ (ସମିସ):** ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ଏହାର ମୋବାଇଲ ସେବାକୁ ଅଧିକ ଦକ୍ଷ କରିବା ପାଇଁ ରାଜ୍ୟ ୧୭୪୧ ନୂଆ ୪ଜି ମୋବାଇଲ ଟାୱାର ବସାଇଛି । ୨୦୨୭ ମାର୍ଚ୍ଚ ସୁଦ୍ଧା ୨୪୮୭ ଦୁର୍ଗମ ଅଞ୍ଚଳ ଏବଂ ୮୬୫ ନୂଆ ଗାଁକୁ ୪ ଜି ସେବା ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି । ୪ଜି ସଂଯୋଗ ଶେଷ ହେବା ପୂର୍ବରୁ ୫ଜି ସେବା ଆରମ୍ଭ କରାଯିବ । ବର୍ତ୍ତମାନ ଦିଲ୍ଲୀରେ ପରୀକ୍ଷାମୂଳକ ଭାବେ ୫ଜି ସେବା ଯୋଗାଇ ଦିଆଯାଉଛି । ଆଉ ୨-୩ ବର୍ଷ ମଧ୍ୟରେ ଆମେ ରାଜ୍ୟରେ ୫ଜି ସେବା ଆରମ୍ଭ କରିବୁ ବୋଲି ବିଏସ୍‌ଏନ୍‌ଏଲ୍‌ର ସିଜିଏମ୍ (ଓଡ଼ିଶା ସର୍କଲ୍) ଡି.କେ. ବେହେରା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ପୂର୍ବାପେକ୍ଷା କଲ୍ ଡ୍ରପ୍ ସମସ୍ୟା ବହୁମାତ୍ରାରେ କମିଗଲାଣି । ଅଧିକରୁ ଅଧିକ ଟାୱାର ସ୍ଥାପନ ପରେ ବିଟିଏସ୍ ସଂସ୍ଥାପନ ହୋଇଗଲେ କଲ୍ ଡ୍ରପ୍ ସମସ୍ୟା ଆଉ ରହିବନି । ଭାରତନେଟ୍ ପ୍ରକଳ୍ପ ଅଧୀନରେ ରାଜ୍ୟର ୩୧୪ ବ୍ଲକ୍‌ର ୬୭୯୮ ପଞ୍ଚାୟତରେ ହାଇସ୍ପିଡ୍ ଇଣ୍ଟରନେଟ୍ ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି ।




ବିଏସ୍‌ଏନ୍‌ଏଲ୍ ଏହାର ଗ୍ରାହକମାନଙ୍କ ଲାଗି ୧ ଟଙ୍କିଆ ସ୍ୱତନ୍ତ୍ର ସ୍ୱାଧୀନତା ଦିବସ ଅଫର ଆଣିଛି । ଏହାର ୧ ଟଙ୍କାର ଫ୍ରିଡମ୍ ଅଫରରେ ଗ୍ରାହକ ମାତ୍ର ୧ ଟଙ୍କା ଦେଇ ଅସୀମିତ ଭଏସ୍ କଲ୍ ସହ ଦୈନିକ ୧ ଜିବି ଡାଟା ଏବଂ ୧୦୦ ଏସ୍‌ଏମ୍‌ଏସ୍ ପାଇପାରିବେ । ଏହାର ଭାଲିଡିଟି ୨୪ ଦିନ ରହିଛି । ସେହିପରି ଫାଇବର ଫ୍ରିଡମ୍ ପ୍ଲାନ୍‌ରେ ଗ୍ରାହକ ମାସିକ ୧୧୧୧ ଟଙ୍କା ଦେଇ ୫୦୦୦ ଜିବି ସହ ୨୦୦ ଏମ୍‌ବିପିଏସ୍ ବେଗରେ ଇଣ୍ଟରନେଟ୍ ପାଇପାରିବେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ ଗୁରଦାସ ମେହେର, ପିଜିଏମ୍ ଆଇ.ଜି. ସୋରେନ୍ ଏବଂ ଆଇଏଫ୍‌ଏ ଏଚ୍ ହେମ୍ବ୍ରମ୍ ପ୍ରମୁଖ ଉପସ୍ଥିତ ଥିଲେ ।

**ଦେଶରେ ତିଆରି ହେବ ଫାଇଟର ଜେଟ୍ ଇଞ୍ଜିନ୍**

# ହାତ ମିଳାଇବେ ରିଲାଏନ୍ସ-ରୋଲ୍ସ ରୟସ୍

**ନୂଆଦିଲ୍ଲୀ,୧୪।୮ (ଏଜେନ୍ସି):** ଫାଇଟର ଇଞ୍ଜିନ ଡେଭଲପ କରିବାକୁ ଭାରତ ପାଖରେ ଟେକ୍ନୋଲୋଜୀ ନଥିବାରୁ ଅନେକ ସମୟରେ ଭାରତକୁ ପଛଘୁଞ୍ଚା ଦେବାକୁ ପଡୁଥିଲା, ନହେଲେ ଆମେରିକା ଓ ଋଷ ଠାରୁ ସିଧା ସଳଖ ଫାଇଟର ଜେଟ୍ ଆମଦାନୀ କରିବାକୁ ପଡୁଥିଲା । ହେଲେ ଆଗକୁ ଏ ଦିଗରେ ଏକ ଶୁଭ ଖବର ଆସୁଛି । ଭାରତରେ ହିଁ ତିଆରି ହେବାକୁ ଯାଉଛି ଫାଇଟର ଜେଟ୍ ଇଞ୍ଜିନ । ଭାରତୀୟ କମ୍ପାନୀ ରିଲାଏନ୍ସ ଓ ୟୁକେର ଫେମସ କମ୍ପାନୀ ରୋଲ୍ସ ରୟସ୍ ମିଳିତ ଭାବେ ଭାରତର ଆଡଭାନ୍ସଡ୍ ମିଡିୟମ କମ୍ବାଟ୍ ଏୟାରକ୍ରାଫ୍ଟ (ଏମ୍‌ଏମ୍‌ସିଏ) ପ୍ରୋଗ୍ରାମ ପାଇଁ ଫାଇଟର ଜେଟ୍ ଇଞ୍ଜିନ ତିଆରି କରିବେ । କେବଳ ସେତିକି ନୁହେଁ, ଦୁଇ କମ୍ପାନୀ ଭାରତରେ ଏରୋସ୍ପେଶ ଗ୍ୟାସ୍ ଟର୍ବାଇନ କମ୍ପ୍ଲେକ୍ସ ସେଟ୍ ଅପ କରିବେ । ଫଳରେ ଭାରତ ଆଡ୍‌ଭାନ୍ସଡ ଇଞ୍ଜିନ ଓ ପ୍ରୋପଲସନ ଟେକ୍ନୋଲୋଜୀ କେନ୍ଦ୍ର ହୋଇପାରିବ ।

ଭାରତର ଅତ୍ୟାଧୁନିକ ଯୁଦ୍ଧବିମାନ ପ୍ରୋଗ୍ରାମ ଏମ୍‌ଏମ୍‌ସିଏ ପାଇଁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ବ୍ରିଟେନର ରୋଲ୍ସ ରୟେସି ଏକାଠି କାମ କରିବେ । ଉଭୟ କମ୍ପାନୀ ସ୍ୱଦେଶୀ ଯୁଦ୍ଧବିମାନ ଇଞ୍ଜିନର ଡିଜାଇନ୍, ବିକାଶ, ଉତ୍ପାଦନ ଓ ଦୀର୍ଘମିଆଦୀ ସହାୟତା କ୍ଷମତା ଗଢ଼ିବେ । ଏ ଦିଗରେ ରୋଲ୍ସ ରୟସର ଅତ୍ୟାଧୁନିକ ବିମାନ ଇଞ୍ଜିନ୍ ଓ ପ୍ରପଲସନ୍ ଟେକ୍ନୋଲୋଜୀରେ ପୂର୍ବରୁ ଦକ୍ଷତା ରହିଛି । କମ୍ପାନୀ ୟୁକେ ପାଇଁ ଫାଇଟର ଜେଟ୍ ଇଞ୍ଜିନ ତିଆରି କରିବାରେ ମାହିର ।

# ଆରପିଏଫ୍ ପକ୍ଷରୁ 'ଅପରେସନ୍ ସେବା'

**ଅହମଦାବାଦ୍,୧୪।୮:** 'ଅପରେସନ୍ ସେବା' ଅଧୀନରେ ଏକ ଦ୍ରୁତ ଏବଂ ସମନ୍ୱିତ ଅଭିଯାନରେରେଳ ସୁରକ୍ଷା ବଳ (ଆରପିଏଫ୍) ଅହମ୍ମଦାବାଦ ଡିଭିଜନ ଯୋଧପୁରରୁ ଅପହରଣ ହୋଇଥିବା ଅଭିଯୋଗରେ ଦୁଇ ନାବାଳିକା ଝିଅଙ୍କୁ ଅହମ୍ମଦାବାଦ ରେଳ ଷ୍ଟେସନରୁ ସଫଳତାର ସହ ଉଦ୍ଧାର କଲା ଏବଂ ଏହି ମାମଲାରେ ଜଡିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ଆରପିଏଫ୍ ଅହମ୍ମଦାବାଦ ପୋଲିସ ଷ୍ଟେସନ କୁଡି ଭଗତସାନି (ଯୋଧପୁର ସହର) ରୁ ଟ୍ରେନରେ ଯାତ୍ରା କରୁଥିବା ସନ୍ଦେହରେ ଦୁଇ ନିଖୋଜ ନାବାଳିକା ଝିଅଙ୍କ ସମ୍ପର୍କରେ ସୂଚନା ପାଇଲା । ସୂଚନା ପାଇବା ପରେ, ଆରପିଏଫ୍ ଇନ୍ସପେକ୍ଟର (ଆଇପିଏଫ୍/ଏଡିଆଇ) ତୁରନ୍ତ ସବ-ଇନ୍ସପେକ୍ଟର (ଏସଆଇ) ସୋନୁ କୁମାର, ଆସିଷ୍ଟାଣ୍ଟ ସବ-ଇନ୍ସପେକ୍ଟର (ଏଏସଆଇ) ରିତେଶ ଯାଦବ ଏବଂ ଅନ୍ୟାନ୍ୟ ଆରପିଏଫ୍ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଦଳ ଗଠନ କରିଥିଲେ । ଆରପିଏଫ୍ ଦଳ ଅହମ୍ମଦାବାଦ ରେଳ ଷ୍ଟେସନରେ ଟ୍ରେନ ନମ୍ବର ୨୦୬୯୩ ଯୋଧପୁର-କେଏସଆର ବେଙ୍ଗାଲୁରୁ ଏକ୍ସପ୍ରେସ ଯାଞ୍ଚ କରିବା ସମୟରେ ଜଣେ ନାବାଳିକା ଝିଅକୁ ଚିହ୍ନଟ କଲା । ଝିଅ ସହିତ ଥିବା ବ୍ୟକ୍ତି ଖସିଯିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଦଳ ତାଙ୍କୁ ପିଛା କରି ଧରିଥିଲା । ଗିରଫ ହେବା ପୂର୍ବରୁ, ଅଭିଯୁକ୍ତ ତାଙ୍କ ମୋବାଇଲ୍ ଫୋନ୍ (ଯାହାର ମେସେଜ୍/କଲ୍ ରେକର୍ଡ ଡିଲିଟ୍ କରାଯାଇଥିଲା) ଟ୍ରେନ୍ ରୁ ଫିଙ୍ଗି ଦେଇଥିଲା ।




# ସରକାର ହଟାଇଲେ ୧୨ ମିନିଟ୍ ବିଜ୍ଞାପନର ସମୟ ସୀମା

**ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି):** ଭାରତ ସରକାର ଟେଲିଭିଜନ ଚ୍ୟାନେଲଙ୍କ ନିମନ୍ତେ ଆଡଭର୍ଟାଇଜମେଣ୍ଟ ଅବଧି ଉପରେ ଲଗାଇଥିବା ୧୨ ମିନିଟ୍ ସମୟ ସୀମାକୁ ପ୍ରତ୍ୟାହାର କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । ସରକାର ଶୁକ୍ରବାର ଏ ସମ୍ପର୍କିତ ଆଦେଶ ମଧ୍ୟ ଜାରି କରିଛନ୍ତି । ସରକାର ଟେଲିଭିଜନ ନିମନ୍ତେ ଆଡଭର୍ଟାଇଜମେଣ୍ଟ ସମୟସୀମା ୨୦୦୬ ମସିହାରେ କେବୁଲ ଟେଲିଭିଜନ ନେଟୱାର୍କ ନିୟମ ୧୯୯୪ ଅନୁସାରେ ଲାଗୁ କରିଥିଲେ । ସେବେଠାରୁ ଏ ପର୍ଯ୍ୟନ୍ତ ଟିଭି ବ୍ରଡକାଷ୍ଟିଂ ସେକ୍ଟରରେ ଅନେକ ପରିବର୍ତ୍ତନ ହୋଇ ସାରିଲାଣି ।

**ଟିଭି ଚ୍ୟାନେଲଙ୍କୁ ବଡ଼ ଆଶ୍ୱସ୍ତି**

୨୦୦୬ ମସିହାରେ ଦେଶରେ ମାତ୍ର ୬୨ଟି ଟେଲିଭିଜନ ଚ୍ୟାନେଲ ଥିଲେ । ଏବେ ଦେଶରେ ମୋଟ ୯୦୦ଟି ଟେଲିଭିଜନ ଚ୍ୟାନେଲ କାର୍ଯ୍ୟ କରୁଛନ୍ତି । ସେତେବେଳେ ଟେଲିଭିଜନ ଚ୍ୟାନେଲ ଦେଖିବାର ମୁଖ୍ୟ ମାଧ୍ୟମ କେବୁଲ ଟେଲିଭିଜନ ଥିଲା । ଏହା ଏକ ଆନାଲଗ ମାଧ୍ୟମ । ଏହାର କ୍ଷମତା ସୀମିତ ଥିଲା । ଏଥିରେ କଷ୍ଟମରଙ୍କ ନିକଟରେ ଖୁବ କ୍ୱଚିତ ବିକଳ୍ପ ରହୁଥିଲା । ଏବେ କେବୁଲ ଟିଭି ସେକ୍ଟର ସମ୍ପୂର୍ଣ୍ଣ ଡିଜିଟାଲ ହୋଇ ସାରିଲାଣି । ଏବେ ଡିଟିଏଚ, କେବୁଲ ଟିଭି, ଆଇପିଟିଭି ଓ ଏଚଆଇଟିଏସ ଭଳି ଟେଲିଭିଜନ ଡିଷ୍ଟ୍ରିବ୍ୟୁସନ ପ୍ଲାଟଫର୍ମ ଡିଜିଟାଲ ହୋଇଯାଇଛି । ଏହି ସବୁ ପ୍ଲାଟଫର୍ମ ଏବେ ୩୦୦ରୁ ୫୦୦ ବା ଏହାଠୁ ଅଧିକ ଚ୍ୟାନେଲ ଦେଖାଉଛନ୍ତି । ଏଥିରୁ ଗ୍ରାହକଙ୍କ ଅଲଗା ଅଲଗା ଆବଶ୍ୟକତା ପୂରଣ ହେଉଛି । ଏହା ଛଡା ଦର୍ଶକଙ୍କୁ ଅଧିକ ବିକଳ୍ପ ମଧ୍ୟ ମିଳୁଛି । ମାର୍କେଟରେ କମ୍ପିଟେସନ ଏବେ ଢେର ବଢି ଯାଇଛି ।

# ଆଇସିଆଇସିଆଇ ପ୍ରୁ ଆଇପ୍ରୋଟେକ୍ଟ ସ୍ମାର୍ଟ ହର୍ ର ଶୁଭାରମ୍ଭ

**ଭୁବନେଶ୍ୱର,୧୪।୮ (ସମିସ):** ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଏକ ସମ୍ପୂର୍ଣ୍ଣ ଟର୍ମ ପ୍ଲାନ୍ ଆଇସିଆଇସିଆଇ ପ୍ରୁ ଆଇପ୍ରୋଟେକ୍ଟ ସ୍ମାର୍ଟ ହର୍ ର ଶୁଭାରମ୍ଭ କରିଛି । ଜୀବନ ବିମା ସହିତ ସ୍ୱାସ୍ଥ୍ୟ ଓ ୱେଲନେସ୍ ଲାଭକୁ ଯୋଡ଼ି ମହିଳାମାନଙ୍କର ବଦଳୁଥିବା ସୁରକ୍ଷା ଓ ସ୍ୱାସ୍ଥ୍ୟ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ଯୋଜନାଟି ପ୍ରସ୍ତୁତ କରାଯାଇଛି । ଏହି ଶୁଭାରମ୍ଭ ସମ୍ପର୍କରେ ମତାମତ ଦେଇ ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନ୍‌ସ୍ୟୁରାନ୍ସର ଚିଫ୍ ପ୍ରୋଡକ୍ଟ ଅଫିସର୍ ବିକାଶ ଗୁପ୍ତା କହିଛନ୍ତି, ଭାରତୀୟ ମହିଳାମାନେ ଅନେକ ଭୂମିକା ନିର୍ବାହ କରନ୍ତି । ଫଳରେ ସେମାନଙ୍କର ଆର୍ଥିକ ଯୋଜନା ଆବଶ୍ୟକତା ଭିନ୍ନ ହୋଇଥାଏ ଏବଂ ଜୀବନର ବିଭିନ୍ନ ପର୍ଯ୍ୟାୟରେ ଏହା ବଦଳିଥାଏ । ଆଇସିଆଇସିଆଇ ପ୍ରୁ ଆଇପ୍ରୋଟେକ୍ଟ ସ୍ମାର୍ଟ ହର୍ ର ମହିଳାମାନଙ୍କର ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଓ ୱେଲନେସ୍ ଆବଶ୍ୟକତାକୁ ପୂରଣ କରିବା ସହିତ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇବା ପାଇଁ ପ୍ରସ୍ତୁତ କରାଯାଇଛି ।

# ଯୁବ ହେଉଛି କର୍ପୋରେଟ୍ ଇଣ୍ଡିଆର ବୋର୍ଡରୁମ୍

## ବୋର୍ଡରେ ୪୦ ବର୍ଷରୁ କମ୍ ବୟସ୍କଙ୍କ ସଂଖ୍ୟାରେ ୩ ଗୁଣରୁ ଅଧିକ ବୃଦ୍ଧି

**ନୂଆଦିଲ୍ଲୀ,୧୪।୮ (ଏଜେନ୍ସି):** କ୍ରମଶଃ କର୍ପୋରେଟ୍ ଇଣ୍ଡିଆର ବୋର୍ଡରୁମ୍‌ଗୁଡ଼ିକ ଯୁବ ହେବାରେ ଲାଗିଛି । ହେଲେ ଏହା ତୁଳନାରେ ଦେଶର ସର୍ବବୃହତ ତାଲିକାଭୁକ୍ତ କମ୍ପାନୀଗୁଡ଼ିକ ଏବେ ବି ପଛରେ ଅଛନ୍ତି । ପ୍ରାଇମ୍‌ଇନ୍‌ଫୋବେସ୍‌ଡଟ୍‌କମ୍ ରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଅଗଷ୍ଟ ୪ ସୁଦ୍ଧା ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ନିର୍ଦ୍ଦେଶକଙ୍କ ହାରାହାରି ବୟସ ୫୬.୫୪ ବର୍ଷକୁ ହ୍ରାସ ପାଇଛି । ଦଶ ବର୍ଷ ପୂର୍ବେ, ୨୦୧୭ ମାର୍ଚ୍ଚ, ୩୧ରେ, ଏହି ବୟସ ୫୮.୯୨ ବର୍ଷ ଥିଲା । ୪୦ ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କ ଦ୍ୱାରା ଧାରଣ କରାଯାଇଥିବା ବୋର୍ଡ ସିଟ୍ ସଂଖ୍ୟା ମଧ୍ୟ ତିନିଗୁଣରୁ ଅଧିକ ବୃଦ୍ଧି ପାଇଛି ।

ଯଦି ଆମେ ବଡ଼ କମ୍ପାନୀଗୁଡ଼ିକର ବୋର୍ଡଗୁଡ଼ିକୁ ଦେଖିବା, ଯଥା ନିଫ୍ଟି ୧୦୦ ଏବଂ ନିଫ୍ଟି ୫୦୦ କମ୍ପାନୀଗୁଡ଼ିକ ପରିସ୍ଥିତି ଟିକିଏ ଭିନ୍ନ । ଏପରି କମ୍ପାନୀଗୁଡ଼ିକର ବୋର୍ଡ ସଦସ୍ୟମାନେ ଟିକିଏ ବୟସ୍କ । ଚଳିତ ବର୍ଷ ଅଗଷ୍ଟ ୪ ସୁଦ୍ଧା, ସେମାନଙ୍କର ହାରାହାରି ବୟସ ୬୧.୨୮ ବର୍ଷ ଏବଂ ୬୦.୫ ବର୍ଷ ଥିଲା । ଏହା ଦର୍ଶାଉଛି ଯେ ବଡ଼ କମ୍ପାନୀଗୁଡ଼ିକ ଏବେ ବି ଅଧିକ ଅଭିଜ୍ଞ ନିର୍ଦ୍ଦେଶକଙ୍କୁ ପସନ୍ଦ କରନ୍ତି । ଏନ୍‌ଏସ୍‌ଇ ରେ ତାଲିକାଭୁକ୍ତ ସମସ୍ତ ୩୦୦୩ କମ୍ପାନୀକୁ ଦେଖିଲେ, ଚଳିତ ବର୍ଷ ଅଗଷ୍ଟ ୪ ସୁଦ୍ଧା, ୪୦ ବର୍ଷରୁ କମ୍ ବୟସର ନିର୍ଦ୍ଦେଶକମାନେ ୨୨୬୧ ଆସନ ଧାରଣ କରିଥିଲେ । ୨୦୧୭ ମାର୍ଚ୍ଚ ୩୧, ସୁଦ୍ଧା, ଏହି ସଂଖ୍ୟା ୧୫୭୭ କମ୍ପାନୀରେ ୭୫୦ ଥିଲା । ସ୍ୱାଧୀନ ନିର୍ଦ୍ଦେଶକଙ୍କ କ୍ଷେତ୍ରରେ ଏହି ପରିବର୍ତ୍ତନ ଆହୁରି ସ୍ପଷ୍ଟ । ଏନ୍‌ଏସ୍‌ଇ କମ୍ପାନୀଗୁଡ଼ିକରେ ୪୦ ବର୍ଷରୁ କମ୍ ବୟସର ସ୍ୱାଧୀନ ନିର୍ଦ୍ଦେଶକଙ୍କ ସଂଖ୍ୟା ୨୩୦ ରୁ ଚାରିଗୁଣରୁ ଅଧିକ ବୃଦ୍ଧି ପାଇ ୧୦୪୦ (ଅଗଷ୍ଟ ୪ ସୁଦ୍ଧା) ହୋଇଛି ।



### ବୃହତ୍ ତାଲିକାଭୁକ୍ତ କମ୍ପାନୀ ଏବେ ବି ପଛରେ

ସାମଗ୍ରିକ ଭାବରେ, ଏନ୍‌ଏସ୍‌ଇ କମ୍ପାନୀଗୁଡ଼ିକରେ ୪୦ ବର୍ଷରୁ କମ୍ ବୟସର ନିର୍ଦ୍ଦେଶକଙ୍କ ଅଂଶ ବର୍ତ୍ତମାନ ୧୦% ଅତିକ୍ରମ କରିଛି । ଏକ ଦଶନ୍ଧି ପୂର୍ବେ ଏହା ୬% ଥିଲା । ସେହିପରି, ୪୫ ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କ ଅଂଶ ୧୧% ରୁ ପ୍ରାୟ ୧୭% କୁ ବୃଦ୍ଧି ପାଇଛି । ନିଫ୍ଟି ୧୦୦ କମ୍ପାନୀ ମଧ୍ୟରେ, କେବଳ ୧୯ ଜଣ ନିର୍ଦ୍ଦେଶକ ୪୦ ବର୍ଷରୁ କମ୍ ବୟସର, ଯାହା ମୋଟ ୯୫୯ ଆସନର ପ୍ରାୟ ୨% ପ୍ରତିନିଧିତ୍ୱ କରେ । ଦଶ ବର୍ଷ ପୂର୍ବେ, ୧୦୮୨ ଆସନ ମଧ୍ୟରୁ କେବଳ ୧୨ ଟି ଏପରି ଆସନ (୧.୧%) ଥିଲା । ମୋନିକା ଅଗ୍ରୱାଲ, ଅଧକ୍ଷା ଏବଂ ବିଶ୍ୱ ପରାମର୍ଶଦାତା ଫିଲ୍ଡ ହାଓର ଭାରତ ମୁଖ୍ୟ, କହିଛନ୍ତି ଯେ ନିଫ୍ଟି ୧୦୦ ଏବଂ ୫୦୦ ବହୁତ ପୁରୁଣା ଏବଂ ଅଧିକ ପ୍ରତିଷ୍ଠିତ କମ୍ପାନୀ, ତେଣୁ ସେମାନଙ୍କର ବୋର୍ଡଗୁଡ଼ିକରେ ଅଧିକ ଅଭିଜ୍ଞ ଲୋକ ଅଛନ୍ତି । ନୂତନ ଯୁଗର କମ୍ପାନୀଗୁଡ଼ିକ ଏଆଇ, ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ୍ ମାର୍କେଟିଂରେ ଜ୍ଞାନୀ ବୋର୍ଡ ସଦସ୍ୟ ଖୋଜୁଛନ୍ତି । ପ୍ରଯୁକ୍ତିବିଦ୍ୟା ମାର୍କେଟିଂ ଏବଂ ଡିଜିଟାଲ୍ ଭଳି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ନୂତନ ଚିନ୍ତାଧାରା ଆଣିପାରୁଥିବା ଯୁବ ନେତାଙ୍କ ଚାହିଦା ବଢ଼ୁଛି । ପ୍ରାଇମ୍ ଡାଟାବେସ୍ ଗ୍ରୁପ୍‌ର ଏମ୍ଡି ପ୍ରଣବ ହାଲଦିଆ କୁହନ୍ତି ଯେ ଏହି ପାର୍ଥକ୍ୟ ମୁଖ୍ୟତଃ କମ୍ପାନୀଗୁଡ଼ିକର ଗଠନ ଯୋଗୁଁ ।

### ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍ ଆଜି ଆରମ୍ଭ

# ଗରମ, କୁକାବୁରା ଭାରତର ବଡ଼ ପ୍ରତିଦ୍ୱନ୍ଦ୍ୱୀ

ଗଲ,୧୪।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତାକାଲି ବା ଶନିବାରରୁ ଏଠାରେ ଆରମ୍ଭ ହେବ। ମ୍ୟାଚ୍ ଖେଳାଯିବାକୁ ଥିବା ଗଲ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ପିଚ୍ ଭାରତୀୟ ଉପମହାଦେଶର ପିଚ୍ ହୋଇଥିବାରୁ ଭାରତକୁ ଏଠାରେ ଖେଳିବା ଲାଗି ବିଶେଷ କଷ୍ଟ ହେବା କଥା ନୁହେଁ। କିନ୍ତୁ ପିଚ୍ କିମ୍ବା ଘରୋଇ ଖେଳାଳି ନୁହଁନ୍ତି, ଏଠାରେ ଭାରତର ବଡ଼ ପ୍ରତିଦ୍ୱନ୍ଦ୍ୱୀ ହେଉଛି ଅସହ୍ୟ ଗରମ ଓ ଆଦ୍ରତା। ବର୍ଷା ହେବା ପରେ ଅସହ୍ୟ ଗରମ ହେଉଛି। ଏହା ସହ କୁକାବୁରା ବଲ୍‌ରେ ଖେଳିବା ମଧ୍ୟ କଷ୍ଟକର। ଶ୍ରୀଲଙ୍କାର ଖେଳାଳି ଯେତିକି ଅସୁବିଧା ସୃଷ୍ଟି ନ କରିବେ ଏହି ଦୁଇଟି କାରଣ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନରେ ପ୍ରତିବନ୍ଧକ ସୃଷ୍ଟି କରିଛି।

ବୋଲିଂ କୋଚ୍ ମୋର୍ଣ୍ଣ ମୋର୍କେଲଙ୍କ କହିବା କଥା ହେଲା ଡ୍ୟୁକ୍ ବଲ ଭଳି କୁକାବୁରା ବଲ ୨୦ରୁ ୨୫ ଓଭରପରେ ଢ଼ିଲା ହୋଇଯାଉଛି। ଏହି ସମୟରେ କିପରି ବୋଲିଂ କରିବାକୁ ହେବ ତାହା ଚିନ୍ତାର କାରଣ ହୋଇଛି। ବଲ ଢ଼ିଲା ହୋଇଗଲେ ସ୍ପିନର ପ୍ରଭାବଶାଳୀ ହୋଇ ପାରିବେ ନାହିଁ। ରିଭର୍ସ ସୁଇଂ ଓ ସଟ୍ ବଲ ହିଁ ଭରସା। ପିଚ୍ ମନ୍ଥର ହୋଇଗଲେ ଏହା ସମ୍ଭବ ହେବ ନାହିଁ।

**ସମ୍ଭାବ୍ୟ ଭାରତୀୟ ଦଳ** : ଲୋକେଶ ରାହୁଲ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଦେବଦତ୍ତ ପାଡିକଲ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ (ୱିକେଟରକ୍ଷକ), ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ମାନବ ସୁତାର, କୁଳଦୀପ ଯାଦବ, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା। **ରିଜର୍ଭ** - ଗୁରନୁର ବ୍ରାର, ସର୍ଫରାଜ ଖାନ, ସାରାଂଶ ଜୈନ, ଆକ୍ୱିବ ନବି।

**ଶ୍ରୀଲଙ୍କା ଦଳ** : ଲାହିରୁ ଉଦାରା, ନିଶାନ ମଦୁସ୍କା, ଦିନେଶ ଚାଣ୍ଡିମଲ, କାମିନ୍ଦୁ ମେଣ୍ଡିସ୍ (ଉପଅଧିନାୟକ), ଧନଞ୍ଜୟ ଡି ସିଲ୍‌ଭା (ଅଧିନାୟକ), ନିରୋସନ ଡିକ୍‌ୱେଲା (ୱିକେଟ ରକ୍ଷକ), ସୋନାଲ ଦିନୁଶା, ରମେଶ ମେଣ୍ଡିସ୍, ପ୍ରବାତ ଜୟସୁରିଆ, ଅସିଥା ଫର୍ଣ୍ଣାଣ୍ଡୋ, ଲାହିରୁ କୁମାରା।

**ରିଜର୍ଭ**- କେଶରା ନୁୱାନ୍ଥା, ମିଲନ ରତନାୟକେ, ବିଶ୍ୱ ଫର୍ଣ୍ଣାଣ୍ଡୋ, ଦିଲସାନ ମଦୁଶଙ୍କା, ପାସିନ୍ଦୁ ସୁରିଆବାନ୍ଦରା।



ଖେଳ ଆରମ୍ଭ- ପୂର୍ବାହ୍ଣ ୧୦ଟା
ଟିଭି ପ୍ରସାରଣ- ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ - ସୋନି ଲାଇଭ୍

### ଓସିଏ କର୍ମକର୍ତ୍ତା ନିର୍ବାଚନ

## ବିସିସିଆଇକୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

କଟକ,୧୪।୮ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର କର୍ମକର୍ତ୍ତା ନିର୍ବାଚନ ପ୍ରସଂଗ ନେଇ ଦାୟର ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ପ୍ରସଂଗରେ ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ (ବିସିସିଆଇ)କୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ସନରାଇଜ କ୍ଲବ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ସାବିତ୍ରୀ ରଥ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟ ପ୍ରତିପକ୍ଷମାନେ ମଧ୍ୟ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ କରିପାରିବେ। ଅଗଷ୍ଟ ୨୧କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। କାର୍ଯ୍ୟକାଳ ଶେଷ ହୋଇଥିବା ଓସିଏର ବିଭିନ୍ନ ପଦପଦବୀ ପାଇଁ ନିୟମ ଅନୁସାରେ ନିର୍ବାଚନ ଘୋଷଣା କରାଯାଉ ଏବଂ ବିଭିନ୍ନ କର୍ମକର୍ତ୍ତା ନିର୍ବାଚିତ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ମାମଲାରେ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ, ବିସିସିଆଇ, ଓସିଏ, ଓସିଏ ସଭାପତି, ଉପସଭାପତି, ଯୁଗ୍ମସଚିବ, କୋଷାଧ୍ୟକ୍ଷ ଓ କଟକ ଜିଲ୍ଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ଜେଏଫ୍‌ସିକୁ ୧୦୦ ଟଙ୍କାରେ ବିକିଦେଲା ଟାଟା ଷ୍ଟିଲ

ରାଞ୍ଚି,୧୪।୮ (ଏଜେନ୍ସି): ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଟିମ୍ ଜାମ୍‌ସେଦପୁର ଫୁଟବଲ କ୍ଲବ୍ (ଜେଏଫ୍‌ସି)କୁ ମାତ୍ର ୧୦୦ ଟଙ୍କାରେ ଏହାର ଫ୍ରାଞ୍ଚାଇଜ୍ ମାଲିକ ଟାଟା ଷ୍ଟିଲ ଗୋଆର ଚର୍ଚ୍ଚିଲ ବ୍ରଦର୍ସକୁ ବିକ୍ରି କରିଦେଇଛି। ଏହା ଫଳରେ ଟାଟା ଷ୍ଟିଲ୍‌ର ଆଇଏସ୍‌ଏଲ୍‌ରେ ପ୍ରତିନିଧିତ୍ୱ ଶେଷ ହୋଇଛି। ସେପ୍ଟେମ୍ବର ମାସରୁ ଚର୍ଚ୍ଚିଲ ବ୍ରଦର୍ସ ଜେଏଫ୍‌ସିର ସମସ୍ତ ଦାୟିତ୍ୱ ନେବ। ଜେଏଫ୍‌ସିର ସମସ୍ତ ଅଂଶଧନକୁ ମଧ୍ୟ ଚର୍ଚ୍ଚିଲ ବ୍ରଦର୍ସକୁ ଟାଟା ଷ୍ଟିଲ ହସ୍ତାନ୍ତର କରିଛି। ଏହା ସହ କ୍ଲବର ୧୨ଜଣ ଖେଳାଳି ଓ ୨ ଜଣ କୋଚ୍‌ଙ୍କ ଦାୟିତ୍ୱ ଗ୍ରହଣ କରିବ।

## ଏସିଆ କପ୍ ଓ ଏସିଆଡ୍‌ରୁ ବାଦ୍ ପଡ଼ିଲେ ଜେମିମା

ମୁମ୍ବାଇ,୧୪।୮ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ ଦଳର ଅନ୍ୟତମ ନିର୍ଭରଯୋଗ୍ୟ ବ୍ୟାଟର ଜେମିମା ରୋଡ୍ରିଗ୍ସ ଆଘାତ ଜନିତ କାରଣରୁ ଏସିଆ କପ୍ ଓ ଏସିଆନ ଗେମ୍ସରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ପ୍ରତୀକା ରାୱଲଙ୍କୁ ଦଳରେ ସାମିଲ କରାଯାଇଛି। ୟୁଏଇରେ ଏସିଆ କପ୍ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୩ଯାଏ, ଏସିଆନ ଗେମ୍ସ ସେପ୍ଟେମ୍ବର ୧୭ରୁ ୨୨ଯାଏ ଖେଳାଯିବ।

## ତାନ୍‌ଜିଦ୍‌ଙ୍କ ପ୍ରଥମ ଶତକ

ଡାରୱିନ୍,୧୪।୮ (ଏଜେନ୍ସି): ତାନଜିଦ ହାସନଙ୍କ ପ୍ରଥମ ଟେଷ୍ଟ ଶତକ (୧୦୧ରନ୍) ଓ ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋ (୮୪ରନ୍)ଙ୍କ ଅର୍ଦ୍ଧଶତକ ସହାୟତାରେ ଏଠାରେ ଅଷ୍ଟ୍ରେଲିଆ ସହ ଚାଲିଥିବା ପ୍ରଥମ ଟେଷ୍ଟ ବାଂଲାଦେଶ ୧୫୩ ରନ୍‌ରେ ଆଗୁଆ ରହିଛି। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୯୮ ରନ୍ କରିଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ବାଂଲାଦେଶ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୫୧ ରନ୍ ସଂଗ୍ରହ କରିନେଇଛି।

### ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍ ହକି ଆଜିଠାରୁ

# ଭାରତ-ୱେଲ୍ସ ଉଦ୍‌ଘାଟନୀ ମୁକାବିଲା

ଆମଷ୍ଟଲଭିନ୍,୧୪।୮ (ଏଜେନ୍ସି)


ଭାରତ ଓ ୱେଲ୍ସ ମୁକାବିଲା ସହ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଏକକ କ୍ରୀଡ଼ା ପ୍ରତିଯୋଗିତା ଏଫ୍‌ଆଇଏଚ୍ ବିଶ୍ୱକପ୍ ହକିର ୧୬ତମ ସଂସ୍କରଣ ଆସନ୍ତାକାଲିଠାରୁ ନେଦରଲ୍ୟାଣ୍ଡସ ଓ ବେଲଜିୟମରେ ଆରମ୍ଭ ହେବ। ଅଗଷ୍ଟ ୩୦ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ଦୁଇଟି ଭେନ୍ୟୁ ଯଥା ଆମଷ୍ଟଲଭିନ ଓ ୱାଭରେରେ ଖେଳାଯିବ। ଏଥିରେ ଅଂଶଗ୍ରହଣ କରିଥିବା ୧୬ଟି ଦଳକୁ ୪ଟି ପୁଲ୍‌ରେ ଭାଗ କରାଯାଇଛି। ଏହା ମଧ୍ୟରୁ ପୁଲ୍-ଏ ଓ ପୁଲ୍-ଡି'ର ମ୍ୟାଚ୍‌ଗୁଡିକ ଅମଷ୍ଟଲଭିନ୍‌ରେ ଓ ପୁଏ-ବି ଓ ସି'ର ମ୍ୟାଚ୍ ବେଲଜିୟମର ୱାଭରେ ସହରରେ ଖେଳାଯିବ। ଆସନ୍ତାକାଲି ପୁଲ-ଡି'ରେ ଭାରତ ଓ ୱେଲ୍ସ ମୁକାବିଲାରୁ ଏହି ବିଶ୍ୱକପ୍ ଆରମ୍ଭ ହେବ। ଗୋଟିଏ ଦିନ ପରେ ମହିଳା ଦଳ ଚୀନ୍ ସହ ଖେଳି ଅଭିଯାନ ଆରମ୍ଭ କରିବ। ପୁରୁଷ ଦଳ ଭଳି ମହିଳା ଟିମ୍ ମଧ୍ୟ ପୁଲ-ଡି'ରେ ସ୍ଥାନ ପାଇଛି।




ଭାରତ- ୱେଲ୍ସ ମ୍ୟାଚ୍: ଅପରାହ୍ଣ ୪.୩୦
ଟିଭି ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ
ଲାଇଭ୍ ଷ୍ଟ୍ରିମିଂ- ଜିଓହଟ୍‌ଷ୍ଟାର

ଏହି ପ୍ରତିଯୋଗିତାରେ ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱରେ ଭାରତ ଖେଳିବାକୁ ଯାଉଛି। ଦଳରେ ହରମନପ୍ରୀତ୍, ମନ୍‌ପ୍ରୀତ ସିଂହ, ମନଦୀପ ସିଂହ ଓ ଅମିତ ରୋହିଦାସ ମିଳିତ ଭାବେ ଦଳର ମୋଟ ୪୧ଶତକଡ଼ା ମ୍ୟାଚ୍ ଖେଳିଛନ୍ତି। ଅନ୍ୟମାନେ ନବାଗତ ଓ ଏତେଟା ଅଭିଜ୍ଞ ନୁହଁନ୍ତି। ଅମିତଙ୍କ ପରେ ଶିଳାନନ୍ଦ ଲାକ୍ରା ଓଡ଼ିଶାରୁ ଦ୍ୱିତୀୟ ଖେଳାଳି ଭାବେ ସାମିଲ ହୋଇଛନ୍ତି। ପୁଲ୍-ଏ'ରେ ଇଂଲଣ୍ଡ ନିଃସନ୍ଦେହରେ ଏକ ଶକ୍ତିଶାଳୀ ଦଳ। ୱେଲ୍ସ ଓ ପାକିସ୍ତାନକୁ ହରାଇ ଭାରତକୁ ଦ୍ୱିତୀୟ ରାଉଣ୍ଡରେ ପ୍ରଥମେ ପ୍ରବେଶ କରିବାକୁ ହେବ। ଏହା ପର କଥା ପରେ ନିର୍ଣ୍ଣୟ କରାଯିବ। ମହିଳା ବିଭାଗରେ ସଲିମା ଟେଟେ ଦଳର ନେତୃତ୍ୱ ନେଉଛନ୍ତି। ଦଳ ପୁଲ୍-ଡି'ରେ ଚୀନ୍, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସହ ସ୍ଥାନ ପାଇଛି। ଅଗଷ୍ଟ ୧୬ରେ ଚୀନ ସହ ପ୍ରଥମ, ୧୮ରେ ଇଂଲଣ୍ଡ ସହ ଦ୍ୱିତୀୟ ଓ ୨୦ରେ ଦକ୍ଷିଣ ଆଫ୍ରିକା ସହ ତୃତୀୟ ମ୍ୟାଚ୍ ଖେଳିବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS